R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୨୮
ତିଥି : ତୃତୀୟା
୧୨ ଫେବୃଆରୀ ୨୦୨୪, ସୋମବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 128
12 Feb 2024, Monday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-639

ଆମ ଓଡ଼ିଶା
ନବୀନ ଓଡ଼ିଶା

## Odisha
## The rising IT powerhouse of Eastern India welcomes

## cognizant




### Cognizant joins global giants like Deloitte, IBM, EY, PWC, and Concentrix in setting steps in Odisha

- Thousands of job opportunities will be generated in the next two years.
- This move solidifies Bhubaneswar's premier IT hub in Eastern India status & generates jobs for youths.
- The policies of the Odisha Government are strengthening the technology-driven economy.



**Bhubaneswar is emerging as India's fastest-growing IT city in the East and Northeast, marking a significant milestone in the nation's technological advancement.**

Odisha Technology Centre,Acharya Vihar, Bhubaneswar

OIPR: 16003/13/0127/2324

E & I.T. Department, Government of Odisha



## ସୋସିଆଲ କୋଟ୍ସ

❝ ମୋର ପସନ୍ଦ ଟିକେ ଭିନ୍ନ । ମୁଁ 'ଆନିମଲ' ଦେଖିଛି ହେଲେ ମୋତେ ଆକସନ୍ ଫିଲ୍ମ ପସନ୍ଦ ନୁହେଁ । ମୋତେ ପିଲାବେଳୁ ହିଁ କମେଡି ପସନ୍ଦ । ତେବେ ସମସ୍ତ ଫିଲ୍ମମେକରଙ୍କ ପାଖରେ ନିଜର ପସନ୍ଦକୁ ନେଇ ସ୍ୱାଧୀନତା ରହିଛି । ଏହି ସ୍ୱାଧୀନତାକୁ କୌଣସି ବି ଉପାୟରେ ରୋକାଯାଇ ପାରିବ ନାହିଁ । ଭିନ୍ନଭିନ୍ନ ବ୍ୟକ୍ତିତ୍ୱଙ୍କର ଭିନ୍ନଭିନ୍ନ ପସନ୍ଦ ଓ ନାପସନ୍ଦ ରହିଥାଏ ।

**-ଭୂମି ପେଡନାକର, ଅଭିନେତ୍ରୀ**





❝ ମୁଁ ଫିଲ୍ମରେ ଷ୍ଟଣ୍ଟଗୁଡିକ ନିଜେ କରିବା ପାଇଁ ପ୍ରୟାସ କରିଥାଏ । 'କ୍ରାକ୍' ଫିଲ୍ମ ଫିଜିକାଲି ଖୁବ୍ ଚାଲେଞ୍ଜିଂ ଥିଲା । ଆମକୁ ପ୍ରଥମରୁ ହିଁ କୁହାଯାଇଥିଲା କି ଏହି ଫିଲ୍ମରେ ଅଧିକ ଆକସନ୍ ରହିବ । ଏହା ଶୁଣି ବେଶ୍ ଖୁସି ଲାଗିଥିଲା । ହେଲେ ବିଦ୍ୟୁତ୍‌ଙ୍କୁ ଦେଖିଲା ପରେ ଜାଣିଲି କି ମୋ ଫିଟ୍‌ନେସ୍ ତାଙ୍କ ଆଗରେ କିଛି ନୁହେଁ । ସେ ଆକ୍ସିରେ ବହୁତ ଫିଟ୍ । ତାଙ୍କ ସହିତ କାମ କରି ମୋତେ ଭଲ ଲାଗିଲା, ତାଙ୍କୁ ଠାରୁ ଅନେକ ଫିଟନେସ୍ ଟିପ୍ସ ନେଇଛି ।

**-ଅର୍ଜୁନ ରାମପାଲ, ଅଭିନେତା**

❝ କିରଣ ୨୦୧୦ରେ ତାଙ୍କର ପ୍ରଥମ ଫିଲ୍ମ 'ଧୋବି ଘାଟ' ପ୍ରସ୍ତୁତ କରିଥିଲେ । ଏହାପରେ ତାଙ୍କର ପୂରା ମେଣ୍ଟାଲ ଷ୍ଟେଟ୍ ପୁଅ ଆଜାଦର ପାଖରେ ରହିଲା । ୨ ବର୍ଷ ପରେ ସେ ଅନେକ କାହାଣୀକୁ ନେଇ କାମ କରିଥିଲେ । ସେଥିମଧ୍ୟରୁ ମୋତେ ଅନେକ କାହାଣୀ ପସନ୍ଦ ମଧ୍ୟ ଆସିଛି । ସେ ଜଣେ ଖୁବ ଭଲ ରାଇଟର । ଆମେ ଅନେକ ସମୟରେ ଏକାଠି ବସି କାହାଣୀ ଉପରେ ଆଲୋଚନା କରୁ ।

**-ଆମିର ଖାନ୍, ଅଭିନେତା**





## ବିଶ୍ୱ ବିବାହ ଦିବସ

ବିବାହ କହିଲେ ସାଧାରଣତଃ ଜଣେ ପୁରୁଷ ଜଣେ ମହିଳାଙ୍କ ସହିତ ସାମାଜିକ ଓ ଆଇନଗତ ସ୍ୱିକୃତୀ ସହିତ ସହାବସ୍ଥାନ ଓ ପରସ୍ପର ପ୍ରତି ତଥା ସେମାନଙ୍କର ପିଲା ଓ ସମ୍ପର୍କୀୟଙ୍କ ପ୍ରତି ଅନ୍ତର୍ନିହିତ ଅଧିକାର ତଥା କର୍ତ୍ତବ୍ୟକୁ ବୁଝାଏ । ତେଣୁ ପ୍ରତିବର୍ଷ ଫେବୃଆରୀ ମାସର ଦ୍ୱିତୀୟ ରବିବାରକୁ ବିଶ୍ୱ ବିବାହ ଦିବସ ରୂପେ ପାଳନ କରାଯାଇଥାଏ । ବିବାହକୁ ମର୍ଯ୍ୟାଦା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସକୁ ପାଳନ କରାଯାଏ । ତେଣୁ ଏହି କ୍ରମରେ ଚଳିତବର୍ଷ ଫେବୃଆରୀ ୧୧ ତାରିଖରେ ଏହି ଦିବସ ପାଳନ କରାଯିବ । ଆମେରିକୀୟ ସଙ୍ଗଠନ ଦ୍ୱାରା ବିଶ୍ୱବ୍ୟାପୀ ଏହାର ପ୍ରଚାର ପ୍ରସାର କରିବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ବିବାହ ଦିବସ । ସ୍ୱାମୀ-ସ୍ତ୍ରୀ ହେଉଛନ୍ତି ପରିବାରର ମୁଖ୍ୟ । ସେମାନଙ୍କ ଠାରୁ ହିଁ ଆରମ୍ଭ ହୁଏ ପାରିବାରିକ ଶୃଙ୍ଖଳା । ପରିବାରରୁ ସମାଜ, ପୁଣି ସମାଜରୁ ରାଷ୍ଟ୍ର । ପରିବାରର ମୁଖ୍ୟ ଭାବେ ସ୍ୱାମୀ-ସ୍ତ୍ରୀଙ୍କୁ ସମ୍ମାନ ଦେବା ଅର୍ଥ ଏକ ସମୃଦ୍ଧ ରାଷ୍ଟ୍ରର ପହିଲି ସର୍ଜନାକୁ ସମ୍ମାନିତ କରିବା । ବିଶ୍ୱ ବିବାହ ଦିବସର ସ୍ଲୋଗାନ ହେଉଛି ଜଣେ ଜଣକୁ ଭଲପାଇବା । ଏହି ସ୍ଲୋଗାନର ଅବତାରଣା ବିଶ୍ୱ ଶୃଙ୍ଖଳା ପାଇଁ ଉଦ୍ଦିଷ୍ଟ । ପରସ୍ପର ପ୍ରତି ପ୍ରେମରେ ଅନୁବନ୍ଧିତ ହେବା ଦ୍ୱାରା ହିଁ ଜୀବନର ବାସ୍ତବ ଦିଗକୁ ଆଲୋକିତ କରିହୁଏ ବୋଲି ଏହି ଦିବସ ସୂଚାଇଥାଏ ।

## ପରୀକ୍ଷା ଟିପ୍ସ

**ବର୍ତ୍ତମାନ ପରୀକ୍ଷା ଆରମ୍ଭ ହୋଇଛି ଯାହା ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକଙ୍କର ଦାୟିତ୍ୱକୁ ବଢାଇଛି । ଏହି ସମୟରେ ପିଲା ଯେତିକି ପରିଶ୍ରମ କରିଥାଏ, ବାପା ମା' ମଧ୍ୟ ସେତିକି ପରିଶ୍ରମ କରିଥାଆନ୍ତି । ବିଶେଷଭାବେ ବାପା ମା'ଙ୍କୁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଆସନ୍ତୁ ଜାଣିବା ସେହିଭଳି କିଛି ଟିପ୍ସ ବିଷୟରେ ।**

**ବାସ୍ତବିକତା ଉପରେ ଧ୍ୟାନ ଦିଅନ୍ତୁ :** ଆପଣଙ୍କର ପ୍ରଥମ କାମ ହେଲା ପିଲାର ବାସ୍ତବିକତାକୁ ବୁଝନ୍ତୁ । ପିଲାର ସ୍ଥିତି କଣ ରହିଛି, ତାକୁ କେଉଁ ଭଳି ପ୍ରକାରର ସାହାଯ୍ୟ ଦରକାର ସେ ନେଇ ବୁଝନ୍ତୁ । ଏହି ସମୟରେ ପିଲାକୁ ଯେ କେବଳ ପାଠ ପଢାରେ ସାହାଯ୍ୟ ଆବଶ୍ୟକତା ପଡିଥାଏ ଏପରି ନୁହେଁ । ଏହି ସମୟରେ ଗୋଟିଏ ପିଲାକୁ ମାନସିକ ସ୍ତରରେ ମଧ୍ୟ ସାହାଯ୍ୟ ଓ ସମର୍ଥନର ଆବଶ୍ୟକତା ରହିଥାଏ । ତେଣୁ ପିଲା ସହିତ ସମୟ ବିତାନ୍ତୁ, ତା ସହିତ ପରୀକ୍ଷା ଓ ପାଠ ପଢାକୁ ନେଇ ଆଲୋଚନା କରନ୍ତୁ । ତାର ସମସ୍ୟା ବୁଝି ତାକୁ ପରାମର୍ଶ ଦିଅନ୍ତୁ ।

**ଦଣ୍ଡ ଦିଅନ୍ତୁ ନାହିଁ:** ପରୀକ୍ଷା ସମୟରେ ପିଲାମାନେ ମାନସିକ ସ୍ତରରେ ବଚଳିତ ରହିଥାଆନ୍ତି । ପରୀକ୍ଷାର ଡର ସେମାନଙ୍କୁ ଚିନ୍ତାରେ ପକାଇଥାଏ । ତେଣୁ ଏହି ସମୟରେ ଆପଣ ସେମାନଙ୍କୁ ଦଣ୍ଡ ଅର୍ଥାତ ଗାଳି ନଦେଇ ସେମାନଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ । ସେମାନଙ୍କ ସମସ୍ୟା ବୁଝି ତାଙ୍କୁ ପରାମର୍ଶ ଦିଅନ୍ତୁ, ଯେପରି ସେ ପରୀକ୍ଷା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇପାରିବେ ।

**ଟାଇମ୍ ମ୍ୟାନେଜମେଣ୍ଟ:** ପରୀକ୍ଷା ସମୟରେ ଟାଇମ୍ ମ୍ୟାନେ୍ଜମେଣ୍ଟ ଉପରେ ବିଶେଷ ଧ୍ୟାନ ଦିଅନ୍ତୁ । ପିଲା କେତେବେଳେ କେଉଁ କାମ କରିବ ସେ ନେଇ ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଏହି ତାଲିକା ପ୍ରସ୍ତୁତ ସମୟରେ ପିଲାର ରାୟ ନିଅନ୍ତୁ । ତାର ପସନ୍ଦ ନାପସନ୍ଦକୁ ଧ୍ୟାନରେ ରଖି ଏହି ତାଲିକା ପ୍ରସ୍ତୁତ କରନ୍ତୁ । ଯାହାଫଳରେ ସେ ଏହି ଟାଇମ୍ ଟେବୁଲ ସହ ମାନସିକ ସ୍ତରରେ ଖାପ ଖୁଆଇ ଚଳିପାରିବ ।



## ଲଗନିଆ ହନୁମାନ ମନ୍ଦିର




ବିଶ୍ୱବ୍ୟାପୀ ହନୁମାନଙ୍କର ଅନେକ ମନ୍ଦିର ରହିଛି । ଏହି ମନ୍ଦିରଗୁଡ଼ିକୁ ଭିନ୍ନ ଭିନ୍ନ ନାଁରେ ମଧ୍ୟ ଜଣାଯାଇଥାଏ । ହେଲେ ଅହମ୍ମଦାବାଦର ମେଘାଣୀ ନଗରରେ ଥିବା ଏକ ପ୍ରାଚୀନ ହନୁମାନ ମନ୍ଦିର ଅନନ୍ୟ କାରଣ ପାଇଁ ବିଶେଷ ପ୍ରସିଦ୍ଧି ଅର୍ଜନ କରିଛି । ଏହି ମନ୍ଦିର ଲଗନିଆ ହନୁମାନଜୀ ନାଁରେ ଖୁବ୍ ପରିଚିତ । କୁହାଯାଏ ଏଠାରେ ବିବାହ କରୁଥିବା ପ୍ରେମୀ ଯୁଗଳଙ୍କ ବୈବାହିକ ଜୀବନ ସୁରୁଖୁରୁରେ ବିତିଥାଏ ଏବଂ ଏମାନଙ୍କ ଜୀବନରେ କୌଣସି କଠିନତା ଆସେନାହିଁ । ଶ୍ରୀ ଦାଦା ହନୁମାନ ଚାରିଟେବଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ମନ୍ଦିର ସମଗ୍ର ବିଶ୍ୱରେ ପ୍ରସିଦ୍ଧ । ବିଶେଷକରି ପ୍ରେମୀ ଯୁଗଳମାନେ ଏଠାକୁ ବିବାହ କରିବା ଉଦ୍ଦେଶ୍ୟରେ ଆସିଥାଆନ୍ତି । ଗୁଜରାଟରେ ହୋଇଥିବା ବିନାଶକାରୀ ଭୂକମ୍ପ ପରଠାରୁ ଏହି ମନ୍ଦିରରେ ବିବାହ କରିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି କୁହାଯାଏ । ଭୂକମ୍ପ ପରେ ସମସ୍ତ କୋର୍ଟ ମେଘାଣୀ ନଗର ଅଞ୍ଚଳକୁ ସ୍ଥାନାନ୍ତରିତ ହୋଇଯାଇଥିଲା । ସେତେବେଳେ ସେଠାରେ ହନୁମାନଙ୍କର ଛୋଟିଆ ମନ୍ଦିରଟିଏ ଥିଲା । ପରେ ଓକିଲାମାନେ କୋର୍ଟରେ ଆବେଦନ କରି ଏହି ମନ୍ଦିରରେ ବିବାହ ପାଇଁ ଅନୁମତି ଆଣିଲେ । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଏହି ମନ୍ଦିରରେ ଜାତି କିମ୍ବା ଧର୍ମର କୌଣସି ଭେଦଭାବ ହୁଏନାହିଁ । ଉଭୟ ହିନ୍ଦୁ ଓ ମୁସଲିମ୍‌ମାନଙ୍କର ବିବାହ ଏଠାରେ ସମ୍ପନ୍ନ ହୋଇଥାଏ । ୨୦୦୪ରୁ ଏଠାରେ ବିବାହ ହେଉଥିବାବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୫୦୦୦ ବିବାହ ସମ୍ପନ୍ନ ହୋଇଥିବା ମନ୍ଦିରର ମହନ୍ତ କୁହନ୍ତି ।

## ଗଦର-୨ ଟର୍ଣ୍ଣିଂପଏଣ୍ଟ



କିଛି ଦିନ ତଳେ ଫିଲ୍ମ ଗଦର -୨ ଜରିଆରେ ବି ଟାଉନ୍‌କୁ କମବ୍ୟାକ୍ କରିଛନ୍ତି ଅମିଷା ପଟେଲ । ଏହି ଫିଲ୍ମରେ ଅମିଷାଙ୍କୁ ସନି ଦେଓ୍ୱଲଙ୍କ ସହିତ ଦେଖିବାକୁ ମିଳିଥିଲା, ଯାହା ତାଙ୍କ ପୂର୍ବ ଫିଲ୍ମ ଗଦରର ସିକ୍ୱେଲ୍ ଥିଲା । ଦର୍ଶକ ଏହାକୁ ଖୁବ ଭଲ ପାଇବା ଦେଇଥିଲେ । 'ଗଦର -୨'ର ସଫଳତା ପରେ ବର୍ତ୍ତମାନ ଆଉ ଏକ ସିକ୍ୱେଲ୍‌ରେ ନଜର ଆସିବାକୁ ଯାଉଛନ୍ତି ଅମିଷା । ୨୦୦୨ର ହିଟ୍ ଫିଲ୍ମ 'ହମରାଜ'ର ସିକ୍ୱେଲ ନିର୍ମାଣ ହେବାକୁ ଯାଉଛି । ଏହି ଫିଲ୍ମରେ ଦର୍ଶକ ସେତେବେଳେ ଅମିଷା ପଟେଲ୍, ବବି ଦେଓ୍ୱଲ ଓ ଅକ୍ଷୟ ଖାନ୍ନାଙ୍କୁ ଦେଖିବାକୁ ପାଇଥିଲେ । ଏନେଇ ନିଜେ ଅମିଷା ଏକ ସାକ୍ଷାତକାରରେ ସୂଚନା ଦେଇଛନ୍ତି । ସେ ଏହି ଚର୍ଚ୍ଚା ବିଷୟରେ ମିଡିଆରୁ ଜାଣିବା ପରେ ଖୁବ ଖୁସି ହୋଇଥିବା ପ୍ରକାଶ କରିଛନ୍ତି । ଗଦର-୨ ତାଙ୍କ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ବୋଲି ଅମିଷା ମତ ଦେଇଛନ୍ତି । ବର୍ତ୍ତମାନ 'ହମରାଜ -୨' ପାଇଁ ସ୍କ୍ରିପ୍ଟ ଉପରେ କାମ ଚାଲିଥିବା ନେଇ ସେ ସୂଚନା ଦେଇଛନ୍ତି । ତେବେ ଯଦି ଅମିଷାଙ୍କୁ ହମରାଜ-୨ରେ ଦେଖିବାକୁ ମିଳେ ତେବେ ଏହା ତାଙ୍କ ଫ୍ୟାନଙ୍କ ପାଇଁ ଏକ ବଡ ସରପ୍ରାଇଜ୍ ହେବ । ଅମିଷାଙ୍କ କମ୍‌ବ୍ୟାକ ପରେ ତାଙ୍କ ଫ୍ୟାନମାନେ ବେଶ୍ ଉତ୍ସୁକ ଓ ଖୁସି ଅଛନ୍ତି ।

## ଇତିହାସ

୧୫୪୩- ରୋମ୍ ଓ ଇଂଲଣ୍ଡ ମଧ୍ୟରେ ଫ୍ରାନ୍ସ ବିପକ୍ଷରେ ବୁଝାମଣା ହେଲା ।
୧୬୧୩- ସୁରତରେ କାରଖାନା ସ୍ଥାପନ କରିବା ଲାଗି ମୋଗଲ ସମ୍ରାଟ ଜାହାଙ୍ଗୀର ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଅନୁମତି ଦେଲେ ।
୧୮୧୪- ୟୁରୋପୀୟ ଦେଶ ନର୍‌ୱେ ସ୍ୱତନ୍ତ୍ରତା ଘୋଷଣା କଲା ।
୧୮୨୬- ୟୁନିଭର୍ସିଟି କଲେଜ ଲଣ୍ଡନ ନାଁରେ ଲଣ୍ଡନ ୟୁନିଭର୍ସିଟିର ସ୍ଥାପନା କରାଗଲା ।
୧୯୫୫- ଭାରତରେ ପ୍ରଥମ ଥର ପାଇଁ ଖବରକାଗଜର ପ୍ରକାଶନ କରାଗଲା ।
୧୯୫୯- ଭାରତୀୟ କ୍ରିକେଟର ଭିନୁ ମାକଣ୍ଡ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦିଲ୍ଲୀରେ ନିଜର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଲେ ।
୧୯୬୬- ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଦେହାନ୍ତ ।
୧୯୬୮- ଲେଖକ, ଜନସଘ ସଂସ୍ଥାପକ, ପତ୍ରକାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ହତ୍ୟା କରାଗଲା ।
୧୯୭୭- ଭାରତର ପଞ୍ଚମ ରାଷ୍ଟ୍ରପତି ଫଖରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କ ପରଲୋକ ।
୧୯୯୦- ଦୀର୍ଘ ୨୭ ବର୍ଷ ପରେ ଦକ୍ଷିଣ ଆଫ୍ରିକାର ମହାନ ନେତା ନେଲସନ୍ ମାଣ୍ଡେଲା ଜେଲ୍‌ରୁ ମୁକୁଳିଲେ ।

## ହସକଥା

ମାଷ୍ଟର: ଜାଣିଛ ପିଲାମାନେ ଯଦି ଆମେ ସହୃଦୟରୁ ଭଗବାନଙ୍କୁ କୌଣସି ଜିନିଷ ପାଇଁ ପ୍ରାର୍ଥନା କରିବା ତେବେ ତାହା ନିଶ୍ଚିତ ରୂପେ ସଫଳ ହୋଇଥାଏ ।
ଗପୁ: ଛାଡ଼ନ୍ତୁ ସାର୍ ! ଯଦି ଏମିତି ହୋଇଥାଆନ୍ତା, ତେବେ ଆପଣ ମୋ ସାର୍ ନୁହେଁ, ଶ୍ୱଶୁର ହୋଇଥାଆନ୍ତେ ।

## ଏକ୍ସରସାଇଜ୍ ମୋଟିଭେସନ୍



**ଆଜିକାଲି ଫିଟ୍ ରହିବା ପାଇଁ ସମସ୍ତେ ଚାହୁଁଛନ୍ତି ହେଲେ ଏଥିପାଇଁ ମୋଟିଭେସନର ଆବଶ୍ୟକତା ପଡୁଛି । କିଛି ଦିନ ଏକ୍ସରସାଇଜ କରିବା ପରେ ଏଥିପାଇଁ କେତେଜଣଙ୍କର ଇଚ୍ଛା ହୋଇନଥାଏ । ସେହିଭଳି କେତେଜଣ ଏକ୍ସରସାଇଜ୍ ଆରମ୍ଭ କରିବାକୁ ହିଁ ପଛଘୁଞ୍ଚା ଦେଇଥାଆନ୍ତି । ତେଣୁ ଆସନ୍ତୁ ଜାଣିବା କିଛି ମୋଟିଭେଟ ଟିପ୍ସ...**

▶ପ୍ରଥମେ ନିଜର ଦିନ ହିସାବରେ ଏକ୍ସରସାଇଜ୍ ପାଇଁ ପ୍ଲାନିଂ କରନ୍ତୁ । ଏଭଳି ସମୟ ବାହାର କରନ୍ତୁ ଯେପରି ଆପଣଙ୍କ ଅନ୍ୟ କାମ ଡିଷ୍ଟର୍ବ ହେବ ନାହିଁ ।

▶ଏକ୍ସରସାଇଜ୍ କରିବାବେଳେ ଯଦି ସାଙ୍ଗସାଥୀଙ୍କ ସହ ମିଶି କରିବାର ସୁବିଧା ଅଛି ତେବେ ମିଶିକରି କରନ୍ତୁ । ଏପରି କରିବା ଦ୍ୱାରା ଅନ୍ୟଙ୍କୁ ଦେଖି ଆପଣ ମୋଟିଭେଟ ହେବେ ।

▶ମଝିରେ ମଝିରେ ବ୍ରେକ୍ ନିଅନ୍ତୁ । ମଝିରେ ମଝିରେ ବ୍ରେକ ନେଇ ଏକ୍ସରସାଇଜ୍ କରିବା ଦ୍ୱାରା ଆଗ୍ରହ ବଢିଥାଏ ।

▶ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ ନିଜର ପ୍ରୋଗେସ୍‌କୁ ଟ୍ରାକ କରନ୍ତୁ । ଏହା କରିବା ଦ୍ୱାରା ଆପଣଙ୍କୁ ମୋଟିଭେସନ ମିଳିଥାଏ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୨୮
ତିଥି : ଦ୍ୱିତୀୟା
୧୧ ଫେବୃଆରୀ ୨୦୨୪, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 128
11 Feb 2024, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଜନଜାତି ଲୋକଙ୍କ ଭାଗିଦାରୀକୁ ନେଇ ମହାସମାବେଶ

## ଜନଜାତି ସଂସ୍କୃତି ସଂରକ୍ଷଣ ଲାଗି ନିଆଯିବ ପଦକ୍ଷେପ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୨ (ସବ୍ୟୁ) : ସମଗ୍ର ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ପାଳନ କରି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆଜି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ହିତାଧିକାରୀଙ୍କ ଏକ ମହା ସମାବେଶ ଅନୁଷ୍ଠିତ ହୋଇଯାଇଛି ।




ଆଦିବାସୀ ସଂସ୍କୃତିର ସଂରକ୍ଷଣ ତଥା ସେମାନଙ୍କ ପରିଚୟ ବଜାୟ ରଖିବା ପାଇଁ ଏସଡିସିର ସଫଳତା ଏବଂ ସେମାନଙ୍କର ଅନନ୍ୟ ହସ୍ତକ୍ଷେପକୁ ପାଳନ କରିବା ଲାଗି ସ୍ଥାନୀୟ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧,୭୫୦ ହିତାଧିକାରୀଙ୍କ ସମେତ ୨୩ଟି ଏସଡିସିର ପ୍ରାୟ ୨,୦୦୦ ସଦସ୍ୟ ଅଂଶଗ୍ରହଣ କରିଥିଲେ ।

ଏହି ମହା ସମାବେଶକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଏସଡିସି ଜରିଆରେ ଓଡ଼ିଶା ଏହି ନିଆରା ପଦକ୍ଷେପ ଗ୍ରହଣ କରିବା ସହ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ, ସଙ୍ଗୀତ ଓ ପରିବେଶକୁ ସଂରକ୍ଷଣ କରିବାର ଗୌରବ ଅର୍ଜନ କରିଛି ।

୧୩ଟି ଆଦିମ ଜନଜାତି ବା ପିଭିଟିଜି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟର ସାମାଜିକ-ସାଂସ୍କୃତିକ

### ଜନଜାତି କଳା ଓ ସଂସ୍କୃତି ଓଡ଼ିଶାର ସଂସ୍କୃତିକୁ ସମୃଦ୍ଧ କରିଛି

ଆବଶ୍ୟକତାକୁ ପୂରଣ କରିବାରେ ଆମେ ଏସଡିସିମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛୁ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ସାମଗ୍ରିକ ସଂସ୍କୃତିକୁ ଜନଜାତି କଳା ଓ ସଂସ୍କୃତି ସମୃଦ୍ଧ କରିଛି । ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବେ ବୋଲି ସେ କହିଥିଲେ ।

ସେ କହିଥିଲେ ଯେ ୧୧ ହଜାରରୁ ଅଧିକ ପବିତ୍ର ପୁଜସ୍ଥଳିର ସଂରକ୍ଷଣ କରାଯାଇଛି । ଏହା ଏକ ବଡ ଉପଲବ୍ଧିଛ ଏହା ବ୍ୟତୀତ ବ୍ଲକ ଓ ଜିଲ୍ଲା ସ୍ତରରେ ୬୦୦ ରୁ ଅଧିକ କ୍ରୀଡା ଓ ସଂସ୍କୃତି ଉତ୍ସବର ମଧ୍ୟ ଆୟୋଜନ କରା ଯାଇଛି ବୋଲି ସେ କହିଥିଲେ । ୨୧ଟି ଦ୍ୱି ଭାଷୀକ ଡିକ୍ସନାରୀ ମଧ୍ୟ ପ୍ରସ୍ତୁତ କରାଯାଇଛି (୯ ପୃଷ୍ଠାରେ)

## ଭି. ସୁଜ୍ଞାନ କୁମାରୀ ଦେଓଙ୍କ ପରଲୋକ





ଭୁବନେଶ୍ୱର, ୧୦।୨ (ସବ୍ୟୁ) : ଖଲିକୋଟର ରାଣୀ ତଥା ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କର ପରଲୋକ ହୋଇଯାଇଛି । ଗତକାଲି ବିଳମ୍ବିତ ରାତିରେ ଚେନ୍ନାଇ ସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ଆଜି ତାଙ୍କ ପାର୍ଥିବ ଶରୀର ଚେନ୍ନାଇରୁ ଏକ ସ୍ୱତନ୍ତ୍ର ବିମାନଯୋଗେ ଭୁବନେଶ୍ୱର ଅଣାଯାଇଛି । ବିମାନବନ୍ଦରରୁ ତାଙ୍କ ପାର୍ଥିବ ଶରୀରକୁ ସିଧାସଳଖ ବିଜୁଜନତା ଦଳ କାର୍ଯ୍ୟାଳୟକୁ ନିଆଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ମନ୍ତ୍ରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଆସନ୍ତାକାଲି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ।

ଭି. ସୁଜ୍ଞାନ କୁମାରୀ ଦେଓ ୧୦

### ୧୦ ଥର ବିଧାୟିକା ଥିଲେ

ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ତାଙ୍କ ପ୍ରାର୍ଥିବ ଶରୀରକୁ ବିଧାନସଭା ପରିସରକୁ ନିଆଯାଇଥିଲା । ସେଠାରେ ବାଚସ୍ପତିଙ୍କ ସମେତ ବହୁ ବିଧାୟକ, ଥରବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି । ଖଲିକୋଟ ଓ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳିରୁ ତାଙ୍କ ଲୋକପ୍ରିୟତା (୯ ପୃଷ୍ଠାରେ)

## ପୂର୍ଣ୍ଣକାଳୀନ ସରକାର ସତ୍ତ୍ୱେ ଲୋକସଭା ବସିଲା ୨୭୨ ଦିନ

ନୂଆଦିଲ୍ଲୀ, ୧୦।୨ : ୧୭ତମ ଲୋକସଭାର ଶେଷ ଅଧିବେଶନ ଆଜି ଶେଷ ହୋଇଛି । ଆଉ ୨ ମାସ ପରେ ସାଧାରଣ ନିର୍ବାଚନ ହେବ । ଶେଷ ଦିନରେ ପ୍ରଧାନମନ୍ତ୍ରୀ ତାଙ୍କ ସରକାରର ଉପଲବ୍ଧି ସମ୍ପର୍କରେ ସୂଚନା ଦେବାସହ ଆଗାମୀ ୨୫ ବର୍ଷ ବିକଶିତ ଭାରତର ସ୍ୱପ୍ନ ମଧ୍ୟ ଦେଖାଇଛନ୍ତି । ସରକାର ଥିଲା ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର । ପୂର୍ଣ୍ଣକାଳୀନ ସରକାର ସତ୍ତ୍ୱେ ଅଧିବେଶନ ବସିଲା କମ୍ ଦିନ ଲାଗି । ୧୭ତମ ଲୋକସଭାରେ ୫ ବର୍ଷ ମଧ୍ୟରେ ୨୭୨ଦିନ ବସିଛି ।



ପିଆର୍‌ଏସ୍ ତଥ୍ୟ ଅନୁଯାୟୀ ୧୬ତମ ଲୋକସଭା ୩୩୧ ଦିନ ପାଇଁ ବସିଥିବାବେଳେ ୧୪ ଓ ୧୫ତମ ଲୋକସଭା ଯେଉଁ ସମୟରେ କି ମନମୋହନ ସିଂଙ୍କ ନେତୃତ୍ୱାଧୀନ ୟୁପିଏ ସରକାର ଥିଲା ସେ ସମୟରେ ୩୩୨ ଓ ୩୫୬ ଦିନ ଲାଗି ବସିଥିଲା । ୧୩ତମ ଲୋକସଭା ମଧ୍ୟ ୩୫୬ ଦିନ ଲାଗି ବସିଥିଲା । ତେବେ ପ୍ରଥମ ଲୋକସଭା (୯ ପୃଷ୍ଠାରେ)

## ମଧୁବାବୁ ପେନସନ ଯୋଜନାରେ ୫୦୦ ଟଙ୍କା ବୃଦ୍ଧି

### ସର୍ବନିମ୍ନ ସହାୟତା ୧୦୦୦ ଟଙ୍କା
### ବାର୍ଷିକ ଖର୍ଚ୍ଚ ହେବ ୩୬୮୩ କୋଟି
### ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲାଗସ୍ତ ବେଳେ ମିଳିଥିଲା ପ୍ରସ୍ତାବ
### ଚଳିତ ଫେବୃଆରୀରୁ ଲାଗୁ ହେବ

ଭୁବନେଶ୍ୱର, ୧୦।୨ (ସବ୍ୟୁ) : ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କ ପାଇଁ ଖୁସିର ଖବର । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାରେ ମାସିକ ପେନସନ ରାଶିରେ ୫୦୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି । ଏଣିକି ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀମାନେ ସର୍ବନିମ୍ନ ପେନସନ ରାଶି ୧୦୦୦ ଟଙ୍କା ପାଇବେ । ଏହି ବର୍ଦ୍ଧିତ ପେନସନ ହିତାଧିକାରୀମାନେ ଚଳିତ ଫେବୃଆରୀ ମାସରୁ ପାଇବେ ।



ପୂର୍ବରୁ ଏହି ଯୋଜନାରେ ହିତାଧିକାରୀମାନେ ଯଥାକ୍ରମେ ଟ ୫୦୦, ଟ ୭୦୦ ଓ ଟ ୯୦୦ ପାଉଥିଲେ । ବର୍ଦ୍ଧିତ ପେନସନ ଅନୁଯାୟୀ ସେମାନେ ଏବେ ଯଥାକ୍ରମେ ଟ ୧୦୦୦, ଟ ୧୨୦୦ ଓ ଟ ୧୪୦୦ ପାଇବେ । ଏହି ବର୍ଦ୍ଧିତ ପେନସନ ପାଇଁ ରାଜ୍ୟ ସରକାର ବାର୍ଷିକ ୩୬୮୩ କୋଟି ଟଙ୍କା ଖର୍ଚ୍ଚ କରିବେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ହିତାଧିକାରୀଙ୍କ ପାଇଁ ମାସିକ ପେନସନରେ ମଧ୍ୟ ୫୦୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି । ମଧୁବାବୁ ପେନସନ (୯ ପୃଷ୍ଠାରେ)

## ଇପିଏଫ୍ ସୁଧ ହାର ବଢ଼ିଲା

ନୂଆଦିଲ୍ଲୀ, ୧୦।୨ (ସବ୍ୟୁ) : କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି (ଇପିଏଫ୍)ର ସୁଧ ହାର ବଢ଼ିଥିବା ନେଇ ଇପିଏଫ୍‌ଓ ପକ୍ଷରୁ ଘୋଷଣା କରାଯାଇଛି । ସୁଧ ହାର ୮.୧୫%ରୁ ବଢ଼ାଇ ୮.୨୫% କରାଯାଇଛି । ଫଳରେ ଲକ୍ଷ ଲକ୍ଷ କର୍ମଚାରୀ ଉପକୃତ ହେବେ । ବିଗତ ୩ ବର୍ଷରେ ଏହା ସର୍ବୋଚ୍ଚ ସୁଧହାର । ୨୦୨୧-୨୨ରେ ୮.୧% ଥିବାବେଳେ ୨୦୨୨-୨୩ରେ ୮.୧୫%, ୨୦୨୩-୨୪ରେ ଏହାକୁ ୮.୨୫% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଇପିଏଫ୍‌ଓର ସର୍ବୋଚ୍ଚ (୯ ପୃଷ୍ଠାରେ)

## ସୋମବାର ସୁପ୍ରିମ୍‌କୋର୍ଟରେ ୟୁବିଟି ଶିବସେନାର ଶୁଣାଣି

ନୂଆଦିଲ୍ଲୀ, ୧୦।୨ : ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକର ନେଇଥିବା ନିଷ୍ପତ୍ତି ବିରୋଧରେ ଶିବସେନାର ଉଦ୍ଧବ ଠାକରେ ଗୋଷ୍ଠୀ ସୁପ୍ରିମ୍‌କୋର୍ଟରେ ମାମଲା ଦାଏର କରିଛନ୍ତି । ସୋମବାର ଏହି ପ୍ରସଙ୍ଗରେ ଶୁଣାଣି କରିବାକୁ ସୁପ୍ରିମ୍‌କୋର୍ଟ ରାଜି ହୋଇଛନ୍ତି । ମହାରାଷ୍ଟ୍ର ବାଚସ୍ପତି ଏକନାଥ ସିନ୍ଦେ ଗୋଷ୍ଠୀଙ୍କୁ ପ୍ରକୃତ ଶିବସେନା ବୋଲି ମାନ୍ୟତା ଦେଇଛନ୍ତି । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେବି ପାରିଡୱାଲା ଓ ମନୋଜ ମିଶ୍ରଙ୍କ ଖଣ୍ଡପୀଠ ୧୨ ତାରିଖରେ ଏହାରୁ ଶୁଣାଣି କରିବେ ।

ଜାନୁଆରୀ ୨୨ରେ ସୁପ୍ରିମ୍‌କୋର୍ଟ (୯ ପୃଷ୍ଠାରେ)

### ଇଣ୍ଡିଆ ମେଣ୍ଟକୁ ପୁଣି ଝଟ୍‌କା

## ପଞ୍ଜାବରେ ଏକା ଲଢ଼ିବ ଆପ୍



ନୂଆଦିଲ୍ଲୀ, ୧୦।୨ : ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ଏକାକୀ ଲଢ଼ିବ ବୋଲି ଘୋଷଣା କରିବା ପରେ ପଞ୍ଜାବରେ ଆପ୍ ଲୋକସଭା ନିର୍ବାଚନ ଏକାକୀ ଲଢ଼ିବ ବୋଲି ଘୋଷଣା କରିଛି । ଫଳରେ ବିରୋଧୀ ମେଣ୍ଟ ଇଣ୍ଡିଆକୁ ଝଟ୍‌କା ଲାଗିଛି । ପଞ୍ଜାବର ସମସ୍ତ ୧୩ ଲୋକସଭା ଆସନରେ କଂଗ୍ରେସ ସହ କୌଣସି ବୁଝାମଣା ହେବନାହିଁ ବୋଲି ଆପ୍ ମୁଖ୍ୟ ଅରବିନ୍ଦ କେଜରୀୱାଲ କହିଛନ୍ତି । ସେ କହିଛନ୍ତି ଯେ ସମସ୍ତ ଆସନରେ ଆପ୍ ଲଢ଼ିବ । ପଞ୍ଜାବ ଲୋକ ଭଲ କାର୍ଯ୍ୟ ପାଇଁ ତାଙ୍କ ସରକାରକୁ ମନେ ରଖିଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ପରେ ଏବେ ବିରୋଧୀ ମେଣ୍ଟର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି । ପ୍ରଥମେ ଜନତାଦଳ ୟୁ ମେଣ୍ଟରୁ ବାହାରି ଏନ୍‌ଡିଏ ସହିତ ସାମିଲ ହୋଇଥିଲା । ଜେଡିୟୁର ମୁଖ୍ୟ ନୀତିଶ କୁମାର ବିରୋଧୀ ମେଣ୍ଟର ପରିକଳ୍ପନା କରିଥିଲେ । ଏହାପରେ ସେ ପୁଣି ଏନ୍‌ଡିଏକୁ ଚାଲି ଯାଇଥିଲେ । ସେହିଭଳି ଉତ୍ତରପ୍ରଦେଶରେ ମଧ୍ୟ ସମାଜବାଦୀ ପାର୍ଟି ଓ କଂଗ୍ରେସ ମଧ୍ୟରେ ସ୍ଥିତି ଅସ୍ପଷ୍ଟ ରହିଛି । ସେହିଭଳି ମେଣ୍ଟର ଅନ୍ୟ ଅଂଶୀଦାର (୯ ପୃଷ୍ଠାରେ)







## ଓଡ଼ିଶାରେ ପ୍ରଥମ ସମନ୍ୱିତ ଇ-ଯାନ, ଇଭି ବ୍ୟାଟେରୀ ଉତ୍ପାଦନ

# ପରବର୍ତ୍ତୀ ପିଢି ନିମନ୍ତେ ଅର୍ଥନୈତିକ ବିକାଶର ଏକ ନୂତନ ଦିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାରେ ବିଦ୍ୟୁତ ଯାନ(ଇଭି) ଉତ୍ପାଦନ ହେବ । ଇଭି ଓ ବ୍ୟାଟେରୀ ପ୍ରସ୍ତୁତ କରିବ ଜେଏସ୍‌ଡବ୍ଲ୍ୟୁ । କଟକ ଓ ପାରାଦୀପ ଠାରେ ସମ୍ମନ୍ୱିତ ଇ-ଯାନ, ଇଭି ବ୍ୟାଟେରୀ ଉତ୍ପାଦନ ପ୍ରକଳ୍ପ ପ୍ରତିଷ୍ଠା ହେବ । ଏନେଇ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ସହିତ ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର(ଏମଓୟୁ) ହୋଇଛି ।

ଦେଶରେ ଅଟୋମୋବାଇଲ ଶିଳ୍ପରେ ପ୍ରଥମ ଥର ପାଇଁ ପାଦ ଥାପିବ ଜେଏସଡବ୍ଲ୍ୟୁ । କଟକରେ ଇ-ଯାନ ଫିଟିଂ ହେବାକୁ ଥିବା ବେଳେ ପାରାଦୀପରେ ଉତ୍ପାଦନ କରଖାନା ରହିବ । ଏହାସହ ପାରାଦୀପରେ କପର ସ୍ମଲଟର ଓ ଲିଥିୟମ ରିଫାଇନାରୀ ସ୍ଥାପନ କରାଯିବ । ସିଙ୍ଗଲ ଲୋକେସନରେ ଓଡ଼ିଶାରେ ବିଶ୍ୱର ସର୍ବବୃହତ ବ୍ୟାଟେରୀ ପ୍ରସ୍ତୁତ କାରଖାନା ନିର୍ମାଣ କରିବ ଜେଏସଡବ୍ଲ୍ୟୁ । ଏଠାରେ ୫୦ ହାଜର ଗେଗାୱାଟର ବ୍ୟାଟେରୀ ପ୍ଲାଣ୍ଟ, ଇଭିଏସ୍, ଲିଥିୟମ୍ ରିଫାଇନାରୀ, ତମ୍ବା ସ୍ମେଲଟର ଏବଂ ଆନୁଷଙ୍ଗିକ ସାମଗ୍ରୀ ପ୍ରସ୍ତୁତ ହେବ ।

ଇଭି ପାଇଁ ନରାଜ ଠାରେ କମ୍ପାନୀ ୯ଶହ ଏକର ଜମି ଯୋଗାଇ ଦିଆଯାଇଛି । ବ୍ୟାଟେରୀ ପାଇଁ କମ୍ପାନୀ ଚିଲିରୁ କପର ଆଣିବ । ଅଷ୍ଟ୍ରେଲିଆରୁ ଆଣିବ ଲିଥିୟମ । ବ୍ୟାଟେରୀ ପାରାଦୀପରୁ ଆଣି ନରାଜରେ ଇଭିରେ ଫିଟିଂ କରିବ କମ୍ପାନୀ । ପ୍ରକଳ୍ପ ଲାଗି ୪୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ଏଥିରେ ୧୦ ହଜାର ନିଯୁକ୍ତି ସୃଷ୍ଟି ହେବ । ରାଜ୍ୟ ସରକାର ଗ୍ରୀନ ଏନର୍ଜି ଉପରେ ଫୋକସ ରଖିଛନ୍ତି । ଗ୍ରୀନ ହାଉସ ଗ୍ୟାସ ଏମିସନ ହ୍ରାସ ଲାଗି ପଦକ୍ଷେପ ନିଆଯାଉଛି । ଏଥିଲାଗି ଇଭି କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଉଛି । ଏହାଛଡ଼ା ସ୍ଥାନୀୟ ଶ୍ରମିକମାନଙ୍କ ଦକ୍ଷତା ପ୍ରତିପାଦନ କରିବା ପାଇଁ ଜେଏସ୍‌ଓବ୍ଲ୍ୟୁ ଗ୍ରୁପ ପ୍ରତିବଦ୍ଧତା । ଅତ୍ୟାଧୁନିକ ଉତ୍ପାଦନ ପ୍ରକ୍ରିୟାରେ ରାଜ୍ୟର ଯୁବପିଢ଼ୀମାନଙ୍କ




### ରାଜ୍ୟ ସରକାର-ଜେଏସଡବ୍ଲ୍ୟୁ ଏମଓୟୁ
### ପୁଞ୍ଜିନିବେଶ ହେବ ୪୦ ହଜାର କୋଟି
### ୧୦ ହଜାର ଯୁବପିଢ଼ି ପାଇବେ ନିଯୁକ୍ତି
### ପାଇପଲାଇନରେ ବିନିଯୋଗ ପାଇଁ ୧.୨୫ ଲକ୍ଷ କୋଟି

ରୋଜଗାର କ୍ଷମତା ବୃଦ୍ଧି ପାଇବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଉତ୍କର୍ଷ ଶିଳ୍ପ ତଥା ନିରନ୍ତର ବିକାଶ ଦିଗରେ ଆମର ଏହି ଯାତ୍ରା ଏକ ବଡ଼ ସଫଳତା । ୫-ଟି ପଦକ୍ଷେପ ଦ୍ୱାରା ଓଡିଶା ଏକ ପରିବର୍ତ୍ତନର ପଥରେ ଅଛି । ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ବିଦ୍ୟୁତ ଯାନ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ଆମ ରାଜ୍ୟର ବିକାଶଶୀଳ ଶିଳ୍ପ ଦୃଶ୍ୟର ଏକ ପ୍ରମାଣ । ଏହି ପ୍ରକଳ୍ପ ହଜାର ହଜାର ପରିବାରର ଜୀବିକା ବୃଦ୍ଧି କରିବ ଏବଂ ଆମ ଅଞ୍ଚଳର ସାମାଜିକ-ଅର୍ଥନୈତିକ ଉନ୍ନତିରେ ସହାୟକ ହେବ । ଏହା ମଧ୍ୟ ଏମଏସଏମଇର ଅଭିବୃଦ୍ଧିକୁ ଅନୁକରଣ କରିବ । ଯାହା ଅତିରିକ୍ତ ଶିଳ୍ପଗୁଡିକର ଏକ ଜୀବନ୍ତ ଇକୋସିଷ୍ଟମର ବିକାଶକୁ ତ୍ୱରାନ୍ୱିତ କରିବ । ସବୁଜ ଟେକ୍ନୋଲୋଜିରେ ଗ୍ରହଣ କରିବା, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ଇକୋ-ଫ୍ରେଣ୍ଡଲି ମୋବିଲିଟି ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପ୍ରକଳ୍ପ ଆମର ଦୃଷ୍ଟିକୋଣ ସହିତ ସମ୍ପୂର୍ଣ୍ଣ ରୂପେ ସମାନ ।

ଜେଏସଡବ୍ଲ୍ୟୁ ଗ୍ରୁପ୍ ଚେୟାରମ୍ୟାନ୍ ସାଜନ ଜିନ୍ଦଲ ଓଡିଶା ପ୍ରତି ଜେଏସଡବ୍ଲ୍ୟୁ ଗ୍ରୁପ୍ର ପ୍ରତିବଦ୍ଧତାକୁ ଆଲୋକିତ କରିଛନ୍ତି । ଏହାର ସ୍ଥାୟୀ ନେତୃତ୍ୱ, ରାଜ୍ୟ ସରକାରଙ୍କ ଶିଳ୍ପ ପ୍ରତି ଅଦ୍ୱିତୀୟ ସମର୍ଥନ । ଏହାର ଉତ୍ସ ଏବଂ ଦକ୍ଷତା ଇକୋସିଷ୍ଟମ ପାଇଁ ଜେଏସଡବ୍ଲ୍ୟୁ ଏହାର ପ୍ରଥମ ଇଭି ୟୁନିଟ୍ ପାଇଁ ଓଡିଶାକୁ ବାଛିଛି । ଏକ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଓଡିଶାର ସମସ୍ତ ସାମର୍ଥ୍ୟ ରହିଛି । ଏହି ପ୍ରକଳ୍ପ ଆମ ଯାତ୍ରା ପାଇଁ ଏକ ମାଇଲଖୁଣ୍ଟ । ଯାହା ରାଜ୍ୟର ବିକାଶ ତଥା ସମୃଦ୍ଧତା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଏହି ଅବସରରେ ଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରତାପ ଦେବ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି କାର୍ତ୍ତିକ ପାଣ୍ଡିଆନ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

## ପୂଜ୍ୟପୂଜା ଓଡ଼ିଶାର ଆଲୋଚନାଚକ୍ର
## ସାଧୁସନ୍ଥମାନେ ସମାଜର ଦିଗ୍‌ଦର୍ଶକ



ଭୁବନେଶ୍ୱର, (ସବ୍ୟୁ): ସାଧୁ ସନ୍ଥମାନେ ଯୁଗେ ଯୁଗେ ସମାଜର ଦିଗ୍‌ଦର୍ଶକ ଅଟନ୍ତି ବୋଲି ଠାକୁର ଅଭିରାମ ପରମହଂସ ଦେବଙ୍କ ଜନ୍ମ ତିଥି ଅବସରରେ ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ବକ୍ତା ଓ ଆଲୋଚକମାନେ ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବାବାଜୀ ଚରଣ ବିଶ୍ୱାଳ, ଅଲେଖ ଚନ୍ଦ୍ର ମିଶ୍ର, ତାରେଶ୍ୱର ତ୍ରିପାଠୀ, ଜିତେନ୍ଦ୍ର କୁମାର କର, ବିରଞ୍ଚି ନାରାୟଣ ଶତପଥି, ଜୟନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ଅଭିରାମ ପରମହଂସ ଦେବଙ୍କ ଜୀବନ ଦର୍ଶନ ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଆଜିର ଯୁବଗୋଷ୍ଠୀ ଏହି ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେମାନେ ଆହ୍ୱାନ ଦେଇଥିଲେ । ମୀନତି ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅନୁଷ୍ଠାନର ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ କୈଳାଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା' ଉଦଘାଟିତ
# ଭାରତର ପ୍ରାଚୀନ ଗ୍ରନ୍ଥ, ପୁସ୍ତକ ଚମକ ହରାଇ ନାହିଁ: ଧର୍ମେନ୍ଦ୍ର

ଭୁବନେଶ୍ୱର,(ସବ୍ୟୁ): ପୁସ୍ତକ ସହିତ ମାନବ ଜାତିର ସବୁବେଳେ ଅନାବିଳ ସୁସମ୍ପର୍କ ରହି ଆସିଛି । ଭାରତର ପ୍ରାଚୀନ ଗ୍ରନ୍ଥ ଓ ପୁସ୍ତକ ଗୁଡ଼ିକ କେବେ ବି ନିଜର ଚମକ ହରାଇନାହିଁ ବୋଲି ଶନିବାର ୫୨ତମ 'ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୪'କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସହଯୋଗରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ(ଏନବିଟି) ପକ୍ଷରୁ ଆୟୋଜିତ ଏହି ପୁସ୍ତକ ମେଳାରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଇଜିପ୍ଟର ପାପିରସ ହେଉ, ଭାରତର ତାଳପତ୍ର ଓ ଭୋଜପତ୍ର ପାଣ୍ଡୁଲିପି ହେଉ କିମ୍ବା ଚୀନର ପେପର ବୁକ୍ ହେଉ, ମନୁଷ୍ୟକୁ ସବୁବେଳେ ଲିଖିତ ଶବ୍ଦଟି



ଅତ୍ୟନ୍ତ ଆକର୍ଷଣୀୟ ଲାଗିଥାଏ । ପୁସ୍ତକ ମନୁଷ୍ୟକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ଭାରତରେ ଆମେ ପୁସ୍ତକର ମୂଲ୍ୟକୁ ବହୁତ ଭଲ ଭାବରେ ବୁଝିଛୁ । ପ୍ରାଚୀନ ଓ ମଧ୍ୟବର୍ତ୍ତୀକାଳୀନ ଦୁନିଆର କେତେକ ଶ୍ରେଷ୍ଠ ଲାଇବ୍ରେରୀ ଭାରତରେ ଥିଲା । ନାଳନ୍ଦା, ତକ୍ଷଶିଳା, ରାଜଗିର ଓ ଉଜ୍ଜୈନରେ ଥିବା ଆମର ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ବିଶ୍ୱସ୍ତରୀୟ ପାଠାଗାରମାନ ଥିଲା । ବ୍ରିଟିଶ ଶାସନ କାଳରେ ଏହି ବିଶ୍ୱବିଦ୍ୟାଳୟ ଗୁଡ଼ିକର ଅବନତି ଘଟିଥିଲେ ମଧ୍ୟ ପୁସ୍ତକ ଗୁଡ଼ିକ କେବେ ବି ନିଜର ଚମକ ହରାଇନଥିଲା । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୪ର ଫେଷ୍ଟିଭାଲ ଅଫ୍ ଫେଷ୍ଟିଭାଲ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥିବା ସକାରାତ୍ମକ ପରିବର୍ତ୍ତନ ଉପରେ ରଚିତ ପୁସ୍ତକ ଇଗ୍ନିଟିଂ କଲେକ୍ଟିଭ୍ ଗୁଡନେସ୍ : ମନ୍ କି ବାତ ୧୦୦ ଓ ଶିଶୁଙ୍କ ଖେଳକୁଦରେ ପାଠ ପଢାଇବା ଉପରେ 'ଇ-ଯାଦୁଇ ପିଟାରା'ର ଉନ୍ମୋଚନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସାଉଦି ଆରବର ଏମ୍ବାସେଡର ସାଲେହ୍ ବିନ୍ ଇଦ୍ ଅଲ୍ ହୁସୈନୀ, ଭାରତ ସରକାରଙ୍କ ରାଷ୍ଟ୍ର ଶିକ୍ଷା ମନ୍ତ୍ରୀ ଡାକ୍ତର ଅନ୍ନପୂର୍ଣ୍ଣା ଦେବୀ ଓ ଏନବିଟିର ଚେୟାରମ୍ୟାନ ପ୍ରମୁଖ ଉପସ୍ଥିତ ଥିଲେ ।

## ରେଜଫାଉଣ୍ଡେସନ ପକ୍ଷରୁ କର୍କଟ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର: ରେଜ ଫାଉଣ୍ଡେସନ ପକ୍ଷରୁ ସରସ୍ୱତୀ ଗୃପ ଅଫ୍ ଇନଷ୍ଟିଚ୍ୟୁସନ ଠାରେ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରୁଚି ଫୁଡ୍‌ଲାଇନର ନିର୍ଦ୍ଦେଶକ ରଶ୍ମୀ ସାହୁ, କାର୍ସିନୋଭା ଫାଉଣ୍ଡେସନର ସହ-ପ୍ରତିଷ୍ଠାତା ଡକ୍ଟର ପ୍ରଜ୍ଞାପରମିତା ମିଶ୍ର, ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ୍, ଅଙ୍କୋଲୋଜିଷ୍ଟ କ୍ଷିତିଶ ଚନ୍ଦ୍ର ମିଶ୍ର, ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ ଦେବଦତ୍ତ ସ୍ୱାଇଁ, ସରସ୍ୱତୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ପ୍ରିନ୍ସପାଲ ବିଶ୍ୱଜିତ ତ୍ରିପାଠୀ ଏବଂ ସ୍ୱାଗତିକା ଆଚାର୍ଯ୍ୟ (କର୍କଟରୋଗରୁ ବଞ୍ଚିତ ତଥା ପ୍ରେରଣାଦାୟକ ବକ୍ତା) ତଥା ଆୱାକେନ୍ସଷ୍ଟର ପ୍ରତିଷ୍ଠାତା ଉପସ୍ଥିତ ଥିଲେ । ଏହି ପଦକ୍ଷେପ କର୍କଟରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଶୀଘ୍ର ଚିହ୍ନଟ, ପ୍ରତିରୋଧ ଏବଂ ସହାୟତା ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ।

ମିସ ଆଚାର୍ଯ୍ୟ ଜଣେ କର୍କଟ ସଂଗ୍ରାମୀ ତାଙ୍କ ଚିକିତ୍ସା ଏବଂ ସେହି ସମୟର ତାଙ୍କର ଅଭିଜ୍ଞତାକୁ ବର୍ଣ୍ଣନା କରିଥିଲେ । ସରସ୍ୱତୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନର ୮୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କ ଉପସ୍ଥିତିରେ ଏବଂ ପ୍ରାୟ ୧୦ ଜଣ ମହିଳା ଅଧ୍ୟାପିକାଙ୍କ ସହିତ ଏହି କାର୍ଯ୍ୟକ୍ରମ କରାଯାଇଥିଲା ।



ନ୍ୟାସନାଲ ଗ୍ରୀନ ମେଟାଲ କନଫରେନ୍ସ ୨୦୨୪ ପ୍ରଦର୍ଶନୀରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଏବଂ ଡଃ କେ ମୁରୁଗେସନ୍, ମେମ୍ବର ସେକ୍ରେଟାରୀ, ଓପିସିବି, ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ଷ୍ଟଲ ପରିଦର୍ଶନ କରୁଛନ୍ତି ।

## ଜଟଣୀ ଜନକଲ୍ୟାଣ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଜଟଣୀ,(ସବ୍ୟୁ): ବାଛରା ଗ୍ରାମସ୍ଥିତ ଜଟଣୀ ଭୁଆଶୁଣୀ ପୀଠ ପରିସରରେ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ ଆୟୋଜିତ କରିଯିବା ସହ ଭିନ୍ନକ୍ଷମମାନଙ୍କ ଦ୍ୱାରା ଭଜନ ସମାରୋହ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଟ୍ରଷ୍ଟର ଅଧ୍ୟକ୍ଷ ନବୀନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପାଣ୍ଡବ ଜେନା ଫାଉଣ୍ଡେସନର ଅଧ୍ୟକ୍ଷ ଡ. ସନ୍ତୋଷ ଜେନା ଏହି ଉତ୍ସବରେ ମୁଖ୍ୟ ଅତିଥି, ସାଂସଦ ପ୍ରତିନିଧି ସତୀଶ ଶର୍ମା, ଜଟଣୀ ପ୍ରଗତି ପରିଷଦର ସଂପାଦକ ବାବୁ ହୋତା ଅତିଥି ଭାବେ ଯୋଗଦେଇଥିଲେ । ଉତ୍ସବରେ ବରିଷ୍ଠ ନାଗରିକ କ୍ଷେତ୍ରବାସୀ ସାହୁ, ସମାଜସେବୀ ବାସୁଦେବ ବେହେରାଙ୍କ ସମେତ ସୁରେଶ ମହାରଣା, ପ୍ରଶାନ୍ତ ମହାପାତ୍ର ଏବଂ ସମାଜସେବୀ ସାବିତ୍ରୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପ୍ରାକୃତିକ ଉତ୍ପାଦରୁ ଔଷଧ ପ୍ରସ୍ତୁତି ପାଇଁ
## ଆମେରିକୀୟ କମ୍ପାନୀ ସହ ଏକତ୍ର କାର୍ଯ୍ୟ କରିବ ସୋଆ

ଭୁବନେଶ୍ୱର,(ସବ୍ୟୁ): ଜଟିଳ ବ୍ୟାଧି ଗୁଡ଼ିକର ଚିକିତ୍ସା କରିବା ନିମନ୍ତେ ପ୍ରାକୃତିକ ଉତ୍ପାଦରୁ ଔଷଧ ପ୍ରସ୍ତୁତ କରିବା ପାଇଁ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ଆମେରିକାର ଥିଙ୍କ ଫାର୍ମା ଆଣ୍ଡ ଆର୍ୟୁବିଦ୍ୟା ହେଲ୍‌ଥ କେୟାର ଇନୋଭେସନ୍ ମିଳିତ ଭାବେ ଗବେଷଣା କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଶନିବାର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜ ରଞ୍ଜନ ନାୟକ ଏବଂ ବିଶିଷ୍ଟ ବୈଜ୍ଞାନିକ ତଥା ଥିଙ୍କ ଫାର୍ମା ଆଣ୍ଡ ଆର୍ୟୁବିଦ୍ୟା ହେଲ୍‌ଥ କେୟାର ଇନୋଭେସନର ସଭାପତି ତଥା ଚିଫ୍ ସାଇନ୍‌ଟିଫିକ୍ ଅଫିସର ଡକ୍ଟର ମୁକୁନ୍ଦ ଏସ୍. ଚୋର୍ଘାଡେଙ୍କ ମଧ୍ୟରେ ସାକ୍ଷାତ ଅବସରରେ ଏହି ସମ୍ପର୍କରେ



ଆଲୋଚନା କରାଯାଇଛି । ଏହି ଆଲୋଚନା ବେଳେ ଅନ୍ୟ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ ।

ଉଭୟ ପକ୍ଷ ଏକ ଗବେଷକ ଦଳ ଗଠନ କରି ପ୍ରାକୃତିକ ଏବଂ ସିନ୍‌ଥେଟିକ୍ ଉତ୍ପାଦରୁ ନୂତନ ଔଷଧ ଏବଂ ଔଷଧ ଜାତୀୟ ଦ୍ରବ୍ୟ ବିକଶିତ କରିବେ ।

ଆମେରିକୀୟ କମ୍ପାନୀର ଗବେଷକଙ୍କ ସମେତ ସୋଆର ଫାର୍ମାସୀ, ବାୟୋଟେକ୍ନୋଲଜି, ମେଡିକାଲ୍ ସାଇନ୍‌ସେସ୍ ଏବଂ ଇଞ୍ଜିନିୟରିଂ ବିଭାଗର ଗବେଷକଙ୍କୁ ନେଇ ଦଳ ଗଠନ କରାଯାଇ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ । ଏହି ଆଲୋଚନା ସମୟରେ ସୋଆ ସେଂଟର ଫର ନାନୋ ସାଇନ୍‌ସେସ୍ ଆଣ୍ଡ ନାନୋ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର କୁଳମଣି ପରିଡା, ବାୟୋ ଫୁଏଲ୍ ଆଣ୍ଡ ବାୟୋ ପ୍ରୋସେସିଂ ରିସର୍ଚ୍ଚ ସେଂଟରର ନିର୍ଦ୍ଦେଶକ ପ୍ରଫେସର ଲାଲା ବିହାରୀ ଶୁକ୍ଳା, ସେଂଟର ଫର ଇଣ୍ଡଷ୍ଟ୍ରିଆଲ ବାୟୋଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ହୃଦୟ ନାଥ ଥାଟୋଇ ପ୍ରମୁଖ ଉପସ୍ଥିତ ଥିଲେ ।

### କଳିଙ୍ଗ ମାରିଟାଇମ୍ ଏକ୍ସପୋ-୨୦୨୪ର ଦ୍ୱିତୀୟ ସନ୍ଧ୍ୟା..
## ନିବେଶକାରୀଙ୍କ ସଂଖ୍ୟା ବଢିଲେ ମଜବୁତ୍ ହେବ ଏମ୍‌ଏସ୍‌ଏମ୍‌ଇ

କଟକ,(ସବ୍ୟୁ): ରାଜ୍ୟରେ ହେଉଥିବା ଶିଳ୍ପ ବିକାଶରେ ଓଡ଼ିଆ ଭାଗିଦାରୀଙ୍କ ସଂଖ୍ୟା ବୃଦ୍ଧି ହେବା ଆବଶ୍ୟକ । ଫଳରେ ପ୍ରତ୍ୟେକ ଓଡିଆ ଆତ୍ମନିର୍ଭରଶୀଳ ହୋଇ ପାରିବେ। ଶିଳ୍ପର ବିକାଶ ଘଟିଲେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ କଳିଙ୍ଗ ମାରିଟାଇମ୍ ଏକ୍ସପୋ-୨୦୨୪ର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ ମତବ୍ୟକ୍ତ କରିଛନ୍ତି । ଏଥିରେ ନାଭାଲ୍‌ର କମ୍ମୋଡୋର୍ ଏନ୍.ପି ପ୍ରଦୀପ ସମ୍ମାନୀତି ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ ପ୍ରଥମ ଥର ପାଇଁ ମାରିଟାଇମ୍ ଏକ୍ସପୋ' ଦ୍ୱାରା ହେଉଥିବା ପ୍ରଦର୍ଶନୀ ଓ ପ୍ରଶିକ୍ଷଣ ଯୋଗୁଁ ଏଠାରେ ବହୁ ଯୁବ ଉଦ୍ୟୋଗୀ ଲାଭବାନ ହୋଇ ପାରିବେ ବୋଲି କହିଥିଲେ। ନାଭାଲ୍ ଓଡିଶା ଚାପ୍ଟରର ସଭାପତି ଭାଇସ୍ ଆଡମିରାଲ୍ ଆର୍.କେ ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍(ଓଆଇଏ)ର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଥମ ଅଧିବେଶନରେ ନୌବାଣିଜ୍ୟ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇର ଶିଳ୍ପଦ୍ୟୋଗୀମାନେ କଣ ସୁବିଧା ଓ ସୁଯୋଗ ପାଇ ପାରିବେ, ସେ ସଂକ୍ରାନ୍ତରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା ।

ଏଥିରେ ମୁଖ୍ୟ ଅତିଥି ଭାବେ ନାଭାଲ୍‌ର ରିୟର୍ ଆଡମିରାଲ୍ ବିବେକ ଦହିଆ, ସମ୍ମାନୀତ ଅତିଥି ଭାବେ କମ୍ମୋଡୋର୍ ଏସ୍.କେ ସିଂ, ବକ୍ତା ଭାବେ ଦୟାନନ୍ଦ ଶର୍ମା, ନିକୁଞ୍ଜ ପରାଶ, କିଟ୍‌ର ପ୍ରତିନିଧି ଭାବେ ଅର୍ପଣ ଘୋଷ, ଏସଆଇଡିବିଆଇର ଡିଜିଏମ୍ ପ୍ରଦ୍ୟୁମ୍ନ ଚୌଧୁରୀ ପ୍ରମୁଖ ଭାଗ ନେଇ ଉଦ୍ୟୋଗପତିମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଓଡିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍‌ର ସଭାପତି ସୁଶାନ୍ତକୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଓଡ଼ିଶାରେ ବାଉଁଶ ଚାଷ ଜରିଆରେ
## ସ୍ଥାୟୀ ଜୀବିକାର ପ୍ରସାର ପାଇଁ ଡାଲମିଆ ସିମେଣ୍ଟ ଓ ନାବାର୍ଡ ସହଯୋଗିତା

ଭୁବନେଶ୍ୱର,(ସବ୍ୟୁ): ଅଗ୍ରଣୀ ଭାରତୀୟ ସିମେଣ୍ଟ କମ୍ପାନି ଓ ଡାଲମିଆ ଭାରତ ଲିମିଟେଡ୍ (ଡିବିଏଲ୍)ର ସହାୟକ ସଂସ୍ଥା ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ (ଡିସିବିଏଲ୍) ପକ୍ଷରୁ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗିତାରେ ଓଡ଼ିଶାର ସୁନ୍ଦରଗଡ଼ର ଆଖପାଖ ଅଞ୍ଚଳରେ ବାଉଁଶ ଚାଷ ଜରିଆରେ ସ୍ଥାୟୀ ଚାଷ ଅଭ୍ୟାସ ଓ ଜୀବନ ଜୀବିକାର ପ୍ରସାର ପାଇଁ ଏକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଏହି ରୂପାନ୍ତରୀତ ଅଭିଯାନ ଜରିଆରେ ଚାଷୀମାନେ ବାଉଁଶର ବାଏବ୍ୟାକ୍ ଜରିଆରେ ଉପକୃତ ହେବେ ଏବଂ ସେମାନେ ନାବାର୍ଡ ଅଧୀନରେ ପଞ୍ଜୀକୃତ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଜରିଆରେ ମୂଲ୍ୟବାନ ପନିପରିବା ବଜାରରେ ପହଞ୍ଚିପାରିବେ ଯାହା ଦ୍ୱାରା ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ଓ ନିରନ୍ତର ଆୟ ଉତ୍ସ ସୁନିଶ୍ଚିତ ହୋଇପାରିବ ।

ନାବାର୍ଡ ସୁନ୍ଦରଗଡ଼ର ଡିଡିଏମ୍




ତାପସ କୁମାର ବେହେରା ଓ ଡିସିବିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ ଚେତନ ଶ୍ରୀବାସ୍ତବଙ୍କ ଉପସ୍ଥିତିରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି । କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନଙ୍କୁ ବାଉଁଶ ଚାରା ମଧ୍ୟ ପ୍ରଦାନ କରାଯାଇଛି । ଅଲଣ୍ଡାରେ ଏହି ପ୍ରକଳ୍ପ ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସଶକ୍ତୀକରଣ ସ୍ୱରୂପ ଉପସ୍ଥିତ ଚାଷୀମାନଙ୍କୁ ବାଉଁଶ ଚାରା ବଣ୍ଟନ କରାଯାଇଛି । ନାବାର୍ଡର ଡିଡିଏମ୍ ପ୍ରକଳ୍ପର ଲକ୍ଷ୍ୟ ଓ ପ୍ରକ୍ରିୟା ଉପରେ ଆଲୋକପାତ କରିଥିଲେ ଯାହା ଚାଷୀମାନଙ୍କ ସମୃଦ୍ଧି ପ୍ରତି ସେମାନଙ୍କ ଯାତ୍ରାରେ ସବୁ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଏହି ଅଭିଯାନ ସମ୍ପର୍କରେ ଚେତନ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ରାଜଗାଙ୍ଗପୁର ୟୁନିଟ୍ ମୁଖ୍ୟ, ଡିସିବିଏଲ୍ କହିଛନ୍ତି ଯେ, ଡାଲମିଆ ସିମେଣ୍ଟ ରେ ଆମେ ଆମ କାର୍ଯ୍ୟକ୍ଷେତ୍ର ଅଞ୍ଚଳର ସମାଜର ସ୍ଥାୟୀ ବିକାଶ ଓ ଅର୍ନ୍ତଭୁକ୍ତୀକରଣ ଅଭିବୃଦ୍ଧି ପାଇଁ ପ୍ରତିବଦ୍ଧ ରହିଛୁ ।

## ସମାଜସେବୀ ସଞ୍ଜୟ ପଟ୍ଟନାୟକଙ୍କୁ ଆମେରିକାନ ଆଲିଆନ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ଼କ୍ଟରେଟ ଡିଗ୍ରୀ ପ୍ରଦାନ

ଖୋର୍ଦ୍ଧା,(ସବ୍ୟୁ): ସମାଜସେବା କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ ପାଇଁ ଯୁବ ସମାଜସେବୀ ସଞ୍ଜୟ ପଟ୍ଟନାୟକଙ୍କୁ ୧୦ ତାରିଖରେ ନୂଆଦିଲ୍ଲୀ ଠାରେ ଆମେରିକାନ ଆଲାଏନସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତବର୍ଷ ସମ୍ମାନଜନକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏସିଆ ମହାଦେଶ ଓ ଆଫ୍ରିକା ମହାଦେଶ ପାଇଁ ପ୍ରତିନିଧି ଡକ୍ଟର ଗିରୀଶ ଲଲୱାନି,ସ୍କଲାରସିପ ଡଟକମର ଅଧ୍ୟକ୍ଷ ମିଷ୍ଟର ରାହୁଲ, ଡି ଏମ ଏଚ ବିଜେସ୍ନ ଆଡଭାଇଜର୍ସ ପ୍ରାଇଭେଟ ଲିଃ ର ନିର୍ଦ୍ଦେଶକ ଇଗନାଲ ହିଣ୍ଡ୍ରିକ,ପ୍ରମୂଖ ଅତିଥି ଭାବେ ଯୋଗଦେଇ ଶ୍ରୀ ପଟନାୟକଙ୍କୁ ଡକ୍ଟରେଟ ଉପାଧିରେ ଆଭୂଷଣ କରିଥିଲେ । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ବଡ଼ ପୋଖରୀଆରେ ୧୯୭୪ ମସିହାରେ ସଞ୍ଜୟ ପଟନାୟକଙ୍କ ଜନ୍ମ ଗ୍ରହଣ କରିଥିଲେ । ଶ୍ରୀ ପଟ୍ଟନାୟକ ବିଦ୍ୟାଳୟରେ ପାଠ ପଢିବା ଦିନ ଠାରୁ ସମାଜ ସେବା ପ୍ରତି ବେଶ ଆଗ୍ରହ ଦେଖାଇଥିଲେ ।



# ସୂଚନା ଓ ଲୋକସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପ-ନିର୍ଦ୍ଦେଶକଙ୍କ ମୟୂରଭଞ୍ଜ ଗସ୍ତ



ବାରିପଦା, (ସବ୍ୟୁ) : ସୂଚନା ଓ ଲୋକସମ୍ପର୍କ ବିଭାଗ (କେନ୍ଦ୍ରାଞ୍ଚଳ) ଉପ-ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଛନ୍ତି । ଶ୍ରୀ ନାୟକ ଏହି ଗସ୍ତରେ ଆସି, ଜିଲ୍ଲାର ସମସ୍ତ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ସମସ୍ତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଥିଲେ । ଏଥିସହିତ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କର୍ମଚାରୀ ମାନଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବାପାଇଁ ଏକ ବୈଠକ ମାଧ୍ୟମରେ ସୂଚନା ଦେଇଥିଲେ । ଗସ୍ତର ପ୍ରଥମ ଦିନରେ ଉପନିର୍ଦ୍ଦେଶକ ଶ୍ରୀ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ସହିତ କରଞ୍ଜିଆ ସ୍ଥିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଯଶିପୁର ସ୍ଥିତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରି ଯଥା ମନ୍ତବ୍ୟ ପ୍ରଦାନ କରିଥିଲେ ।

ଏହି ନିରୀକ୍ଷଣ କାର୍ଯ୍ୟକ୍ରମରେ ପଞ୍ଚପିଢ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିହାର ରଞ୍ଜନ ସେଠୀ, ବରିଷ୍ଠ ଗ୍ରନ୍ଥାଗାର ପ୍ରଦୀପ୍ତ ସେନାପତି ଏବଂ ଲିପିକାର ଅରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଗସ୍ତର ପରବର୍ତ୍ତୀ ସତ୍ରରେ ଶ୍ରୀ ନାୟକ ଏବଂ ଶ୍ରୀ ପାଣି ରାଇରଙ୍ଗପୁର ସ୍ଥିତ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ସୂଚନା କେନ୍ଦ୍ର ଓ ପାଠାଗାର ନିରୀକ୍ଷଣ କରିଥିଲେ ଏବଂ ଏଥିସହିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ କାର୍ଯ୍ୟ ଦକ୍ଷତା ଏବଂ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନା ଶୈଳୀକୁ ବେଶ୍ ପ୍ରଶଂସା କରିଥିଲେ । ତତ୍ପଶ୍ଚାତ୍ ଉପନିର୍ଦ୍ଦେଶକ ବାରିପଦା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟକାରିତା ଓ କାର୍ଯ୍ୟରେ ତ୍ୱରିତକରଣ ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପାଣିଙ୍କୁ ଉପଦେଶ ଦେଇଥିଲେ । କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ଚାଲିଥିବା ଅବଗତ ହୋଇ ଶ୍ରୀ ନାୟକ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଆହୁରି ଉନ୍ନତ ପ୍ରଣାଳୀରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ନିରୀକ୍ଷଣ କାର୍ଯ୍ୟ ସମୟରେ କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ନିକ୍ଷେପକ ଶ୍ରୀକାନ୍ତ ବେହେରା, କର୍ମଚାରୀ ଅଜିତ ମହାପାତ୍ର, ଶିବଶଙ୍କର ଦତ୍ତ ଓ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ନିର୍ଦ୍ଦେଶକ ପରେଶ ସାହୁ ସମ୍ମାନିତ



ବାରିପଦା, (ସବ୍ୟୁ) : ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ପଞ୍ଚମବେଦ ଅନୁଷ୍ଠାନ ଦ୍ୱାରା ଆୟୋଜିତ ୨୦ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ବାରିପଦାର ପରେଶ ସାହୁଙ୍କୁ 'ପଞ୍ଚମବେଦ' ସମ୍ମାନରେ ସମ୍ମାନିତ କରାଯାଇଛି ।

ବି.ବି କଲେଜ, ବାଇଗଣବାଡ଼ିଆର ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଏକାଧାରରେ ଜଣେ ପ୍ରତିଷ୍ଠିତ ଚଳଚ୍ଚିତ୍ର, ବେତାର ଆକାଶବାଣୀ, ଦୂରଦର୍ଶନ ତଥା ମଞ୍ଚର ଅଭିନେତା ଓ ନିର୍ଦ୍ଦେଶକ ଓ ନିଜର ନିଖୁଣ ଅଭିନୟ ଓ ବଳିଷ୍ଠ ନିର୍ଦ୍ଦେଶନା ପାଇଁ ଓଡିଶାର ବିଭିନ୍ନ ନାଟ୍ୟସଂସ୍ଥା ଦ୍ୱାରା ବହୁବାର ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ଦୂରଦର୍ଶନ ଓ ଓଡ଼ିଆ ସିନେମାରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ ପ୍ରଭାବିତ କରିଛି ।

ସମ୍ବାଲୁଆ, ନିଶାନ୍ତ, କେନସର, ଛଉ, ଛତା, ସ୍ୱୟଂମ୍ବର, ଫେରିଯାଅ ରାମଚନ୍ଦ୍ର, ବାକ୍ସ, ନାରଦ ଉବାଚ, ମୁକ୍ତାଲାଭ, ଅଙ୍ଗାର, ନୂଆ ସକାଳ, ଗାଁ କୁ ଫେରିଚାଲ, ଜନନୀ, ଝରାବଉଳ, ଜିଅନ୍ତା ମଣିଷ ଓ ସ୍ମୃତି ବିସ୍ମୃତି ନାଟକରେ ତାଙ୍କର ସଫଳ ଅଭିନୟ ଓ ନିର୍ଦ୍ଦେଶନା ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । ତତ୍ସହିତ ଓଡ଼ିଆ ସିନେମା ରଜନୀଗନ୍ଧା, ଗୋପରେ ବଢୁଛି କଳା କହେଁଇ ଓ କଥା ରହିଥିବ କାଳକାଳକୁ ତଥା ଜାତୀୟ ଟିଭି ଚେନେଲରେ ସିରିଏଲ ଯେ ପକ୍ଷୀ ଉଡେ ଯେତେ ଦୂରରେ ମଧ ସେ ଅଭିନୟ କରିଛନ୍ତି । କଳାକାର ଓ କଳାପ୍ରେମୀଙ୍କ ନିକଟରେ ସେ ଖୁଦିଭାଇ ନାମରେ ବେଶ ପରିଚିତ ।

# ହିନ୍ଦୋଳ ମହାବିଦ୍ୟାଳୟ ଏନସିସି କ୍ୟାଡେଟ୍‌ଙ୍କୁ ସମ୍ବର୍ଦ୍ଧନା




ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଅନ୍ତର୍ଗତ ହିନ୍ଦୋଳ ମହାବିଦ୍ୟାଳୟ ଖଜୁରିଆକଟାର ଏନ. ସି. ସି. କ୍ୟାଡେଟ ତପସ୍ୱିନୀ ନାଏକ (୩ ଦ୍ୱିତୀୟ ବର୍ଷ କଳା) ବିଭାଗର ଛାତ୍ରୀ ଚଳିତ ବର୍ଷ ନୂଆଦିଲ୍ଲୀସ୍ଥିତ କର୍ତ୍ତବ୍ୟ ପଥରେ ଅନୁଷ୍ଠିତ ହୋଇଥିବା ୭୫ ତମ ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ଅଂଶ ଗ୍ରହଣ କରି ଗୌରବ ଅର୍ଜନ କରିବା ସହିତ ୧୨ ଓଡ଼ିଶା ଏନ. ସି. ସି. ଢେଙ୍କାନାଳ ବାଟାଲିୟନ ପକ୍ଷରୁ ଏକ ମାତ୍ର କ୍ୟାଡେଟରୂପେ ଏହି ରିପବ୍ଲିକ ଡେ କ୍ୟାମ୍ପରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେ ରାସୋଳ ଥାନା ଅନ୍ତର୍ଗତ କୁନୁଆଁ ଗ୍ରାମ ପଂଚାୟତ ପଧାନୀ ଗ୍ରାମର ସ୍ୱର୍ଗତ ପୁରନ୍ଦର ନାଏକଙ୍କ ଏକମାତ୍ର କନ୍ୟା । କ୍ୟାଡେଟ ତପସ୍ୱିନୀ ଜଣେ ଗରିବ ଶ୍ରେଣୀର ଛାତ୍ରୀ ହେଲେହେଁ ସେ ଜଣେ ସରଳ,କର୍ତ୍ତବ୍ୟନିଷ୍ଠା , ପରିଶ୍ରମି ତଥା ସାହସୀ କ୍ୟାଡେଟ ବୋଲି ଏନ. ସି. ସି. ଅଫିସର କ୍ୟାପଟେନ ଡ଼. କିଶୋର କୁମାର ପୃଷ୍ଟି ମତ ପ୍ରକାଶ କରିଛନ୍ତି । କ୍ୟାଡେଟଙ୍କ ଏହି ଗୌରବ ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ସାହୁ ୧୦ ତାରିଖ ଦିନ ତପସ୍ୱିନୀ ନାଏକଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ଅବସରରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତରହି ତପସ୍ୱିନୀଙ୍କୁ ଉତ୍ସାହିତ କରିଥିଲେ ।

# ବିଲରେ ପଶିଗଲା କାର ଅଳ୍ପକେ ବର୍ତ୍ତିଲେ ଚାଳକ

କାମାକ୍ଷାନଗର, (ସବ୍ୟୁ) : କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥ ର ବାଉଁଶପାଳ ନିକଟରେ ଭାରସାମ୍ୟ ହରାଇ ବିଲ ଭିତରକୁ ପଶିଗଲା କାର । ଅଳ୍ପକେ ବର୍ତ୍ତିଲେ କାର ଚାଳକ ।

ସୂଚନା ଅନୁସାରେ ଭୂଷଣ ରେ ଚାକିରୀ କରୁଥିବା ସତ୍ୟପ୍ରସାଦ ଦତ୍ତ ନିଜ କାର ଯୋଗେ ଆଜି ମଧ୍ୟାହ୍ନ ସମୟରେ ନିଜ ଘର ଯାଜପୁର ଜିଲ୍ଲା ଟମକାକୁ ଯାଉଥିଲେ । ବାଉଁଶପାଳ ଉଚ୍ଚବିଦ୍ୟାଳୟ ସାମ୍ନାରେ କୌଣସି କାରଣରୁ ତାଙ୍କ କାରଟି ଭାରସାମ୍ୟ ହରାଇ ନିକଟରେ ଥିବା ବିଲ ଭିତରକୁ ପଶିଯାଇଥିଲା । କାରର ଗତି ଅଧିକ ଥିବାରୁ ବିଲ ଭିତରେ କାର ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ କାର ଚାଳକ ସତ୍ୟପ୍ରସାଦ ଅଳ୍ପକେ ବର୍ତ୍ତୀ ଯାଇଛନ୍ତି । ତେବେ କେଉଁ କାରଣ ରୁ ଦୁର୍ଘଟଣା ଘଟିଲା ତାହା ଜଣାପଡିନଥିବା ବେଳେ କାମାକ୍ଷାନଗର ପୋଲିସ ଖବର ପାଇ ଘଟଣା ସ୍ଥଳ ରେ ପହଂଚି କାରକୁ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି ।

# ୪୦ ଲିଟର ଦେଶୀ ମଦ ଜବତ, ଦୁଇ ଗିରଫ

ଭୁବନ, (ସବ୍ୟୁ) : ଭୁବନ ବ୍ଲକ ଅନ୍ତର୍ଗତ ସୁରପ୍ରତାପପୁର ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ବେଆଇନ ଭାବେ ଦେଶୀ ମଦ ବିକ୍ରୟ ଅଭିଯୋଗରେ ନିର ମଲିକ (୪୦) ଙ୍କ ଠାରୁ ୨୧ ଲିଟର ଏବଂ ଦାମ ମହାନ୍ତି (୭୦) ଙ୍କ ଠାରୁ ୧୯ ଲିଟର ସମୁଦାୟ ୪୦ ଲିଟର ଦେଶୀ ମଦ ଜବତ କରିବା ସହ ଉଭୟ ଙ୍କୁ ଗିରଫ କରାଯାଇଥିଲା । ଅବକାରୀ କମିଶନର ନରସିଂହ ଭୋଳ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ଓ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ଙ୍କ ନିର୍ଦ୍ଦେଶ କ୍ରମେ ଭୁବନ ଅବକାରୀ ବିଭାଗ ଓ ଭୁବନ ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ । ଭୁବନ ଅବକାରୀ ଏସ ଆଇ ସୌରଭ ମିଶ୍ର, ଏ ଏସ ଆଇ ବିଶ୍ ରଞ୍ଜନ ନାଥ ପ୍ରମୁଖ ଏହି ଚଢାଉ ରେ ସାମିଲ ଥିଲେ ।




# ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାସୋଳ, (ସବ୍ୟୁ) : ହିନ୍ଦୋଳ ଉପଖଣ୍ଡଗଣ୍ଡାନାଳୀ ପଞ୍ଚାୟତ ଚିଲତଇଳା ଆଶ୍ରମ ବିଦ୍ୟାଳୟରେ ଅଜି ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଏହାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ହିନ୍ଦୋଳ ତହସିଲ୍ ଦାର ଦିଲ୍ଲୀପ କୁମାର ସେଠୀ ଯୋଗ ଦେଇ ଥିବା ବେଳେ ମୂଖ୍ୟ ବକ୍ତା ଭାବେ ଶ୍ରୀ ଜଗନ୍ନାଥ ବିଦ୍ୟା ପୀଠ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ନବକିଶୋର ଚୌଧୁରୀ, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟା ନିରୁପମା ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆନନ୍ଦ ବାଣ୍ଟ ଓ ୱାଡ ମେମ୍ବର ହରିହର ବାଣ୍ଟ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ର ଛାତ୍ରୀ, ଗ୍ରାମବାସୀ ପରିଚାଳନା କମିଟି ସଦସ୍ୟ , ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ଓ ସଂକୀର୍ତ୍ତନ ମଣ୍ଡଳୀ ମୁଖ୍ୟ ଅତିଥିଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟତ୍ରୀ ସ୍ମିତା ରାଣୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର ଛାତ୍ରୀ ମିକି ପ୍ରଧାନ ମନର କଥା କହିଥିଲେ ।

ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୂଖ୍ୟ ଅତିଥି ପ୍ରଶଂସା ପତ୍ର ଦେଇ ପୁରସ୍କୃତ କରିଥିଲେ । ପରେ ପରେ ଛାତ୍ର ଛାତ୍ରୀ ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ପୁରାତନ ଛାତ୍ର ସଂସଦ ସହ ଗ୍ରାମବାସମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ଅନୁଗୋଳ, (ସବ୍ୟୁ) : ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ । କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଆଜି ଅନୁଗୋଳ ଜିଲ୍ଲାର କୁମଣ୍ଡ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଦଯାପିତ ହୋଇଯାଇଛି । ଦୀର୍ଘ ଆଠଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୂଖ୍ୟ ଅତିଥି ରୂପେ ଯୋଗଦେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସିହ୍ନା ଛାତ୍ରୀ ମାନଙ୍କୁ ଆବଶ୍ୟକ ସ୍ଥଳେ ଆତ୍ମରକ୍ଷା କୌଶଳ ପ୍ରୟୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ବେହେରା ଏବଂ ତାଙ୍କୁ ସହଯୋଗ କରିଥିଲେ ନୋଡାଲ ଅଫିସର ଅର୍ଥନୀତି ବିଭାଗର ଅଧ୍ୟାପିକା ରଶ୍ମୀରେଖା ଲେଙ୍କା, ଇଂରାଜୀ ଅଧ୍ୟାପିକା ଦମୟନ୍ତୀ ଷଡ଼ଙ୍ଗୀ, ଓଡିଆ ବିଭାଗର ଅଧ୍ୟାପକ ନରେଶ ଚନ୍ଦ୍ର ସାମଲ, ସଂସ୍କୃତ ବିଭାଗର ଅଧ୍ୟାପକ ପ୍ରଦୀପ କୁମାର ନନ୍ଦ, ଗ୍ରନ୍ଥାଧିକାରୀ କବି ଚରଣ ସାହୁ, କ୍ରୀଡା ଶିକ୍ଷକ ହୃଷୀକେଶ ସାହୁ, ମନୋଜ ସାହୁ, ପଳଉ ସାହୁ, ବିଚିତ୍ରାନନ୍ଦ ସାହୁ, ଜନ୍ମେଜୟ ସାହୁ, ଅଭୟ କୁମାର ସ୍ୱାଇଁ ଓ ଜନକ ସାହୁ । ପ୍ରଶିକ୍ଷିକା ଯାଜ୍ଞସେନୀ ପ୍ରଧାନ ଛାତ୍ରୀ ମାନଙ୍କୁ ଆଠ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ ।

# ପବିତ୍ରମୋହନ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲା କଣିହାଁସ୍ଥ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପବିତ୍ର ମୋହନ ପ୍ରଧାନଙ୍କ ୧୧୭ ତମ ଜୟନ୍ତୀ ପାଳିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜେଆଇଟିପିଏଲ ର ଉପ ସଭାପତି ସୁରେଶ କୁମାର ବଂଶଲ , ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାଜ କିଶୋର ସାହୁ ଓ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧକ୍ଷା ଜୟନ୍ତୀ ପ୍ରଧାନ, ସରପଞ୍ଚ ରଞ୍ଜିତା ବେହେରା, ଆଲୁମିନି ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶରଥି ଜେନା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥି ବୃନ୍ଦ ବିଦ୍ୟାଳୟ ପରିସରସ୍ଥ ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ପବିତ୍ର ମୋହନଙ୍କ ସ୍ମୃତି ଚାରଣ କରିବା ଅବସରରେ ଛାତ୍ର ଛାତ୍ରୀଙ୍କୁ ତାଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ଆହ୍ୱାନ ଦେଇଥିଲେ । ପ୍ଲାଟିନୁମ ଯୁବଲି ପାଳନ ପୂର୍ବରୁ ବିଦ୍ୟାଳୟ ପାଇଁ ଆଉ ପାଞ୍ଚୋଟି ଶ୍ରେଣୀ କକ୍ଷ ଜେଆଇଟିପିଏଲ ନିର୍ମାଣ କରିବ ବୋଲି ମୁଖ୍ୟ ଅତିଥି ଶ୍ରୀ ବଂଶଲ ଘୋଷଣା କରିଥିଲେ ।

ବିଦ୍ୟାଳୟର ବାର୍ଷିକ ମୁଖପତ୍ର,ପବିତ୍ର ଲିପି କୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ । ବିଭିନ୍ନ କ୍ଷେତ୍ର ପାରଦର୍ଶିତା ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରିଥିଲେ । ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରୀ ହଂଶିକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଭୀମସେନ ସାମଲ, ଅମିତା ଦେହୁରୀ, ଜସ୍ମିନୀ ପ୍ରଧାନ,ଦେବାଶିଷ ହୋତା,ଚୌଧୁରୀ ସୁନା, ଜଗାଶ୍ରିତା ସାହୁ,ପ୍ରଶାନ୍ତ କୁମାର ବେହେରା, ଦୀପକ ମଲ୍ଲିକ, ବିନାୟକ ପ୍ରଧାନ,ସନ୍ତୋସିନୀ ସାହୁ, ଗୋଦାବରୀ ଗଡ ନାୟକ, ବୀଣାପାଣି ସାହୁ, ଶୁଭଶ୍ରୀ ନାୟକ, ଇନ୍ଦ୍ରଜିତ ପ୍ରଧାନ, ବଟକୃଷ୍ଣ ସାହୁ ଓ ଶୁକ୍ଳୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ, (ସବ୍ୟୁ) : ଆଠମଲ୍ଲିକ ଥାନା ଅନ୍ତର୍ଗତ ହିମମଣ୍ଡଳର ନାବାଳିକା ଦୁଷ୍କର୍ମକାରୀ କଲିନ ମୁଣ୍ଡାଙ୍କୁ ଜିଲ୍ଲା ପକ୍ସୋ ସ୍ପେଶାଲ କୋର୍ଟ ଜଜ୍ ରୁଦ୍ର ପ୍ରସାଦ ମହାପାତ୍ର ୨୦ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇବା ସହ ୧୬ ହଜାର ଟଙ୍କା ଜୋରିମାନା ଦଣ୍ଡ ଶୁଣାଣି କରିଛନ୍ତି । ହା ସହ ଜିଲ୍ଲା ଆଇନ ସେବା ପାଧିକରଣ ପକ୍ଷରୁ ପୀଡିତାକୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଅର୍ଥ ରାଶି ପ୍ରଦାନ ପାଇଁ ଶୁଣାଣି କରିଛନ୍ତି । ସୂଚନା ଅନୁଯାୟୀ ଜଣେ ନାବାଳିକା କନ୍ୟାକୁ ୨୦୧୯ ମସିହାରେ ବିବାହର ପ୍ରତିଶୃତି ଦେଇ ବାରମ୍ବାର ଦୁଷ୍କର୍ମ ଓ କରିବା ଅଭିଯୋଗରେ କଲିନ ମୁଣ୍ଡା ଆଠମଲ୍ଲିକ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ୧୬ ଜଣ ସାକ୍ଷୀଙ୍କ ବୟାନ ଓ ୧୫ ଟି ଦସ୍ତାବିଜ ଆଧାରରେ ଶୁକ୍ରବାର ଦିନ ଜିଲ୍ଲା ପୋକ୍ସ କୋର୍ଟ, ସ୍ପେଶାଲ କୋର୍ଟ ନ୍ୟାୟାଧୀଶ ଶୁଣାଣି କରିଛନ୍ତି । ସରକାରୀ ଓକିଲ ସରୋଜ କୁମାର ପଟ୍ଟନାୟକ ପୀଡିତାଙ୍କ ପକ୍ଷରୁ ମକଦମା ପରିଚାଳନା କରୁଥିଲେ ।

# ବନ୍ତଳା ସାପ୍ତାହିକ ହାଟର ଦୁରବସ୍ଥା

ବନ୍ତଳା, (ସବ୍ୟୁ) : ଅନୁଗୋଳ ବ୍ଲକ ଅନ୍ତର୍ଗତ ବନ୍ତଳା ସାପ୍ତାହିକ ହାଟଟି ସର୍ବ ପୁରାତନ । ଏହି ହାଟକୁ ପ୍ରାୟ ୨୦ ରୁ ୨୫ ଟି ପଞ୍ଚାୟତର ଚାଷୀ ଓ ବେପାରୀମାନେ ପନିପରିବା ସହିତ ବିଭିନ୍ନ ପ୍ରକାର ସାମଗ୍ରୀ ମଧରେ ବାସନ କୁସନ ବ୍ୟବସାୟ କରିବାକୁ ହାଟକୁ ଆସନ୍ତି । ବନ୍ତଳା ଅଞ୍ଚଳଟି ଚାଷୀ ବହୁଳ ହୋଇଥିବାରୁ ପନିପରିବା ମଧ ଶସ୍ତାରେ ମିଳିଥାଏ । ଯଦ୍ୱାରା ଲୋକମାନଙ୍କର ଗହଳି ଏହି ହାଟରେ ପରିଲକ୍ଷିତ ହୁଏ । ହାଟରୁ ସର୍ବାଧିକ ରାଜସ୍ୱ ସରକାର ହେଉଥିବା ବେଳେ ହାଟର ରକ୍ଷଣାବେକ୍ଷଣ ଅଭାବରୁ ହାଟରେ କିଛି ପିଣ୍ଡି ଭାଙ୍ଗି ଯାଇଛି । ଆଉ ବଳକା ପିଣ୍ଡିରେ କିଛି ବେପାରୀ ଓ ଚାଷୀ ବସୁଥିବା ବେଳେ କିଛି ଚାଷୀ ହାଟକୁ ଥିବା ରାସ୍ତା ଉପରେ ବସିବା ଦ୍ୱାରା ସଉଦା କରିବାକୁ ଆସୁଥିବା ଗ୍ରାହକମାନେ ଯିବା ଆସିବାରେ ଅସୁବିଧା ହେଉଛି । ଆଉ ମଧ କିଛି ପିଣ୍ଡିରେ ବେପାରୀ ଓ ଚାଷୀ ସେମାନଙ୍କର ସାଇକେଲ ରଖୁଛନ୍ତି । ସମ୍ପୃକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଭାବରେ ଧ୍ୟାନ ଦେଇ ପିଣ୍ଡିଗୁଡିକର ମରାମତି କରିବା ସହିତ ଚାଷୀ ଓ ବେପାରୀମାନଙ୍କୁ ପିଣ୍ଡିରେ ବସାଇବାର ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀଙ୍କ ମତ ।

# ଆରମ୍ଭ ହେଲା ଗଣପର୍ବ ରଟନ୍ତି କାଳୀ ପୂଜା

ଅସୁରାଳି, (ସବ୍ୟୁ) : ରାଜ୍ୟ ପ୍ରସିଦ୍ଧ ଅସୁରାଳିର ଗଣପର୍ବ ରଟନ୍ତି କାଳୀ ପୂଜା ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି । ଦୀର୍ଘ ୭୭ ବର୍ଷର ଏହି ମାତୃପୂଜା ପାଇଁ ଏବେ ଅସୁରାଳି ମାଟି ଉତ୍ସବମୁଖର ହୋଇଥିବା ବେଳେ ସମଗ୍ର ବଜାର ଆକର୍ଷଣୀୟ ସାଜସଜ୍ଜାରେ ଝଲସୁଛି । ୧୯୪୮ ମସିହାରେ ବିଶିଷ୍ଟ ଆଧାତ୍ମିକ ଗୁରୁ ଚେତନା ସଂଘ ଦେବୀ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମଦ୍ ବୈରାଗୀ ବାବାଙ୍କ ଦ୍ୱାରା ଏଠାରେ ଏହି ପୂଜା ଆରମ୍ଭ ହୋଇଥିଲା । ପୂଜା ପାଇଁ ସ୍ଥାନୀୟ ଗ୍ରାମ ଗୁଡିକରେ ଉତ୍ସବ ପରିବେଶ ଦେଖିବାକୁ ମିଳିଛି । ମେଳା ପରିସରକୁ ଶହଶହ ଉଠା ଦୋକାନୀ ସାଙ୍ଗକୁ ସର୍କସ, ମୁକ୍ତ ମଞ୍ଚ ଅପେରା, ମୀନା ବଜାର ଆଦିର ଆୟୋଜନ ଅଧିକ ଆକର୍ଷଣୀୟ କରୁଛି । ଶୁକ୍ରବାର ସନ୍ଧ୍ୟାରୁ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ସମାଗମ ଆରମ୍ଭ ହୋଇଛି । ଅସୁରାଳି ବଣିକ ସଂଘ ଏବଂ ଆଞ୍ଚଳିକ ଜନସାଧାରଣଙ୍କ ସକ୍ରିୟ ସହଯୋଗରେ ପୂଜା କ୍ରମଶଃ ଅଧିକ ଆକର୍ଷଣୀୟ ହୋଇଛି ।

# କାଦବରାଙ୍ଗ ହାଇସ୍କୁଲ ବାର୍ଷିକ ଉତ୍ସବ

ଆଗରପଡ଼ା, (ସବ୍ୟୁ): କାଦବରାଙ୍ଗ ହାଇସ୍କୁଲ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପୀତବାସ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଭାଗିରଥି ସେଠୀ, ସାରସ୍ୱତ ସାଧକ ରମାକାନ୍ତ ଜେନା, ମେଡିକାଲ ଅଫିସର ଡାକ୍ତର ସୋନମ ସ୍ୱାଇଁ, ବ୍ୟାଙ୍କ ମ୍ୟାନେଜର ବିପିନ ବିହାରୀ ମହାନ୍ତି, ସୁବଳକାନ୍ତ ପଣ୍ଡା, ପ୍ରସନ୍ନ ପଣ୍ଡା, ମନୋଜ ରାଉଳ, ଆଦିତ୍ୟ ଜେନା, ଦାମୋଦର ପଣ୍ଡା, ଭଗବାନ ଗିରି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ ।

ସହକାରୀ ଶିକ୍ଷୟତ୍ରୀ ଲିଲି ପରିଡ଼ା ବିବରଣୀ ପାଠ, ଭାସ୍ୱତୀ ଜେନା ଅତିଥି ପରିଚୟ ଓ ସୁକାନ୍ତ ସିଂ ଧନ୍ୟବାଦ ଦେଇଥିଲେଛ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟତ୍ରୀ ଲିଲି ପରିଡ଼ା, ଭାସ୍ୱତୀ ଜେନା, ଲୋପାମୁଦ୍ରା ସ୍ୱାଇଁଙ୍କ ସହ ବେଷ୍ଟ ଛାତ୍ର ସତ୍ୟବ୍ରତ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ବାଇକ ସହ ଗଞ୍ଜେଇ ଜବତ

କନ୍ଧମାଳ, (ସବ୍ୟୁ) : କନ୍ଧମାଳ ଜିଲ୍ଲା ଗୋଚ୍ଛାପଡା ଥାନା ଏବଂ ଫିରିଙ୍ଗିଆ ଥାନା ପକ୍ଷରୁ ଗଞ୍ଜେଇ କଟା ଅଭିଯାନ ଜାରି ରହିଥିବା ବେଳେ ଗଞ୍ଜେଇ ମାଫିଆ ମାନେ ବେଧଡକ ଭାବରେ ଗଞ୍ଜେଇ ଚାଲାଣ କରିଚାଲିଛନ୍ତି।ତେବେ ଗୋଚ୍ଛାପଡା ପୁଲିସ ୩ଟି ବାଇକ ସହ ୧୦୪ କିଲୋ ଗଞ୍ଜେଇ ଧରିବାରେ ସଫଳ ହୋଇଥିବା ବେଳେ ଘଟଣା ସ୍ଥଳରୁ ବାଇକ ସହ ଗଞ୍ଜେଇ ଛାଡି ମାଫିଆ ମାନେ ଫେରାର ହୋଇଯାଇଛନ୍ତି। ପୁଲିସର ସୂଚନା ଅନୁସାରେ କୌଣସି ସୂତ୍ରରୁ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ଗୋଚ୍ଛାପଡା ଥାନା ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ ଗୋଚ୍ଛାପଡା ଥାନା ଟକେରିଗୁଡା ନାଳ ନିକଟରେ ଚଢ଼ାଉ କରିଥିଲେ। ପୁଲିସକୁ ଦେଖି ମାଫିଆ ମାନେ ଗାଡି ସହ ଗଞ୍ଜେଇକୁ ଛାଡି ଫେରାର ହୋଇଯାଇଥିଲେ। ଗୋଚ୍ଛାପଡା ଥାନାରେ ଏହି ଘଟଣାକୁ ନେଇ ୨୪/୨୦୨୪ରେ ଏକ ମାମଲା ରୁଜୁ କରି ଜବତ ବାଇକ ସହ ଗଞ୍ଜେଇକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା ସୂଚନା ଦେଇଥିବା ବେଳେ ଫେରାର ଅଭିଯୁକ୍ତ ମାନଙ୍କ ପରିଚୟ ମିଳି ସାରିଛି। ସେମାନଙ୍କୁ ମଧ ଖୁବଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆମ୍ବମୁଣ୍ଡା ଡ଼େଲାର ବାର୍ଷିକ ଉତ୍ସବ



ତାଳଚେର, (ସବ୍ୟୁ) : ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆମ୍ବମୁଣ୍ଡା ଡ଼େଲାର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମୃଦୁଳା ଠାକୁର ପ୍ରଧାନ, ମୁଖ୍ୟବକ୍ତା ଡ଼ଃ. ସରୋଜ କୁମାର ହାତୀ(ମନ୍ତ୍ରୀ ବିଦ୍ୟାଭରତୀ ପୂର୍ବକ୍ଷେତ୍ର), ସ୍ୱତନ୍ତ୍ର ଅତଥି ଦିବାକର ମାଝୀ (ମୁଖ୍ୟ ପ୍ରବନ୍ଧ ଖନନ ବିଭାଗ ଜଗନ୍ନାଥ କ୍ଷେତ୍ର ଏମସିଏଲ), ସମ୍ମାନୀତ ଅତିଥି , ଡ଼େରା ଗ୍ରାମ ପଂଚାୟତର ସରପଂଚ ଗୀତିଶ ପ୍ରଧାନ, ଅନ୍ୟତମ ଅତିଥିଭାବେ ସମିତି ସଭ୍ୟା ରୀନା ପ୍ରଧାନଙ୍କ ଉପସ୍ଥିତିରେ ଡ଼େରା ସରପଂଚଙ୍କ ଦ୍ୱାରା ନିର୍ମିତ ହୋଇଥିବା ବିଦ୍ୟାଳୟରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଶିଶୁଙ୍କ ଉଦ୍ଦେଶ୍ୟରେ ଉଦଘାଟନ କରାଯିବା ପରେ ଦ୍ୱାବିଂଶ ବାର୍ଷିକ ଉତ୍ସବର କାର୍ଯ୍ୟକ୍ରମକୁ ଦୀପପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରାଯାଇଥଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶିଶୁମାନଙ୍କ ପ୍ରତି ମାଆ ମାନଙ୍କର ଦାୟୀତ୍ୱ ଓ କର୍ତବ୍ୟ ବିଷୟରେ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଗୋଟିଏ ଜାତି ତାଙ୍କ ଭାଷାକୁ ନେଇ କିପରି ପରିଚୟ ପାଇଥାଏ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଭାଷାକୁ ରୂପ ଦେଇ ସାକାର କରୁଥିବା ସମସ୍ତ ଗୁରୁଜୀ, ଗୁରୁମା' ମାନଙ୍କର ଅବିରତ ପରିଶ୍ରମ ଓ ଅନବରତ ଚେଷ୍ଟାକୁ ଅନେକ ଗୁଣରେ ପ୍ରସଂଶା କରିଥିଲେ । ସରପଂଚ ଗୀତିଶ ପ୍ରଧାନ ଏମସିଏଲ କର୍ତୁପକ୍ଷଙ୍କ ଠାରେ ବିଦ୍ୟାଳୟଳର ଉନ୍ନତି ପାଇଁ ସମସ୍ତ ଆବାୟକତା ଉପସ୍ଥାପନା କରିଥିଲେ । ବାର୍ଷିକ ଉତ୍ସବର ମଂଚାସୀନ ଅତିଥିମାନଙ୍କର ପରିଚୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ବାରିକ ରଖିଥିଲେ । ଯୁଗ୍ମସମ୍ପାଦକ ଦିବେଶ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ସଭାପତି ଉପେନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ,ପରିଚାଳନା ହୋଇଥିଲା । ଉପସ୍ଥିତ ଥିବା ସମସ୍ତ ଅତିଥି ଅଧିକାରୀ ଓ ପରିଚାଳିତ ସମିତିର ସମସ୍ତ ସଦସ୍ୟଙ୍କୁ ଶାଲ ଓ ବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଉପସଭାପତି ଗିରିଶ ପ୍ରଧାନ ସମସ୍ତ ଅତିଥି ଅଭ୍ୟାସଗତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଶେଷରେ ବନ୍ଦେମାତାରମ୍ ଗାନ କରାଯାଇ ସଭାକାର୍ଯ୍ୟ ସମ୍ପାଦନା କରାଯାଇଥିଲା । ଶିଶୁମାନଙ୍କ ଦ୍ୱାରା ପ୍ରସ୍ତୁତ ୫ଟି ବିଷୟ ଯଥା ଶରୀରକୁ ଯୋଗ, ସଙ୍ଗୀତ, ସଂସ୍କୃତ ଓ ନୈତିକ, ଆଧାତ୍ମିକ ଶିକ୍ଷାକୁ ଆଧାରକରି ପ୍ରସ୍ତୁତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ।

# ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ରକ୍ତଦାନ ଶିବିର

ଛେଣ୍ଡିପଦା, (ସବ୍ୟୁ) : ସତ୍ୟସାଇ ଭଜନ ମଣ୍ଡଳୀ, ଛେଣ୍ଡିପଦା ପକ୍ଷରୁ ଛେଣ୍ଡିପଦା ସତ୍ୟସାଇ ମନ୍ଦିର ପରିସର ରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିର ରେ ମୋଟ ସତାବନ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

ଅନୁଗୋଳ ରକ୍ତ ଭଣ୍ଡାର ପକ୍ଷରୁ ଅଭିଜ୍ଞ ଟେକ୍ନିସିଆନ ମାନେ ରକ୍ତ ସଂଗ୍ରହ କରିଥିଲେ । ସତ୍ୟସାଇ ଭଜନ ମଣ୍ଡଳୀ କନଭେନର ରଞ୍ଜନ କୁମାର ପ୍ରଧାନ, ଯଶୋବନ୍ତ ପ୍ରସାଦ ବେହେରା, ବନମାଳୀ ପ୍ରଧାନ, ପାର୍ଥ ସାରଥୀ ପ୍ରଧାନ, ଦୁନା ନାୟକ, କୌଶଲ୍ୟା ପ୍ରଧାନ, ଚିନ୍ତାମଣି ପ୍ରଧାନ, ସଂଜୀବ କୁମାର ଦେହୁରୀ, ସଂଜୟ କୁମାର ସାହୁ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।



# ସମ୍ବଲପୁର ବିଶ୍ୱବିଦ୍ୟାଳୟ ବୈଷୟିକ ସଂସ୍ଥାନର ପ୍ରତିଷ୍ଠା ଦିବସରେ ଯୋଗଦେଲେ ଡ. ପ୍ରମୋଦ ମିଶ୍ର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସୟୁ ଆଇଆଇଟିର ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ସମାରୋହ ଆଜି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୁଷଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ତଥା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡ .ପ୍ରମୋଦ କୁମାର ମିଶ୍ର ଭାରତର ବିକାଶରେ ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୁମିକା ରହିଛି ବୋଲି କହିଥିଲେ। ସେ ଅନୁସନ୍ଧାନ ଜାତୀୟ, ଗବେଷଣା, ନ୍ୟାଶ–ଏଏନଆରଏସ ଉପରେ ଆଲୋକପାତ କରି ବିଭିନ୍ନ ବିଭାଗରେ ନବ ଅନ୍ୱେଷଣ ପ୍ରକଳ୍ପ ଗୁଡ଼ିକୁ ପାଣ୍ଠି ଏବଂ ସହାୟତା ପ୍ରଦାନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୁମିକା ଉପରେ ଆଲୋଚନା କରିଥିଲେ।




ଇଲେକ୍ଟ୍ରୋନିସ୍ ଏବଂ ଆଇଟି କ୍ଷେତ୍ରରେ ଗବେଷଣାର ସଂଖ୍ୟା ବୃଦ୍ଧି ପାଇଁ ବିଶ୍ୱେସରାୟ ଯୋଜନା ରହିଛି। ଆଇଆଇଟି ଖଡଗପୁର ଜାତୀୟ ସୁପର କମ୍ପ୍ୟୁଟିଙ୍ଗ ମିଶନରେ କୃତ୍ରିମ ବୁଦ୍ଧିମତା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନରେ ସାମିଲ ହୟୋଇଛି। ସେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗିନ ଉନ୍ନତି ପାଇଁ ଗବେଷଣାକୁ ସହାୟତା ସକାଶେ ଅନେକ ସଂସ୍ଥାନ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଆଇଟି କ୍ଷେତ୍ରରେ ଭାରତର ବିଶ୍ୱରୁ ବୈଷିକ ଲକ୍ଷ ହାସଲକୁ ବୃଦ୍ଧି କରିବା ପାଇଁ ନାଶକମ ଡ଼ିଜିଟାଲ ସ୍କିଲ ରହିଛି। ଜ୍ଞାନ ସୃଷ୍ଟି ବିଭିନ୍ନ ଶିକ୍ଷା କାର୍ଯ୍ୟକ୍ରମ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ପାଇଁ ବିଭିନ୍ନ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ମାନଙ୍କ ମଧ୍ୟରେ ସହଯୋଗ ଉପରେ ଡ. ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଏହି ଶିକ୍ଷାନୁଷ୍ଠାନ ମାନଙ୍କ ପକ୍ଷରୁ ଗବେଷଣା ସହିତ ଛାତ୍ରଛାତ୍ରୀ ମାନଙ୍କୁ ବ୍ୟବହାରିକ ଶିକ୍ଷା ପ୍ରଦାନ ଉପରେ ଅଗ୍ରାଧିକାର ଦିଆଯିବା ଆବଶ୍ୟକ। ଅନୁଷ୍ଠାନର ନିର୍ଦ୍ଦେଶକ ବସନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ର କଲ୍ୟାଣ ଡ଼ିନ ସୁଦର୍ଶନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଠାବ

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲା ସୁନାବେଡା ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଛାତ୍ରୀବାସରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଛାତ୍ରୀ ଜଣକ ଘର କେନ୍ଦ୍ରାପଡ଼ା ଜିଲ୍ଲାର ବୋଲି ଜଣାଯାଇଛି। ବିଶ୍ୱବିଦ୍ୟାଳୟରେ ଗଣିତ ବିଭାଗର ପ୍ରଥମ ବର୍ଷରେ ଛାତ୍ରୀ ଜଣକ ପଢୁଥିଲେ। ଛାତ୍ରୀ ଜଣଙ୍କ ଶନିବାର ସକାଳେ ନିଜ ରୁମର କବାଟ ଖୋଲି ନଥିଲେ। ଏନେଇ ସହପାଠୀମାନଙ୍କର ସନ୍ଦେହ ହୋଇଥିଲା। କବାଟ ବାଡ଼େଇ ଛାତ୍ରୀଙ୍କୁ ଡାକିଥିଲେ। ହେଲେ ଛାତ୍ରୀର ଜଣଙ୍କ କବାଟ ଖୋଲି ନଥିଲେ। ପରେ ସହପାଠୀମାନେ କବାଟ ତାଡ଼ି ଦେଇଥିଲେ। ଛାତ୍ରୀ ଜଣଙ୍କ ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ସହପାଠୀମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏସଂପର୍କ ପୁଲିସକୁ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାସହ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ମଧ ଖବର ଦିଆଯାଇଛି। ଛାତ୍ରୀଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡ଼ିନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।

# ବିଭିନ୍ନ ସମସ୍ୟା ଉପରେ କେସିଙ୍ଗା ବିକାଶମଞ୍ଚ–ଜିଲ୍ଲାପାଳ ଆଲୋଚନା

କେସିଙ୍ଗା,(ସବ୍ୟୁ): କେସିଙ୍ଗା ବିକାଶ ମଞ୍ଚ ପକ୍ଷରୁ ନୁନମାଠ ଠାରେ ନୂତନ ଭାବରେ ହୋଇଥିବା ଟୋଲ ଗେଟରେ ସ୍ଥାନୀୟ ଲୋକଙ୍କୁ ତଥା ଜିଲ୍ଲାର ଯାନ ବାହାନକୁ ଟେକ୍ସ ନେବାକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଟୋଲ ଟେକ୍ସ ବନ୍ଦ ନେଇ ଦାବି ପତ୍ର ପ୍ରଦାନ କରାଯାଇଛି। ସେହିପରି ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଠାରୁ ଡୁମେରମୁଣ୍ଡା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଉଦାସୀନତା ପାଇଁ ଅଧାପନ୍ତରିଆ ହୋଇ ପଡ଼ିଥିବା ରାସ୍ତାକୁ ସମ୍ପର୍ଣ୍ଣ କରିବା ଏବଂ କେସିଙ୍ଗାର ରେଜିଷ୍ଟ୍ରେସନ କାର୍ଯ୍ୟାଳୟକୁ ସବୁଦିନ ଚାଲୁ କରିବା ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲ୍ଲାପାଳ ପି ଅନ୍ୱେଶା ରେଡ୍ଡୀ ଟୋଲ ଗେଟ ଟେକ୍ସ ନେଇ ଖୁବ ଶୀଘ୍ର ପ୍ରଶାସନ ପକ୍ଷରୁ ତହସିଲଦାରଙ୍କ ଜରିଆରେ କେସିଙ୍ଗା ଏକ ସମନ୍ୱୟ ବୈଠକ ଡାକିବେ ଓ ନିୟମ ମୁତାବକ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରାସ୍ତା ନେଇ ପୂର୍ତ୍ତ ବିଭାଗ ସହ ଆଲୋଚନା କରି ଶୀଘ୍ର କରାଯିବ ଏବଂ ତହସିଲଦାରଙ୍କ ସମୟ ଅନୁଯାୟୀ ରେଜିଷ୍ଟ୍ରେସନ ଦିନ ଧାର୍ଯ୍ୟ କରାଯିବ ବୋଲି କହିଥିଲେ । ଏହି ପ୍ରତିନିଧି ଦଳରେ ଏନଏସି ଅଧକ୍ଷ ନୃପରାଜ ଯାଦବ,ବ୍ଲକ ଅଧକ୍ଷ ଚନ୍ଦନ ସେନାପତି,ସମିତି ସଭ୍ୟ ପ୍ରତାପ ବାଗ ,ଟାଉନ ବିଜେଡି ସଭାପତି ରମେଶ ଚନ୍ଦ୍ର ପଟ୍ଟନାୟକ ଓ ସାମ୍ବାଦିକ ମହାସଂଘ ସଭାପତି ସୁଶାନ୍ତ ମହାପାତ୍ର ସାମିଲ ହୋଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

# ଶିକ୍ଷକ ଅଭାବରୁ ସ୍କୁଲ ବନ୍ଦ କଲେ ଅଭିଭାବକ

ଦେବଗଡ,(ସବ୍ୟୁ): ଶିକ୍ଷକ ଅଭାବରୁ ସ୍କୁଲକୁ ନିଜ ପିଲାଙ୍କୁ ଛାଡିଲେନି ଅଭିଭାବକ । ଏଭଳି ଅଭାବନୀୟ ଘଟଣା ଘଟିଛି ଦେବଗଡ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ତଲେଇସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । ସ୍କୁଲରେ ପର୍ଯ୍ୟାପ୍ତ ଶିକ୍ଷକ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଆଉ ପିଲାଙ୍କୁ ନପଠାଇବା ପାଇଁ ଅଭିଭାବକ ନିଷ୍ପତ୍ତି ନେଇଛନ୍ତି । ଫଳରେ ସ୍କୁଲରେ ନିଯୁକ୍ତି ପାଇଥିବା ଦୁଇ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶନିବାର ଛାତ୍ର ଛାତ୍ରୀଙ୍କୁ ଅପେକ୍ଷା କରି କରି ଘରକୁ ଫେରିଛନ୍ତି । ଛାତ୍ରଛାତ୍ରୀମାନେ କହିଛନ୍ତି ଯେ ଆମ ସ୍କୁଲରେ ଶିକ୍ଷକଙ୍କ ଅଭାବ ରହିଛି । ଆମ ପାଠପଢ଼ା ସେଥିପାଇଁ ବ୍ୟାହତ ହେଉଛି । ଆମକୁ ବାପା ମାଆ ଆଉ ସ୍କୁଲକୁ ଶିକ୍ଷକ ନ ଆସିବା ପର୍ଯ୍ୟନ୍ତ ନଛାଡିବାକୁ ନିଷ୍ପତ୍ତି ନେଇଛନ୍ତି । ଗୋଟିଏ କ୍ଲାସ ରୁମରେ ପ୍ରଥମରୁ ପଞ୍ଚମ ପାଞ୍ଚ ଟି କ୍ଲାସ ଓ ଅନ୍ୟ କ୍ଲାସ ରୁମରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଠପଢ଼ା ଚାଲିଛି । ଫଳରେ ଛାତ୍ର ଛାତ୍ରୀ ଠିକ୍ ଭାବରେ ପାଠ ପଢି ପାରୁନଥିବା ଅଭିଯୋଗ କରିଛନ୍ତି । ସ୍କୁଲରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ୫୭ ଜଣ ଛାତ୍ରଛାତ୍ରୀଙ୍କ ପାଠ ପଢା ପାଇଁ ଦୁଇ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି । ସ୍କୁଲରେ ବାର୍ଷିକ ପରୀକ୍ଷା ଆଉ କିଛି ଦିନ ବାକି ଥିବା ବେଳେ ଛାତ୍ର ଛାତ୍ରୀ ଏବେ ପାଠପଢ଼ା ଛାଡି ଖେଳକୁଦରେ ମାତିଛନ୍ତି । ସେହିପରି ସ୍କୁଲ ଅବିଭାବକ କମିଟି ସଭାପତି ସୁଶାନ୍ତ କୁମାର ସାହୁ କହିଛନ୍ତି ଯେ ତଲେଇସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୫୮ ମସିହାରେ ସ୍ଥାପିତ ହୋଇଥିବା ବେଳେ ୨୦୦୭ରେ ଏହା ଅପଗ୍ରେଡେଡ ହୋଇଥିଲା । ସ୍କୁଲରେ ପୂର୍ବରୁ ୭ଟି ଶ୍ରେଣୀ ପାଇଁ ଚାରି ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିଲେ । ୨୦୨୩ରେ ଜଣେ ଶିକ୍ଷକଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ଅନ୍ୟ ସ୍ଥାନକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନଥିଲା । ସେହିପରି ୨୦୨୩ ସେପ୍ଟେମ୍ବର ମାସରେ ପ୍ରଧାନ ଶିକ୍ଷକ ମାନଭଞ୍ଜନ ଥାପା ପକ୍ଷାଘାତରେ ଆକ୍ରାନ୍ତ ହେବା ପରେ ଚିକିସାଧିନ ଅବସ୍ଥାରେ ରହିଛନ୍ତି । ଫଳରେ ଦୁଇଜଣ ଶିକ୍ଷକ ଶିକ୍ଷୟିତ୍ରୀରେ ସ୍କୁଲ ଚାଲିଥିବା ବେଳେ ପାଠପଢ଼ାରେ ବ୍ୟାହତ ସୃଷ୍ଟି ହୋଇଛି । ଶନିବାର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚି ଅଭିଭାବକ ମାନଙ୍କ ସହ ଆଲୋଚନା କରିଥିଲେ । ସେ ଖୁବ ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଆଶାବାଦୀ ରହିଛନ୍ତି । ଏନେଇ ଉମାକାନ୍ତ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ରିଆମାଳ କହିଛନ୍ତି ଯେ ପ୍ରାଥମିକ ଶିକ୍ଷା ର ମାନ ବୃଦ୍ଧି ଓ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ଯୋଗୁଁ କିଛି ସ୍କୁଲରେ ଛାତ୍ର ଛାତ୍ରୀ ସଠିକ ଭାବରେ ଶିକ୍ଷା ପାଇପାରୁନାହାନ୍ତି । ଫଳରେ ସରକାର ଙ୍କ ଯୋଜନା ସଫଳ ହୋଇପାରୁନାହିଁ ।

# ଜିଲ୍ଲା ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ପ୍ରଥମ ମ୍ୟାଚରେ କ୍ରୀଷ୍ଟା ବିକାଶ ଗ୍ରୁପ ବିଜୟୀ

ବରଗଡ,(ସବ୍ୟୁ): ଓଡ଼ିଶା କ୍ରିକେଟ ଏସୋସିଏସନ ପକ୍ଷରୁ ଓ ଜିଲ୍ଲା କ୍ରିକେଟ ଏସୋସିଏସନ ବରଗଡର ଆୟୋଜନରେ ସ୍ଥାନୀୟ କ୍ରୀଷ୍ଟା ବିକାଶ ଖେଳ ପଡିଆରେ ଜିଲ୍ଲା ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି । ଜିଲ୍ଲା କ୍ରିକେଟ ଏସୋସିଏସନ ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଓ ସମ୍ପାଦକ ରବି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ନିରୀକ୍ଷକ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । ଉଦ୍ଘାଟନୀ ଉତ୍ସବରେ କ୍ରୀଷ୍ଟା ବିକାଶ ଗ୍ରୁପର ନିର୍ଦ୍ଦେଶକ ଡ.ସମରେନ୍ଦ୍ର ନାଥ ପଣ୍ଡା ସମ୍ମାନୀତ ଅତିଥି ଭାବରେ




ଯୋଗଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରିକେଟ ଏସୋସିଏସନର ଉପ- ସଭାପତି ଡ.ଶୁଭ୍ରାଂଶୁ ଶେଖର ମହାପାତ୍ର, କୋଷାଧକ୍ଷ ଗୁରୁଦତ୍ତ ଦାସ, ଚନ୍ଦ୍ର ଶେଖର ପ୍ରଧାନ,ରଜତ ଦାଶ, କ୍ରୀଷ୍ଟା ବିକାଶ ସ୍କୁଲର କାର୍ଯ୍ୟନିର୍ବାହୀ ଅଧକ୍ଷ ଶିଶିର ପ୍ରସାଦ ରାଉଲ, ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, କୋଚ ଅଶୋକ ସିଂ, କ୍ରୀଡା ଅଧିକାରୀ ପିତାମ୍ବର ପ୍ରଧାନ, ଆସିଷ୍ଟାଣ୍ଟ କୋଚ ରୂପକ ପ୍ରଧାନ, ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଉଦଘାଟନୀ ମ୍ୟାଚ କ୍ରୀଷ୍ଟା ବିକାଶ ସ୍କୁଲ ଓ ମେଲଛାମୁଣ୍ଡା ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମେଲଛାମୁଣ୍ଡା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା । ମେଲଛାମୁଣ୍ଡା ଦଳ କିଶୋର ସାହୁ ଙ୍କ ୨୧ ରନ ଓ ନୀତେଶ ରାଏଙ୍କ ୧୫ ରନ ଜରିଆରେ ମାତ୍ର ୧୧.୫ ଓଭର ଖେଳି ୬୭ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା । କ୍ରୀଷ୍ଟା ବିକାଶ ପକ୍ଷରୁ ରାଗ ଗୁପ୍ତା ୨୨/୩ ୱିକେଟ, ଗୌରବ ମେହେର ୧୫/୨ ୱିକେଟ, ,ଶୁଭ୍ରାଂଶୁ ଚୌଧୁରୀ ୧୩/୨ ୱିକେଟ ନେଇଥିଲେଛ ଏହି କମ ସ୍କୋରକୁ ପିଛା କରି କ୍ରୀଷ୍ଟା ବିକାଶ ଦଳ ମାତ୍ର ୩.୧ ଓଭରରେ କୌଣସି ୱିକେଟ ନ ହରାଇ କରି ନେଇଥିଲା ୬୯ ରନ ଓ ମ୍ୟାଚ୍ କୁ ୧୦ ୱିକେଟ ରେ ଜିତି ନେଇଥିଲା । ଦଳ ପକ୍ଷରୁ ବିନୟ ଶର୍ମା ମାତ୍ର ୧୮ ଟି ବଲ ଖେଳି ୩ ଛକା ଓ ୭ ଚୌକା ବଳରେ ଅପରାଜିତ ୫୦ ରନ କରି ଦଳକୁ ଏହି ବିଜୟ ଦେଇଥିଲେ । ମ୍ୟାଚ୍ କୁ ପ୍ରୟାସ ବଗାର ଓ ହନୁ ଅଗ୍ରୱାଲ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ରଜତ ଦାଶ ।

# ଟିପିଗୁଡାରେ କିଶୋରୀ ବାଳିକା ମେଳା

ଧର୍ମଗଡ଼,(ସବ୍ୟୁ): ଧର୍ମଗଡ଼ ବ୍ଲକ ଟିପିଗୁଡା ସ୍ଥିତ ଅଙ୍ଗନବାଡି କେନ୍ଦ୍ର –୨ରେ କିଶୋରୀ ବାଳିକା ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟିପିଗୁଡା ସରପଞ୍ଚ ହାତୀରାମ ଦୁର୍ଗା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଅତିଥି ଭାବେ ଟିପିଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ନାଏକ ଓ ସହକାରୀ ଶିକ୍ଷକ ଲୋଚନ ନାଏକ ଯୋଗଦେଇ ଥିଲେ । ମେଳାରେ ଶ୍ୱେତସାର, ସ୍ନେହସାର ଓ ରୋଗ ପ୍ରତିରୋଧକ ସମ୍ବନ୍ଧିତ ତିନୋଟି ଷ୍ଟଲ କରାଯାଇଥିବା ବେଳେ ବାଳିକା ମାନଙ୍କ ମଧ୍ୟରେ କୁଇଜ, ରଙ୍ଗୋଲି ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉପସ୍ଥିତ




ଅତିଥି ମାନେ ଉତ୍ତମ ଖାଦ୍ୟ ଖାଇବା ସହ ସ୍ୱାସ୍ଥ୍ୟକୁ କେମିତି ସନ୍ତୁଳନ ରଖିବା, ମାନସିକ ପରିବର୍ତ୍ତନରେ ସଞ୍ଜମତା, ଗୁରୁଜନଙ୍କ କଥା ମାନିବା ଆଦି ଉପରେ କିଶୋରୀ ବାଳିକା ମାନଙ୍କୁ ବୁଝାଇଥିଲେ । ସୁପରଭାଇଜର ବୈଜନ୍ତି ମହାରଥୀଙ୍କ ତତ୍ତ୍ୱାବଧାନରେ କିଶୋରୀ ମେଳା ଅନୁଷ୍ଠିତ ହୋଇଥିବା ବେଳେ ଟିପିଗୁଡା ଅଙ୍ଗନବାଡି କେନ୍ଦ୍ର –୧ ର ପପିଶା ପଟ୍ଟନାୟକ, ଅଙ୍ଗନବାଡି କେନ୍ଦ୍ର –୨ ର ତରଙ୍ଗିନୀ ନାଏକ ସମେତ ଟିପିଗୁଡା ପଞ୍ଚାୟତ ଅଧିନସ୍ଥ ଅଙ୍ଗନବାଡି କର୍ମୀମାନେ ଯୋଗଦେଇ ଥିବାବେଳେ ଏହି କିଶୋରୀ ମେଳାରେ ପ୍ରାୟ ୫୦ ଜଣ ୧୦ ରୁ ୧୯ ବର୍ଷ ବୟସର କିଶୋରୀ ବାଳିକା ଅଂଶଗ୍ରହଣ କରିଥିଲେ ।

# ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,(ସବ୍ୟୁ): ଗୋଲାମୁଣ୍ଡା ବ୍ଲକ ବୋରଡ଼ି ପଞ୍ଚାୟତରେ ଶୁକ୍ରବାର ସରପଞ୍ଚ ସ୍ୱାଦି ପୁଟେଲଙ୍କ ଅଧକ୍ଷତାରେ ମୋ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଦିବ୍ୟ



ଶଙ୍କର ମିଶ୍ର ଯୋଗଦେଇ ଉପସ୍ଥିତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେବା ସହ ଗ୍ରାମାଞ୍ଚଳର ବିଭିନ୍ନ ପ୍ରକାରର ସମସ୍ୟାର ସମାଧାନ କରିଥିଲେ । ଏଥିରେ ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଷ୍ଟଲ ଲଗାଯାଇଥିଲା । ସେ ସବୁର ପରିଧାନ କରି କିପରି ସେମାନେ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଗୁରୁତ୍ୱ ଦେଇଥିଲେ । ତାସହିତ ବିଭିନ୍ନ ସାଂସ୍କୃତିକ ଦଳ ମାନେ ନିଜ ନିଜ ନୃତ୍ୟ ପରିବେଷଣ କରି ଜନସାଧାରଣଙ୍କୁ ମନୋରଞ୍ଜନ କରିଥିଲେ । ଏହି କାର୍ଯ୍ୟ କ୍ରମକୁ ଜି.ଆର.ସ ବିଶ୍ୱ ଦୀପକ ପାଣିଗ୍ରାହୀ ପରିଚାଳନା କରିଥିଲେ। ପଂଚାୟତ ପିଇଓ ଗଜାନନ ପୋଡ଼, ପ୍ରଶାନ୍ତ କୁମାର ନାଏକ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା ସମିତି ସଭ୍ୟ ସସ୍ମିତା ମାଝୀ ଏବଂ ସମସ୍ତ ୱାର୍ଡ ମେମ୍ବର ସହଯୋଗ କରିଥିଲେ।

# ମା’ ବାଉତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଦେଓଗାଁ ଚମ୍ପିଆନ

ଘଣ୍ଟାପଡା,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ସ୍ଥିତ ତେନ୍ତୁଲିଖୁଣ୍ଟି ଗ୍ରାମର ଖେଳ ପଡ଼ିଆରେ ୫ ଦିନ ଧରି ଚାଲିଥିବା ଦ୍ୱାଦଶ ମା’ବାଉତୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳରେ ବେହେରାପାଲିକୁ ହରାଇ ଦେଓଗାଁ ଚମ୍ପିଆନ ହୋଇଛି। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଟସ ଜିତି ଦେଓଗାଁ ଦଳ ପ୍ରଥମେ ବ୍ୟାଂଟିକରି ନିର୍ଦ୍ଧାରିତ ଓଭରରେ ୪ଉଇକେଟ ହରାଇ ୧୦୮ରନର ବିଶାଳ ସ୍କୋର କରିଥିଲା। ୧୦୯ ରନର ବିଜୟ ଲକ୍ଷ୍ୟ ନେଇ ବେହେରାପାଲି ଦଳ ପ୍ରଥମେ ଭଲ ସ୍କୋର କରିଥିଲା। କିନ୍ତୁ ଲଗାତାର ୨ଟିଉଇକେଟ ପତନ ଯୋଗୁଁ ଖେଳ ଧିମେଇ ଯାଇଥିଲା। ଫଳରେ ନିର୍ଦ୍ଧାରିତ ଓଭରରେ ଦେଓଗାଁ ଦଳ ୫ ଉଇକେଟ ହରାଇ ୯୫ ରନ କରି ୧୪ ରନ ବ୍ୟବଧାନରେ ପରାସ୍ତ ହୋଇ ଉପ ବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟର ଉଦଘାଟନ ସ୍ଥାନୀୟ ସମାଜସେବୀ ଦେଓକୁମାର ବେହେରାଙ୍କ ଦ୍ୱାରା ଉଦଘାଟିତ ହୋଇ ଶନିବାର ଉଦଯାପିତ ହୋଇଥିବା ଫାଇନାଲ ଖେଳରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଘଣ୍ଟାପଡ଼ା ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ସମ୍ମାନୀତ ଅତିଥି ଭାବେ କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ରଣା, ଫିରିଙ୍ଗିଆ ବ୍ଲକ ଉପାଧକ୍ଷ ଅଜିତ ସାହୁ, ଶିକ୍ଷାବିତ ନିଳାଚଳ ଭୋଇ, ବ୍ଲକ କଂଗ୍ରେସ ଉପସଭାପତି ଗୋପ ରଣା, ବିଜେପି ଘଣ୍ଟାପଡ଼ା ମଣ୍ଡଳ ସଭାପତି ପିନାକଧର ରଣା, ଆଦିବାସୀ ନେତା ସତ୍ୟନାରାୟଣ ମାଝୀ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରତାପ ରଣା, ସମିତି ସଭ୍ୟ ଦେବେନ୍ଦ୍ର ରଣା, ଘଣ୍ଟାପଡ଼ା ପଞ୍ଚାୟତର ନାଏବ ସରପଞ୍ଚ ନବୀନ କିଶୋର ମେଣ୍ଡିଲି, ସମାଜସେବୀ ଦେବେନ୍ଦ୍ର ସାହୁ, ଶେଷଦେବ ରଣା, ସୁରଥ ସାହୁ ପ୍ରମୁଖ ଉପସ୍ଥିତ ରହି ଚମ୍ପିଆନ ଦେଓଗାଁ ଦଳକୁ ଓ ଉପ–ବିଜେତା ବେହେରାପାଲି ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେଛ ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳୀ ଭାବେ ବେହେରାପାଲି ଦଳର ନଳ ଓ ଫାଇନାଲ ଖେଳର ଶ୍ରେଷ୍ଠ ଖେଳାଳୀ ଭାବେ ଦେଓଗାଁ ଦଳର ରାଜୀବଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉକ୍ତ ଫାଇନାଲ ମ୍ୟାଚରେ ଦୈତାରୀ ମାହାର ଓ ବିନୋଦ ରଣା ଖେଳ ପରିଚାଳନା କରିଥିଲେ। ସ୍କୋରରଭାବେ ରବିନ୍ଦ୍ର କର୍ମୀ ଓ ଗୋପାଳ ମାଝୀ ଦାୟିତ୍ୱ ତୁଲାଇଥିବା ସ୍ଥଳେ ଦେବେନ୍ଦ୍ର ରଣା, ଶଙ୍କର ସାହୁ ଓ ହରି ରଣା ଧାରାବିବରଣୀ ପ୍ରଦାନ କରିଥିଲେ ଏବଂ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବୋରିଗୁମ୍ମାରେ ଜାତୀୟ କୃମିନାଶ ଦିବସ ପାଳିତ

ବୋରିଗୁମ୍ମା,(ସବ୍ୟୁ): ଶନିବାର ଜାତୀୟ କୃମିନାଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବୋରିଗୁମ୍ମା ବ୍ଲକରେ ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ରରେ ପ୍ରଥମରୁ ୧୯ ବର୍ଷୀୟ ପିଲାଙ୍କୁ ଏବଂ ପ୍ରଜନନକ୍ଷମ ମହିଳାଙ୍କୁ କୃମିନାଶ ବଟିକା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖାଇବାକୁ ଦିଆଯାଇଛି। ପ୍ରଥମରୁ ପାଞ୍ଚ ବର୍ଷ ପିଲାଙ୍କୁ ବଟିକା ବଦଳରେ କୃମିନାଶ ସିରପ ଦିଆଯାଇଛି। ଆଜି ଯେଉଁ ମାନେ କୃମିନାଶ ବଟିକା ଖାଇବାରୁ ବଞ୍ଚିତ ସେମାନଙ୍କ ପାଇଁ ପ୍ରଥମ ରାଉଣ୍ଡ ଫେବ୍ରୁଆରୀ ୧୭ ତାରିଖରେ ପୁଣି ଦିଆଯିବ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସମସ୍ତ ମହିଳା ଏବଂ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକ ମାନେ ଉପସ୍ଥିତ ରହି ପିଲାମାନଙ୍କୁ କୃମୀ ନାଶକ ଔଷଧ ବଣ୍ଟନ କରାଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରବୀଣ କୁମାର ଦାଶ, ବିପିମ୍ ସରୋଜ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦମୟନ୍ତୀ ମୁଦୁଲି, ଶ୍ରୀନିବାସ ରାଓ, ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

# ବଲାଙ୍ଗିରରେ ଫାଇଲେରିଆ ନିରାକରଣ ଅଭିଯାନ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାର ୧୧ ଗୋଟି ବ୍ଲକ ଓ ୪ ଗୋଟି ସହରାଞ୍ଚଳ ରେ ଆରମ୍ଭ ହୋଇଛି ଫାଇଲେରିଆ ନିରାକରଣ ଅଭିଯାନ । ଏନେଇ ସାମୁହିକ ଔଷଧ ସେବନ କାର୍ଯକ୍ରମ ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ବଟିକା ସେବନ କରି ଆରମ୍ଭ କରିଥିଲେ । ଜିଲ୍ଲାର ୧୪ ଲକ୍ଷ ୭୬ ହଜାର ଜଣଙ୍କୁ ଫାଇଲେରିଆ ନିରାକରଣ ଅଭିଯାନ ମାଧ୍ୟମରେ ଔଷଧ ପ୍ରଦାନ କରାଯିବ । ଔଷଧ ପ୍ରଦାନକାରୀ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଘରକୁ ଘର ଯାଇ ନିଜ ତତ୍ତ୍ୱାବଧାନରେ ନିଜ ସମ୍ମୁଖରେ ଔଷଧ ଖୁଆଇବେ । ଗର୍ଭବତୀ ମହିଳା ,୨ ବର୍ଷରୁ କମ ବୟସର ଶିଶୁ ଓ ଗୁରୁତର ରୋଗୀଙ୍କୁ ଏହି ବଟିକା ଦିଆଯିବନାହିଁ । ଏହି ଔଷଧ ସମ୍ପୂର୍ଣ ନିରାପଦ ଅଟେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁବେର ଚନ୍ଦ୍ର




ମହନ୍ତ ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ଡ଼. ଦିବ୍ୟକିଶୋର ପତି , ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡ଼ ସିଦ୍ଧେଶ୍ୱର ମାଝୀ , ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ସୁଦ୍ଧା ବାର୍ଲା , ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କ୍ଷେତ୍ରୀୟ ସଂଯୋଜକ ଡ଼. ନିଶିଥ ରଞ୍ଜନ ଦାସ ,ଡିପିଏମ ମୃତ୍ୟୁଞ୍ଜୟ ମୁଣ୍ଡ, ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯକ୍ରମର ଜିଲ୍ଲା ସଂଯୋଜକ ସୁରେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଭା ସଂଯୋଜନା କରିଥିଲେ। ଶିକ୍ଷକ ଶିକ୍ଷୟତ୍ରୀ ଗଣ ତାଙ୍କୁ ସହଯୋଗ କରିଥିଲେ ।

# ବଞ୍ଜାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ମହୋତ୍ସବ

ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ବଡମାଳ ପଞ୍ଚାୟତ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷକ ନୀଳମଣି ଝାଙ୍କର ସଭାରେ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ ଯୋଗଦେଇ ଶିକ୍ଷା ହିଁ ସଫଳତାର ମୂଳମନ୍ତ୍ର, ଶାରିରୀକ ଓ ମାନସିକ ସ୍ତରରେ ବିକାଶ ହେଲେ ଉନ୍ନତି ହୋଇପାରିବ ବୋଲି କହିବା ସହ ବିଦ୍ୟା ଅଟଇ ମହାଧନ ବାଳକେ କର ଉପାର୍ଜନ ବୋଲି ଛାତ୍ରୀଛାତ୍ର ମାନଙ୍କୁ ବୁଝାଇଥିଲେ । ମୁଖ୍ୟବକ୍ତା ଭାବେ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ମନକୁ ଦୃଢ଼ କଲେ ସବୁ କ୍ଷେତ୍ରରେ ବିଜୟ ହେବା ସୁନିଶ୍ଚିତ ବୋଲି କହିଥିଲେ । ସମ୍ମାନୀୟ ଅତିଥି ଭାବେ ସମିତି ସଭ୍ୟା ଜେମାଦେଇ ମାଝୀ, ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ବାଘ, ମୋ ସ୍କୁଲ ସଭାପତି କର୍ମୁଚରଣ




ବାଘ, ବିଷ୍ଣୁ ଚରଣ ଧାନ, ବୀରେନ ସାହୁ, ରମଣୀ କିଶାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନେତ୍ରାନନ୍ଦ ନାଏକ, ଗଜେନ୍ଦ୍ର କୁମାର ପଟେଲ, ସୁନିଲ କୁମାର ସାହୁ, ଭବାନୀ ଶଙ୍କର ନାଏକ ଏବଂ ଶୋଭିତ ଠାକୁର ପ୍ରମୁଖ ଯୋଗଦେଇ ଲକ୍ଷ୍ୟ ସ୍ଥିର କଲେ ଭବିଷ୍ୟତରେ ସଫଳତା ନିଶ୍ଚୟ ମିଳିବ, ଜୀବନରେ ଯେତେ ବି ପ୍ରତିବନ୍ଧକ ଆସୁ ତାକୁ ମୁକାବିଲା କରି ଆଗକୁ ବଢିବା, ଜୀବନରେ ଆତ୍ମ ବିଶ୍ୱାସ ଓ ଆତ୍ମ ପ୍ରଚେଷ୍ଟା ମଣିଷ କୁ ସଫଳତା ଦେଇଥାଏ, ବିଦ୍ୟାଳୟ ହେଉଛି ବିଶାଳ ବଟବୃକ୍ଷ ସଦୃଶ୍ୟ, ମନ୍ଦିର ସଦୃଶ୍ୟ ବୋଲି ଛାତ୍ରୀଛାତ୍ର ମାନଙ୍କୁ ଉଦବୋଧନ ମାଧ୍ୟମରେ ବୁଝେଇ ଥିଲେ। ପରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଝାଂକର ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶିକ୍ଷକ ଗଜିନ୍ଦ୍ର କୁମାର ପଟେଲ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ସୁନିଲ କୁମାର ସାହୁ ଏବଂ ଭବାନୀ ଶଙ୍କର ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେଛ ଧନ୍ୟବାଦ ଅର୍ପଣ ସହକାରୀ ଶିକ୍ଷୟିତ୍ରି କର୍ତ୍ତୀନା କୁଲୁ କରିଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପିରାମିଡ ଓଡ଼ିଶୀ ନୃତ୍ୟ, ବିହୁ ନୃତ୍ୟ, ନାଟକ, ସମ୍ବଲପୁରୀ ନୃତ୍ୟ, ଗୀତ, ସଙ୍ଗୀତ ଓ ରେକର୍ଡ ନୃତ୍ୟ ପ୍ରଭୃତି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

# ଝଲପ ପଞ୍ଚାୟତରେ ସଚେତନତା ଶିବିର

କଣ୍ଟାବାଞ୍ଜି,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଝଲପ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ପୀତବାସ ଜାନୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷା ରଞ୍ଜୁବାଳା ବେହେରା, ସମ୍ମାନୀୟ ଝଲପ ପଞ୍ଚାୟତ ସରପଞ୍ଚ ଗୀତାଫୁଲ ପୁଟେଲ, ସିନ୍ଧେକେଲା ସମିତି ସଭ୍ୟ ଭୋଳାନାଥ ବେହେରା, ବିଏଲସି ଡ଼ଃ ସତ୍ୟପ୍ରିୟ ବେହେରା ,ସମିତି ସଭ୍ୟ ସୁଦାମ ଭୋଇ,ଜିଆରଏସ ଟଙ୍କଧର ବେହେରା,ଯୁବନେତା ଗୋବିନ୍ଦ ପୁଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ବିଭିନ୍ନ ଲୋକାଭିମୁଖି ଯୋଜନା ବିଷୟରେ ଆଲୋଚନା କରିଥିଲେ । ଉଦଘୋଷକ ସୁଶୀଲ କୁମାର ପୋଡ଼ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଗୀତ ମାଧ୍ୟମରେ ଲୋକଙ୍କୁ ଜଣାଇଥିଲେ । ଏଥିରେ ପଞ୍ଚାୟତର ନାଏବ ସରପଞ୍ଚ ଝସକେତନ ବାରିକ, ଜିଓ ଟ୍ୟାଗ କୁବେର ପୁଟେଲଙ୍କ ସହ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ ।

# ରିଜର୍ଭ ପୋଲିସ ପଡିଆରେ ନିର୍ମାଣ ହେଲା ଟେନିସ କୋର୍ଟ

ଝାରସୁଗୁଡା,(ସବ୍ୟୁ): ଜିଲ୍ଲାପାଳ ଆବୋଲି ସୁନିଲ ନରଓ୍ୱଣେ ଙ୍କ ପ୍ରତ୍ୟକ୍ଷ ସହ ଯୋଗରେ ଝାରସୁଗୁଡା ଜିଲ୍ଲାରେ ପ୍ରଥମ କରି ପୋଲିସ ରିଜର୍ଭ ପଡିଆରେ ସୁନ୍ଦର ପରିବେଶ ମଧ୍ୟରେ ଅତ୍ୟାଧୁନିକ ଟେନିସ କୋର୍ଟ ନିର୍ମାଣ ଶେଷ ହୋଇଛି। ଏହାର ନିକଟରେ ଇନଡୋର ବ୍ୟାଡମିଟନ କୋର୍ଟ ଓ ଆଧୁନିକ ଜିମ୍ ନିର୍ମାଣ ହେଉଛି। ପୂର୍ବରୁ ବେଲପାହାଡ ଟି.ଆର.ଏଲ ଘରୋଇ କମ୍ପାନି ର ନିଜସ୍ୱ କୋର୍ଟ ରହିଛି। ଝାରସୁଗୁଡା ଏସ୍.ପି ସ୍ମିତ.ପି ପରମାର (ଆଇ.ପି.ଏସ୍) ଙ୍କ ଉଦ୍ୟମ ଓ ଚେଷ୍ଟାରେ ଆଜି ଝାରସୁଗୁଡା ଜିଲ୍ଲାରେ ଥିବା ଯୁବ ବାଳକ, ବାଳିକା ବୟସ୍କ ଖେଳାଳି ମାନେ ଜିଲ୍ଲାରେ ଟେନିସ ଖେଳିବା ପାଇଁ ସୁଯୋଗ ପାଇ ପାରିବେ। ସ୍କୁଲ ପିଲା ମାନଙ୍କର ଆସନ୍ତା ମାସରେ ପରୀକ୍ଷା ପରେ କୋଚ ମାଧ୍ୟମରେ ପ୍ରଶିକ୍ଷଣ ଦେବା ପାଇଁ ଚେଷ୍ଟା କରା ଯାଉଛି। ଟେନିସ୍ ଖେଳ ପ୍ରତି ଛାତ୍ର, ଛାତ୍ରୀ ମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟ ରଖି ସ୍କୁଲ ସ୍ତରୀୟ ପ୍ରତିଯୋଗିତା କରା ଯିବ ବୋଲି ସ୍ମିତ.ପି ପରମାର ପ୍ରକାଶ କରିଛନ୍ତି।

# ‘ଛ ମାଣ ଆଠ ଗୁଣ୍ଠ’,ଫକୀର ମୋହନ ସେନାପତିଙ୍କ ଅନନ୍ୟ କୃତି

## ଅସିତ ମହାନ୍ତି

ଫକୀର ମୋହନ ସେନାପତି (୧୩ ଜାନୁଆରୀ ୧୮୪୩ – ୧୪ ଜୁନ ୧୯୧୮) ଏକ ମଧ୍ୟବିତ୍ତ ପରିବାରରେ ଲକ୍ଷ୍ମଣ ଚରଣ ସେନାପତି ଏବଂ ତୁଳସୀ ଦେବୀ ସେନାପତିଙ୍କ ଘରେ ଜନ୍ମ ହୋଇଥିଲେ । ଦେଢ଼ ବର୍ଷ ବୟସରେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା । ଚଉଦ ମାସ ପରେ ତାଙ୍କ ମାଆଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ତାଙ୍କ ଜେଜେମା ପିଲାଦିନରୁ ତାଙ୍କର ଯତ୍ନ ନେଉଥିଲେ । ସେନାପତିଙ୍କ ମାମୁଁ ଯୁବକ ଫକୀର ମୋହନଙ୍କ ପ୍ରତି ଈର୍ଷା କରୁଥିଲେ ଏବଂ ତାଙ୍କୁ ଶିକ୍ଷା ପାଇବାକୁ ଦେଇନଥିଲେ । ତାଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ମଧ୍ୟ ତାଙ୍କର ବିଳମ୍ବିତ ଶିକ୍ଷା ପାଇଁ ଯୋଗଦାନ ଦେଇଥିଲା । ଫକୀର ମୋହନ ସେନାପତି, ଯାହାଙ୍କୁ ଉତ୍କଳର ବ୍ୟାସ କବି ବୋଲି କୁହାଯାଏ, ସେ ଜଣେ ଭାରତୀୟ ଲେଖକ, କବି, ଦାର୍ଶନିକ ତଥା ସାମାଜିକ ସଂସ୍କାରକ ଥିଲେ ।

ସେ ଓଡିଆର ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହା ମୁଖ୍ୟତଃ ଓଡ଼ିଶାର କଥିତ ଭାଷା । ତାଙ୍କର ଚାରିଟି ଉପନ୍ୟାସ, ୧୮୯୭ ରୁ ୧୯୧୫ ମଧ୍ୟରେ ଲିଖିତ, ଅଷ୍ଟାଦଶ ଏବଂ ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ଓଡିଶାର ସାମାଜିକ–ସାଂସ୍କୃତିକ ଅବସ୍ଥା ପ୍ରତିଫଳିତ ହୋଇଥିଲା । ଏହି ତିନୋଟି ଉପନ୍ୟାସ, ଛ ମାଣ ଆଠ ଗୁଣ୍ଠ, ମାମୁଁ ଏବଂ ପ୍ରାୟଶ୍ଚିତ ସାମାଜିକ ଜୀବନର ବାସ୍ତବତାକୁ ଏହାର ବହୁ ପରିମାଣରେ ଆଲୋକିତ କରିଛନ୍ତି । ‘ଲଛମା’ ହେଉଛି ଏକ ଐତିହାସିକ ରୋମାନ୍ସ ଯାହା ଅଷ୍ଟାଦଶ ଶତାବ୍ଦୀରେ ମରାଠା ଆକ୍ରମଣ ପରେ ଓଡିଶାର ବିଶୃଙ୍ଖଳା ପରିସ୍ଥିତିକୁ ସାମ୍ନା କରିଥାଏ ।

‘ଛ ମାଣ ଆଠ ଗୁଣ୍ଠ’ ହେଉଛି ପ୍ରଥମ ଭାରତୀୟ ଉପନ୍ୟାସ ଯାହାକି ସାମ୍ରାଜ୍ୟ ପ୍ରଭୁଙ୍କ ଦ୍ୱାରା ଭୂମିହୀନ ଚାଷୀଙ୍କ ଶୋଷଣର ମୁକାବିଲା କରିଥିଲା । ରୁଷରେ ଅକ୍ଟୋବର ବିପ୍ଳବ କିମ୍ବା ଭାରତରେ ମାର୍କ୍ସବାଦୀ ଚିନ୍ତାଧାରାର ଆର୍ବିଭାବ ପୂର୍ବରୁ ଏହା ଲେଖାଯାଇଥିଲା । ମୂଳତଃ ଓଡିଆ ଭାଷାରେ ଥିବା ଉପନ୍ୟାସଟି କାଲିଫର୍ଣ୍ଣିଆ ୟୁନିଭରସିଟି ପ୍ରେସ୍ ଦ୍ୱାରା ଇଂରାଜୀ ଭାଷା ଅନୁବାଦରେ ପ୍ରକାଶିତ ହୋଇଥିଲା । ଫକୀର ମୋହନ ମଧ୍ୟ ଓଡିଆର ପ୍ରଥମ ଆତ୍ମଜୀବନୀ ଆତ୍ମ ଜୀବନୀ ଚରିତର ଲେଖକ ଅଟନ୍ତି ।

ଫକୀରମୋହନ ସେନାପତିଙ୍କୁ ଓଡିଆ ଜାତୀୟତା ତଥା ଆଧୁନିକ ଓଡିଆ ସାହିତ୍ୟର ପିତା ଭାବରେ ବିବେଚନା କରାଯାଏ । ଫକୀର ମୋହନ ସେନାପତିଙ୍କ ଏହି ଚତୁର ତଥା ହାସ୍ୟାସ୍ପଦ ଉପନ୍ୟାସ । ଆଧୁନିକ ଭାରତୀୟ ସାହିତ୍ୟର ଅନ୍ୟତମ ଅଗ୍ରଣୀ ତଥା ଦେଶୀ ଭାରତୀୟ ଭାଷାର ବିନାଶ ବିରୁଦ୍ଧରେ ସଂଗ୍ରାମରେ ଜଣେ ପ୍ରାରମ୍ଭିକ କାର୍ଯ୍ୟକର୍ତ୍ତା – ଉଭୟ ସାହିତ୍ୟିକ କାର୍ଯ୍ୟ ଏବଂ ଏକ ଐତିହାସିକ ଦଲିଲ ଏହା ଉଭୟ ବ୍ରିଟିଶ ଏବଂ ଭାରତୀୟ ସାହିତ୍ୟ ସମ୍ମିଳନୀ, ‘ଛ ମାଣ ଆଠଗୁଣ୍ଠ’ ଉପନିବେଶ ଶାସନ ଅଧୀନରେ ଭାରତୀୟ ଗ୍ରାମ ଜୀବନର ଏକ ଅନନ୍ୟ ଦୃଶ୍ୟ ପ୍ରଦାନ କରିଥାଏ । ୧୮୩୦ ଦଶକରେ ଓଡ଼ିଶାରେ ଏହା ସ୍ଥାପିତ ହୋଇଥିଲା, ଉପନ୍ୟାସଟି ଏକ କ୍ଷୁଦ୍ର ଜମି ଉପରେ ଧ୍ୟାନ ଦେଇଥାଏ, ଯେଉଁଥିରେ ଏହି ସମ୍ପତ୍ତି ବିକ୍ରୟ ଏବଂ ପୁନଃ ବିକ୍ରୟ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କ ଜୀବନ ଏବଂ ଭାଗ୍ୟ ଅନୁସନ୍ଧାନ କରାଯାଇଥାଏ, ଏହି ସୁନ୍ଦର ଅନୁବାଦ ବିଶ୍ୱସ୍ତରରେ ଗ୍ରାମାଞ୍ଚଳରେ ଉପନିବେଶବାଦୀତାର ଅଧିକ ଅସୁରକ୍ଷିତ ଦିଗଗୁଡିକ କିପରି ପ୍ରଭାବିତ କଲା ତାହାର ବିରଳ ତଥା ବାଧ୍ୟତାମୂଳକ ବିବରଣୀକୁ ବିଶ୍ୱସ୍ତ ଭାବରେ ପ୍ରଦାନ କରେ । ଏହି ଉପନ୍ୟାସର ସାର କଥା ହେଉଛି – ଜଣେ ଜମିଦାର ରାମ ଚନ୍ଦ୍ର ମଙ୍ଗରାଜ ଏକ ବିବାହିତ ଦମ୍ପତି (ପତ୍ନୀ ସାରିଆ ଏବଂ ସ୍ୱାମୀ ଭଗିଆ) ଙ୍କ ଅତ୍ୟଧିକ ଉର୍ବର ଜମି ଉପରେ ଦୃଷ୍ଟି ରଖିଛନ୍ତି ଏବଂ ଏହି ଜମି ଛଡ଼ାଇବା ପାଇଁ ଏକ ଷଡଯନ୍ତ୍ର ରଚିଛନ୍ତି । ଜମି ହରାଇବା ପରେ ସ୍ୱାମୀ ପାଗଳ ହୋଇଯାଆନ୍ତି । ତାଙ୍କ ଗାଈକୁ ମଧ୍ୟ ନିଆଯାଇଛି । ପତ୍ନୀ ସାରିଆଙ୍କୁ ଜମିଦାର ମାଡ ମାରିଥିଲେ । ସ୍ୱାମୀ, ଜମି ଏବଂ ସବୁକିଛି ହରାଇଥିବା ମହିଳା ଅନେକ ଭାବନାରେ ପ୍ରତିଫଳିତ ହୋଇ ଜମିଦାର ଅତ୍ୟଧିକ ଯନ୍ତ୍ରଣା ଭୋଗୁଛନ୍ତି । ଜମିଦାର ସର୍ବଦା ସେହି ମହିଳାଙ୍କ ସ୍ୱର ଶୁଣିବାକୁ ପାଉଥିଲେ– ‘ମୋତେ ମୋର ଛ ଏକର ୮ ଗୁଣ୍ଠ ଜମି ଫେରାଇ ଦିଅ ଏବଂ ମୋତେ ମୋର ଜମି ଦିଅ, ମୋତେ ମୋର ଗାଈ ଦିଅ’ । ତାଙ୍କର ମନ୍ଦ କାର୍ଯ୍ୟ ଯୋଗୁଁ ଶେଷରେ ଜମିଦାର ପ୍ରାଣ ତ୍ୟାଗ କରନ୍ତି ଏହି ଉପନ୍ୟାସକୁ ଯଦି ଆମେ ମୂଲ୍ୟାଙ୍କନ କରିବା , ତେବେ ଅନେକ ମହତ୍ତ୍ୱପୂର୍ଣ୍ଣ ବିନ୍ଦୁ ଉଜାଗର ହେବ , ଯାହା ବର୍ତ୍ତମାନ’ର ସାହିତ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରିବ

ସାହିତ୍ୟିକ ମହତ୍ତ୍ୱ : ଛମାଣ ଆଠଗୁଣ୍ଠ ଭାରତୀୟ ସାହିତ୍ୟର ଏକ କଳାକୃତି ଭାବରେ ବହୁଳ ଭାବରେ ସ୍ୱୀକୃତିପ୍ରାପ୍ତ ଏହା ଓଡିଆ ସାହିତ୍ୟର ଏକ ମୋଡ଼ ବଦଳାଇଲା, କାହାଣୀ କହିବାରେ ବାସ୍ତବତା ଏବଂ ମାନସିକ ଗଭୀରତାକୁ ପରିଚିତ କରାଇଲା । ଏହି ଉପନ୍ୟାସ ମାନବିକ ସମ୍ପର୍କର ଜଟିଳତା, ଶ୍ରେଣୀ ବିଭାଜନ ଏବଂ ସାମ୍ରାଜ୍ୟ ପ୍ରଣାଳୀର ଶୋଷଣକାରୀ ପ୍ରକୃତିର ଆବିଷ୍କାର କରି ଏହାକୁ ସାହିତ୍ୟିକ କାନୁନର ଏକ ମହତ୍ତ୍ୱ ପୂର୍ଣ୍ଣ ଅଂଶ ଭାବରେ ପରିଣତ କଲା ।

ସାମାଜିକ ମନ୍ତବ୍ୟ: ସେନାପତି ଓଡ଼ିଶାରେ ଔପନିବେଶିକ ଯୁଗରେ ବିଦ୍ୟମାନ ଥିବା ସାମାଜିକ–ଅର୍ଥନୈତିକ ଅବସ୍ଥାକୁ ଦକ୍ଷତାର ସହିତ ଚିତ୍ରଣ କରିଛନ୍ତି । ଉଜ୍ଜ୍ୱଳ ଚରିତ୍ର ଏବଂ ବିସ୍ତୃତ ବର୍ଣ୍ଣନା ମାଧ୍ୟମରେ, ସେ ଜମି ମାଲିକମାନଙ୍କ ଦ୍ୱାରା ନିମ୍ନ ଶ୍ରେଣୀର ଶୋଷଣକୁ ଆଲୋକିତ କରିଥିଲେ । ଉପନ୍ୟାସ, ସମାଜରେ ଥିବା ପ୍ରତିବାଦ ଏବଂ ଅନ୍ୟାୟକୁ ପ୍ରକାଶ କରିଥାଏ, ଯାହା ପାଠକମାନଙ୍କୁ ପ୍ରଚଳିତ ସାମାଜିକ ବ୍ୟବସ୍ଥାକୁ ବୁଝିବାରେ ଉତ୍ସାହିତ କରିଥାଏ ।

ଚରିତ୍ର ଗୁଡିକର ବାସ୍ତବବାଦୀ ଚିତ୍ର: ଉପନ୍ୟାସର ଅନ୍ୟତମ ଶକ୍ତି ଏହାର ସୁଚିନ୍ତିତ ଚରିତ୍ରଗୁଡ଼ିକରେ ଅଛି । ନାୟକ ରାମଚନ୍ଦ୍ର ମଙ୍ଗରାଜଙ୍କ ଠାରୁ ଆରମ୍ଭ କରି, ଯିଏ ନିଜର ବ୍ୟକ୍ତିଗତ ସମ୍ପତ୍ତିର ଅଭିବୃଦ୍ଧିରେ ସର୍ବଦା ଚେଷ୍ଟିତ, ହେରା, ଗୋବିନ୍ଦ, ଏବଂ ବଳରାମ ଭଳି ସ୍ମରଣୀୟ ଚରିତ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ଚରିତ୍ର ବହୁମୁଖୀ ମାନବ ତ୍ରୁଟି ଏବଂ ଗୁଣଗୁଡ଼ିକର ସେନାପତିଙ୍କ ଚିତ୍ରଣ କାହାଣୀରେ ଗଭୀରତା ଏବଂ ନିର୍ଭରଯୋଗ୍ୟତା ଯୋଗ କରିଥାଏ । କାହାଣୀ କୌଶଳ: ସେନାପତି ଏକ ଅନନ୍ୟ କାହାଣୀ କୌଶଳକୁ ନିୟୋଜିତ କରନ୍ତି, ଆଞ୍ଚଳିକ ଉପଭାଷା ସହିତ କଥାବାର୍ତ୍ତା ଭାଷାକୁ ମିଶ୍ରଣ କରନ୍ତି, ଯାହା କାହାଣୀରେ ସତ୍ୟତା ଏବଂ ସମୃଦ୍ଧତା ଯୋଗ କରିଥାଏ । ସେ ଗ୍ରାମୀଣ ଜୀବନ ଏବଂ ରୀତିନୀତିର ବିଭିନ୍ନ ସ୍ତରକୁ ଦକ୍ଷତାର ସହିତ ଚିତ୍ରଣ କରି ସମୟର ସେଟିଂ ଏବଂ ସଂସ୍କୃତିରେ ପାଠକମାନଙ୍କୁ ବୁଡ଼ାଇ ରଖିଥିଲେ ।

ଅନୁସନ୍ଧାନ କରାଯାଇଥିବା ଥିମ୍: ଛମାଣ ଆଠଗୁଣ୍ଠ ବିଭିନ୍ନ ବିଷୟବସ୍ତୁ ଯଥା ସାମାଜିକ ଅସମାନତା, ଲିଙ୍ଗଗତ ଗତିଶୀଳତା, ମାନବ ଲୋଭ, ଶୋଷଣ ଏବଂ ଗ୍ରାମୀଣ ସମାଜ ଉପରେ ଉପନିବେଶବାଦର ପରିଣାମ ପରି ଆବିଷ୍କାର କରେ ଦଳିତ ସାମ୍ରାଜ୍ୟ ପ୍ରଣାଳୀ ଉପରେ ସେନାପତିଙ୍କ ସମାଲୋଚନା ଏବଂ ମାନବ ଅସ୍ତିତ୍ୱର ବିଷୟବସ୍ତୁଗୁଡ଼ିକର ଚିତ୍ରଣ ଏହି ଉପନ୍ୟାସକୁ ଥିମେଟିକ୍ ସମୃଦ୍ଧ ଏବଂ ଚିନ୍ତାଧାରା ସୃଷ୍ଟି କରେ ସାହିତ୍ୟିକ ଉତ୍ତରାଧିକାରୀ: ଓଡିଆ ସାହିତ୍ୟ ଉପରେ ଉପନ୍ୟାସର ପ୍ରଭାବକୁ ଅତିରିକ୍ତ କରାଯାଇପାରିବ ନାହିଁ ଏହା ସାମାଜିକ ଚିନ୍ତାଧାରାକୁ ସମାଧାନ କରିବା ଏବଂ କାହାଣୀ କହିବା ପାଇଁ ଏକ ବାସ୍ତବବାଦୀ ଆଭିମୁଖ୍ୟ ଗ୍ରହଣ କରିବାକୁ ପରବର୍ତ୍ତୀ ପିଢ଼ି ଲେଖକମାନଙ୍କୁ ପ୍ରେରଣା ଦେଇଥିଲା ।

ଭାରତରେ ଆଞ୍ଚଳିକ ସାହିତ୍ୟର ଅଭିବୃଦ୍ଧି ତଥା ବିକାଶରେ ସେନାପତିଙ୍କ ଅବଦାନ ଅତ୍ୟନ୍ତ ସମ୍ମାନିତ ରହିଛି । ପରିଶେଷରେ, ଛମାଣ ଆଠଗୁଣ୍ଠ ଓଡିଆ ସାହିତ୍ୟର ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ, ଚରିତ୍ର, ସାମାଜିକ ମନ୍ତବ୍ୟ ଏବଂ ଚିନ୍ତାଧାରା ଥିମର ବାସ୍ତବ ଚିତ୍ରଣ ପାଇଁ ପ୍ରଶଂସିତ । ଫକୀର ମୋହନ ସେନାପତିଙ୍କ ଉପନ୍ୟାସ ପାଠକମାନଙ୍କୁ ଏହାର ଅବିସ୍ମରଣୀୟ ପ୍ରାସଙ୍ଗିକତା ଏବଂ କଳାତ୍ମକ ଗୁଣ ସହିତ ଆକର୍ଷିତ କରିବାରେ ଲାଗିଛି ।

**ସୁଜନପୁର , ଯାଜପୁର**
**ମୋ–୯୩୪୮୭୬୮୮୧୨**

# ବିଚକ୍ଷଣ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି

## ବାଦଲ ଭୂୟାଁ

ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଧରି ଓଡ଼ିଆ ଗଦ୍ୟ ସାହିତ୍ୟକୁ ଋଦ୍ଧିମାନ୍ କରିଥିଲେ ସୁରେନ୍ଦ୍ର ମହାନ୍ତି । ସେ ଥିଲେ ଏକାଧାରରେ ପ୍ରଭାବଶାଳୀ ସାମ୍ବାଦିକ, ସଫଳ ରାଜନୀତିଜ୍ଞ ଓ ଉଚ୍ଚମାନର ସାରସ୍ୱତ ସ୍ରଷ୍ଟା । ଗଦ୍ୟ ସାହିତ୍ୟର ସମସ୍ତ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ । ତାଙ୍କ ସାରସ୍ୱତ ଜୀବନ ଥିଲା ବର୍ଣ୍ଣାଢ଼୍ୟ ଓ ବହୁମୁଖୀ । ତାଙ୍କ ନିଜ ଭାଷାରେ ସାହିତ୍ୟ ଓ ରାଜନୀତି ତାଙ୍କ ପୃଥିବୀ ଏବଂ ସାମ୍ବାଦିକତା ତାଙ୍କ ପଥ । ତେଣୁ ଆତ୍ମଚରିତର ନାମ ରଖିଥିଲେ ପଥ ଓ ପୃଥିବୀ । ଆଲୋଚକ ଡ. ଜଗନ୍ନାଥ ଦାସଙ୍କ ଭାଷାରେ ପଥ ଓ ପୃଥିବୀ ସୁରେନ୍ଦ୍ରଙ୍କ ଜୀବନ ଓ କୃତିର ଏକ ଉଜ୍ଜ୍ୱଳ, ସଫଳ, ସମ୍ପୂର୍ଣ୍ଣ ମହାକାବ୍ୟ, ଏକ ସାର୍ଥକ ଜୀବନ ସ୍ମୃତି, ଓଡ଼ିଆ ସାହିତ୍ୟ ଭଣ୍ଡାରର ଏକ ଅମୂଲ୍ୟ ରତ୍ନ । ଆଧୁନିକ ଓଡ଼ିଆ ଗଳ୍ପର ଏହି ଅପ୍ରତିଦ୍ୱନ୍ଦ୍ୱୀ ଲେଖକଙ୍କର ସାରସ୍ୱତ ଜୀବନ କୈଶୋରରେ ସାଲେପୁର ହାଇସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ଆରମ୍ଭ ହୋଇଥିଲା। ଉକ୍ତ ପ୍ରଥମ ଗଳ୍ପଟି ଥିଲା ବନ୍ଦୀ ପ୍ରକାଶ ପାଇଥିଲା ଉତ୍କଳ ସାହିତ୍ୟରେ । ଦ୍ୱିତୀୟ ଗଳ୍ପ ମଣିଷ ଓ ଅର୍ଥନୀତି କବି ସଚ୍ଚି ରାଉତରାୟ ସଂପାଦିତ ଆରତି ପତ୍ରିକାରେ ପ୍ରକାଶ ପାଇଥିଲା । ସେ ପିଲାଟି ଦିନରୁ ପାଠ ପଢ଼ା ପ୍ରତି ଆଗ୍ରହୀ ନ ଥିଲେ । ନାନା ବାହାନା କରି ଚାଟଶାଳି ଯାଉ ନଥିଲେ । ନାଲିକସ୍ତା ପିନ୍ଧି, ଅଣ୍ଟାରେ ରୂପା ସୂତା ଗୁଡ଼ାଇ, ହାତରେ ଖଡୁନାଇ, ବେକରେ ମାଦୁଳି ପକାଇ, ଆଖିରେ କଳା ଲାଞ୍ଜିକରି, ଗାଁ ଦାଣ୍ଡରେ ବୁଲୁଥିଲେ । ପରେ ଅବଶ୍ୟ ପାଠ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ତେବେ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ଏବଂ ରାଜନୀତି ପ୍ରତି ଆଗ୍ରହ ଉଚ୍ଚଶିକ୍ଷାରୁ ତାଙ୍କୁ ଦୂରେଇ ନେଇଥିଲା । ଏହାସତ୍ତ୍ୱେ ନିଜ ପ୍ରଚେଷ୍ଟାରେ ସେ ଏକାଧିକ ଭାଷା ଆୟତ୍ତ କରିଥିଲେ । ସୁରେନ୍ଦ୍ରଙ୍କ ସାମ୍ବାଦିକ ଜୀବନ ଅତ୍ୟନ୍ତ ଆକସ୍ମିକ ଭାବେ ଆରମ୍ଭ ହୋଇଥିଲା । ଦିନେ ଓଡ଼ିଶା ଥିଏଟରରେ କାଳୀଚରଣ ପଟ୍ଟନାୟକଙ୍କ ଅତିବଡ଼ୀ ଜଗନ୍ନାଥ ଦାସ ନାଟକ ମଞ୍ଚସ୍ଥ ହେଉଥିଲା । ଦର୍ଶକଙ୍କ ମଧ୍ୟରେ ଥିଲେ ଯୁବକ ସୁରେନ୍ଦ୍ର । ନାଟକର ଗୋଟିଏ ଦୃଶ୍ୟରେ ପୁରୀ ଯାଉଥିବା ବଙ୍ଗୀୟ ଯାତ୍ରୀଙ୍କୁ ବିଦ୍ରୁପ କରାଯାଉଥିବା ଦେଖି ସେ ବିସ୍ମିତ ହୋଇଥିଲେ । ଏହାର ପ୍ରତିବାଦ କରି ସମାଲୋଚନାମୂଳକ ପ୍ରବନ୍ଧ ଇଂରେଜୀରେ ଲେଖି କେଏନ୍ ଆଚାରୀ ସଂପାଦିତ ନିୟୁ ଓଡ଼ିଶାକୁ ପଠାଇଥିଲେ । ଉକ୍ତ ପ୍ରବନ୍ଧ ସେତେବେଳେ ବୁଦ୍ଧିଜୀବୀ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଏବଂ ସାମ୍ବାଦିକତା କରିବା ପାଇଁ ସୁରେନ୍ଦ୍ର ଆଗ୍ରହୀ ହୋଇଥିଲେ । ନିୟୁ ଓଡ଼ିଶାର ପ୍ରୁଫ୍ ରିଡର ଭାବେ ହିଁ ତାଙ୍କର ସାମ୍ବାଦିକ ଜୀବନ ଆରମ୍ଭ ହୋଇଥିଲା । ଏହାପରେ ସେ ଜନତା, ଗଣତନ୍ତ୍ର, କଳିଙ୍ଗ ଆଦି ସହ ସଂପୃକ୍ତ ହୋଇଥିଲେ । ତାଙ୍କ ସଂପାଦିତ ଶେଷ ଖବରକାଗଜ ହେଉଛି ସମ୍ବାଦ । ଏହାର ପ୍ରଥମ ସଂପାଦକ ଭାବେ ସେ ୧୯୮୪ ଅଗଷ୍ଟରେ ଯୋଗଦେଇଥିଲେ । ରାଜ୍ୟସଭା ସଦସ୍ୟ ଭାବେ ସୁରେନ୍ଦ୍ରଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା । ତାହାପରେ ସେ କଟକରୁ ଦ୍ୱିତୀୟ ଲୋକସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ସେ ତୃତୀୟ ଓ ଚତୁର୍ଥ ସାଧାରଣ ନିର୍ବାଚନ କେନ୍ଦ୍ରାପଡ଼ାରୁ ଲଢ଼ି ପରାଜିତ ହୋଇଥିଲେ ଏବଂ ଏହି ଆସନରୁ ପଞ୍ଚମ ସାଧାରଣ ନିର୍ବାଚନ ଜିତିଥିଲେ । ତାଙ୍କର ସକ୍ରିୟ ରାଜନୈତିକ ଜୀବନ ରାଜ୍ୟ ସଭା ସାଂସଦ ଭାବେ ହିଁ ଶେଷ ହୋଇଥିଲା । ୧୯୭୮ରେ ଶେଷ ଥର ପାଇଁ ରାଜ୍ୟସଭାକୁ ନିର୍ବାଚିତ ହେବାପରେ ସେ ଆଉ ଲଢ଼ି ନଥିଲେ । ୧୯୯୦ ଡିସେମ୍ବର ୨୧ ତାରିଖରେ ଏହି ସଂଭ୍ରାନ୍ତ ସାହିତ୍ୟିକଙ୍କ ପରଲୋକ ହୋଇଥିଲା।

**୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ**
**ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

# ଦୂର ପାହାଡ଼ର ଶୀତଳ ଛାଇ

## ସୁନନ୍ଦା ମହାନ୍ତି

ସାବି ମନରେ ଅନେକ ଶୂନ୍ୟତା । କେତେ ଚଳଚଞ୍ଚଳ ଥିଲା ତା ଜୀବନ । ବରା ଦୋକାନ କରି ମାଧବ ଭଲ ଦୁଇପଇସା ରୋଜଗାର କରୁଥିଲା । ବହୁ ଗ୍ରାହକ ତା ଦୋକାନର ପ୍ରଶଂସା କରନ୍ତି ଏଇଥି ପାଇଁ କି କେବେ ବାସି ବରା ବିକେନି ମାଧବ । ବଳି ପଡିଲେ ସଜ ବରା ଘରକୁ ଆଣିବା ସହ ଗାଈ ଓ ବୁଲା କୁକୁରଙ୍କୁ ଦେଇଥାଏ । ସକାଳୁ ସକାଳୁ ଉଠି ବଟୁରା ବିରି ବାଟି ସ୍ୱାମୀ ହାତକୁ ବଢ଼େଇ ଦେଲାବେଳେ ସାବି କହେ ଏ ସନ ପାଉଁଜି ହଲେ କିଣି ଦେ । ତା’ ଲାଜ ଭିତରେ ମାଧବର ଜୀବନ ଝଙ୍କୁରିତ ହେଉଥିଲା । ପିଲା ଦୁଇଟିଙ୍କୁ ବଡ଼ କରି ସ୍ୱାମୀ ଛାତିରେ ମୁଣ୍ଡ ଗୁଞ୍ଜି କେତେ ସ୍ୱପ୍ନ ଦେଖୁନଥିଲା ସାବି ! ହଠାତ କାହାର ନଜର ଲାଗିଗଲା ଯେମିତି । ଚଳଚଞ୍ଚଳ କର୍ମଠ ସ୍ୱାମୀଟା ତାର କୋଢ଼ିଆ ବନିଗଲା । ସାବି ବିରିବଟା ଛାଡ଼ି ପରଘରେ କାମପାଇଟି କଲା । ଆଖିରୁ ସ୍ୱପ୍ନ ପୋଛି ହୋଇଗଲା ଲୁହରେ । ଯୋଉ ବରା ଦୋକାନ ଥିଲା ସମ୍ବଳର ସୂତ୍ର ତାହା ବନ୍ଦ ରହିଲା । ଦିନ ରାତି ମଦ ପିଇ ମାଦଳ ଭଳି ଗଡୁଥିଲା ମାଧବ । ଛାତିକୁ ପଥର କରି ପରଘରେ କାମ କରି ଚାରି ଚାରିଟା ପ୍ରାଣୀଙ୍କର ଭୋକ ମେଣ୍ଟେଇବାକୁ ଅସମର୍ଥ ସାବି ସେଦିନ ମନାଦୃଢ଼ କଲା ।

ନୂଆବର୍ଷରେ ପୁଣି ବରାଦୋକାନ ଖୋଲିଲା । ଆସ୍ତେ ଆସ୍ତେ ଭିଡ଼ ଜମିଲା । ଗରାଖ ବଢିଲେ । ଶୀତ ସକାଳର କଅଁଳ ଖରାରେ ବରା ସାଙ୍ଗକୁ ଘୁଗୁନିର ଚାହିଦା ବଢିଲା । ସଂସାର ଚଳେଇ ଦି ପଇସା ସଞ୍ଚିଲା ବେଳେ ମଦନ ଆଖିକୁ ଦେଖାଯାଏ ତ ତାକୁ ନେଇ ମଦ ପିଇବା ଆରମ୍ଭ କରିଦିଏ । ଏମିତିକି ବାଡେଇବାକୁ ହାତ ଉଠେଇଲା ମଦନ ସ୍ତ୍ରୀ ସାବି ଉପରକୁ । କାନ୍ଦି କାନ୍ଦି ଆଖି ଫୁଲି ଗଲେ ବି କାହାକୁ କହିବ ଦୁଃଖ? ସେଦିନ ବିରି ବାଟି ପାରିନଥାଏ ଶୀତରେ ସାବ । ଚୁଲି ଲଗେଇ ଅଳ୍ପ ବିରିକୁ ଛାଣିବାକୁ ବସିଛି କୁଆଡୁ କୁକୁରଟିଏ ଆସି ତା କାନି ଭିଡିବାକୁ ଲାଗିଲା । ଛଣା ବରା ଦୁଇଟି ତା ଆଡକୁ ଥୋଇଲା ସାବି ହେଲେ ଖାଉନଥିଲା କୁକୁର । ସାବି ଭାବିଲା ମଣିଷ କଥା କହିବା ଶକ୍ତି ଥାଇ ମଧ୍ୟ ତା’ ହୃଦୟରେ ଥିବା ଶୂନ୍ୟତାକୁ ପ୍ରକାଶ କରିପାରୁନି । ବିଚରା ପଶୁର ଭାଷା ବୁଝିବାକୁ ତା ହୃଦୟର ଶୂନ୍ୟତା ମାପିବାକୁ ଥରେ ଚେଷ୍ଟା କଲେ କ୍ଷତି କଣ?

ଗଳ୍ପ

ସାବି ଚାଲୁଥିଲା କୁକୁର ପଛେ ପଛେ । ଗୋଟେ ନାଳ ପାଖେ ଅଟକି ଗଲା କୁକୁର । ସାବି ଦେଖିଲା ନାଳ ଜୋରରେ କୁକୁର ଛୁଆ ଦୁଇଟି ଫିସିଯାଇ କୁଁ କୁଁ ହେଉଛନ୍ତି । ଛୁଆଙ୍କୁ ଉଦ୍ଧାର କରିବାକୁ ପଶୁଟିର ମାତୃତ୍ୱ ତାକୁ ବିଗଳିତ କଲା । ମନେପଡୁଥିଲା ଜଙ୍ଗଲ ରାସ୍ତାରେ ଘୋଡାଟିଏ ଗାଡିଗୁଡିକୁ ଅଟକେଇବାକୁ ଚେଷ୍ଟା କରି ବିଫଳ ହେଉଥିବା ବେଳେ ବାଇକ ଆରୋହୀ ଦୁହେଁ ଅଟକିଥିଲେ ଓ ଘୋଡା ପଛେ ପଛେ ଯାଇ ଦେଖିଥିଲେ ଘୋଡା ଛୁଆ ଦୁଇଟି ପଙ୍କରେ ଫଶି ରହିଛନ୍ତି ।

ଅଚିରେ ଫୋନ କରି ବନ ବିଭାଗର ସାହାଯ୍ୟ ନେଇ ପଙ୍କରୁ ଘୋଡା ଛୁଆ ଦୁହିଁଙ୍କୁ ଉଦ୍ଧାର କରିବା ଭିଡିଓ ତାକୁ କୁନା ବାବୁ ଦେଖାଇବା ବେଳେ ସେ ଚମତ୍କୃତ ହୋଇଥିଲା । ମାଆ ସାଆନ୍ତାଣୀ କହୁଥିଲେ ପରର ଉପକାର କଲେ ଭଗବାନ ସାହାଯ୍ୟ କରନ୍ତି । ଆଜି ତାକୁ ମଧ୍ୟ ସେଇ ପରୀକ୍ଷା ଦେବାର ବେଳା ଆସିଛି ।

ଫଳକୁ ଆଶା ନକରି କର୍ମ ଓ ଧର୍ମ କରିବା ଜରୁରୀ ଅଟେ । ବିପଦ ଭିତରେ ନାଳ ଭିତରକୁ ପଶିଲା ସାବି ଆଉ ଉଦ୍ଧାର କଲା କୁକୁର ଛୁଆ ଦୁଇଟିଙ୍କୁ । କୁକୁର ଆଖିର କୃତଜ୍ଞତା ପଢୁ ପଢୁ ନିଜକୁ ଖୁବ୍ ଶାନ୍ତି ଓ ପ୍ରଶାନ୍ତି ମିଳୁଥିଲେ ବି ନାଳରୁ ବାହାରି ଆସିପାରୁନଥିଲା ସାବି । କୁକୁର ଖୁବ ଜୋରରେ ଭୁକୁଥିଲା ତ କେହି ଆଗେଇ ଆସିଥିଲେ ସାହାଯ୍ୟର ହାତ ବଢ଼େଇ ସାବିକୁ ଶିଉଳିପୂର୍ଣ୍ଣ ନାଳରୁ ଉଦ୍ଧାର କରିବାପାଇଁ ଲୋକ ଜମା ହୋଇଯାଇଥିଲେ । ତା ଭିତରୁ ଅନେକ ଗରାଖ ଚିହ୍ନି ପାରି ସାବିକୁ ଦୋକାନ ଯାଏଁ ଛାଡିଦେଇଥିଲେ । ସବୁଦିନ କିଛିନା କିଛି ବଳକା ବରା ଘୁଗୁନି ସହ ପଇସା ନେଇ ଫେରୁଥିଲା ସାବି ହେଲେ ଆଜି ଶୂନ୍ୟତା ଭିତରେ ଯାଇ ପିଲାଙ୍କୁ ଜାହି ତାହି ଖୁଆଇ ଶୋଇପଡ଼ିଲା ଶୀତରେ । ଅଧ ରାତିରେ ନିଜ ଦେହର କମଳ କାଢ଼ି ସାବି ସହ ପିଲାଙ୍କୁ ଘୋଡେଇ ଦେଉଥିବା ସ୍ୱାମୀ ମାଧକୁ ଦେଖି ସାବିର ନିଦ ଭାଙ୍ଗିଯାଇଥିଲା । ସେ ବିଶ୍ୱାସ କରିପାରୁନଥିଲା ନିଜ ଆଖିକୁ । ବାଡ଼ିଆ ବକା ବନା ଛାଡ଼ି ସ୍ୱାମୀ ତା ହାତ ମୁଠାରେ ହାତ ରଖି କହୁଥିଲା ମତେ ବିଶ୍ୱାସ କର ସାବି, ମୁଁ ଆଉ ସେ ନିଆଁଲଗା ମଦ ଛୁଇଁବିନି ।

ତୋ ରାଣ ଖାଉଛି ଲୋ ରାଣୀ କାଲିଠୁ ବରା ଦୋକାନ ଯାଇ ପୁଣି ବରା ଛାଣି ପଇସା ଗଣି ଆଣିବି । ଆମ ପୁଅ ଝିଅଙ୍କୁ ପାଠ ପଢେଇବା । ଭଲ ମଣିଷ କରିବା । ସାବି ସ୍ତବ୍ଧ ହୋଇ ଶୁଣୁଥିଲା ସ୍ୱାମୀ କଥା ଭାବୁଥିଲା ଏହା ଛଡା ସତ କର୍ମର ଫଳ ଆଉ କଣ ହୋଇପାରେ ! କୁକୁରଟିର ଛୁଆଙ୍କୁ କୋଳକୁ ନେଇ ଚାଟିବା ଦୃଶ୍ୟ ତାକୁ ବିଗଳିତ କଲାବେଳେ ତା ପାଖରେ ଅନ୍ୟଏକ କୁକୁରର କୁଁ କୁଁ ହୋଇ ଆଶ୍ୱାସନା ଦେବା ଦୃଶ୍ୟ ତାକୁ ବିମୋହିତ କରୁଥିଲା । ପୁଣି କୁନା ବାବୁଙ୍କ ସେହି ଭିଡିଓରେ ସାହାଯ୍ୟକାରୀ ଦୁଇ ଘୋଡାଛୁଆ ଉଦ୍ଧାରକାରୀ ଯୁବକ ଦ୍ୱୟ କିପରି ସେଦିନ ବାଘ ହାବୁଡ଼ରୁ ବର୍ତ୍ତି ଯାଇଥିଲେ ସେକଥା ମଧ୍ୟ ମନେପଡୁଥିଲା । ଆଜି କୋଉ ଦିବ୍ୟ ପୁରୁଷଙ୍କ ଦିବ୍ୟ ଅନୁଭବରେ ସ୍ୱାମୀ ତାର ବାଟକୁ ଫେରିଆସିବାର ପ୍ରତିଶ୍ରୁତି ଦେଉଛି ସେକଥା ଭାବିବା ସହ ଦୁଇ ପିଲାଙ୍କୁ କୋଳରେ ଜାକି, ବାକି ଥିବା କମଳ ଭିତରେ ସ୍ୱାମୀର ନିଃଶ୍ୱାସ ପ୍ରଶ୍ୱାସରେ ଭରସା ମାପିବା ବେଳେ ସିନ୍ଦୁରା ଫାଟୁଥିଲା ଦୂର ଦିଗବଳୟ ତଳେ ।

**ସାକ୍ଷୀଗୋପାଳ**
**ପୁରୀ, ମୋ–୯୦୪୦୯୭୭୩୨୭**

# କବିତା



## ଜୟ ଜୟ ସରସ୍ୱତୀ

### ରାମଚନ୍ଦ୍ର ବେହେରା

ଶୁଭ ବସନ୍ତ ପଞ୍ଚମୀ ଆସିଛି ଜଗତେ
ମାତା ସରସ୍ୱତୀ ଜନେ ପୂଜିବେ ମରତେ ।
ମାତା ଶ୍ୱେତ ପଦ୍ମାସନା ଜ୍ଞାନର ଭଣ୍ଡାର
ଜ୍ଞାନ ଆଲୋକରେ ସିଏ ଦୂରାନ୍ତି ଅନ୍ଧାର ।
ହସ୍ତେ ବୀଣା ପୁସ୍ତକକୁ କରି ସେ ଧାରଣ
ମଣ୍ଡପେ ବସିବେ ସାଥେ ମରାଳ ବାହନ ।
ଶୁକ୍ଳବସ୍ତ୍ରା ବାଗୀଶ୍ୱରୀ ଦେବୀ ବୀଣାପାଣି
ଜ୍ଞାନଦାତ୍ରୀ ବିଦ୍ୟାଦାତ୍ରୀ ମାତା ଶୁଭାଂଗିନୀ ।
ତୁମ କୃପାବଳେ ମାତ ମୂର୍ଖ କାଳିଦାସ
ମହାଜ୍ଞାନୀ ରୂପେ ସିଏ ରଖିଗଲା ଯଶ ।
ତୁମ ବିନା ବିଦ୍ୟା ଜ୍ଞାନ ମିଳେନା ମୁକତି
ତୁମେ କଣ୍ଠେ ବିରାଜିଲେ ଆସେନା ବିପତ୍ତି ।
ତୁମ ସ୍ପର୍ଶେ ଶୂନ୍ୟ ପାତ୍ର ପୂର୍ଣ୍ଣ ଯେ ହୁଅଇ
ତୁମ କୃପାଥିଲେ ମାତ ବିଜୟ ମିଳଇ ।
ଜୟ ଜୟ ସୌଦାମିନୀ ଜଗତ ଜନନୀ
ଜୟ ଜୟ ଜୟ ମାଗେ ବିଘ୍ନ ବିନାଶିନୀ ।
ଜଗତ ହିତରେ ଡାକୁଅଛି ଆଦି ମାତ
ତୁମ ଶ୍ରୀଚରଣେ ମୋର ରହୁ ସ୍ଥିର ଚିତ୍ତ ।
ଭକ୍ତିଭାବ ସହ ମାତ ଲେଖିଲି ଜଣାଣ
ଦୋଷଥିଲେ କ୍ଷମା ଦେବ ଗଲି ମୁଁ ଶରଣ ।

**ତେନ୍ତୁଳିପଦା,ଜଗତସିଂହପୁର**
**ମୋ–୭୩୫୫୬୩୪୩୪୬**

## ସରସ୍ୱତୀ ବନ୍ଦନା

### ସୁହଂସ ଭୋଇ

ଆହେ ବୀଣାପାଣି ବ୍ରହ୍ମଚାରିଣୀ
ଘେନ ପ୍ରଣିପାତ ମୁଖବାସିନୀ
ସଞ୍ଚିତ ଶତଦଳ ପୁଷ୍ପେ ଆସୀନ
ଅଙ୍ଗେ ସୁଶୋଭିତ ଶୁକ୍ଳ ବସନ
କରେ ବୀଣା ବେନି କର୍ଣ୍ଣେ କୁଣ୍ଡଳ
ଗଳଦେଶେ ମଣି ମାଳ ଉଜ୍ଜ୍ୱଳ
ଆନହସ୍ତେ ଶୋଭେ ପୋଥି ପୁସ୍ତକ
ମୁଖ କ୍ଷଣପ୍ରଭା ସମ ଚମକ
ରାଜସାରସ ସେ ପ୍ରାଣବଲ୍ଲଭ
ଘଡେ ନ ଛାଡଇ ପାଦ ସେ ତବ
ବିଦ୍ୟା ବିବେଚନା ଜ୍ଞାନ ସରିତ
ଶୁଭାଶିଷେ ମୂର୍ଖ ମହାପଣ୍ଡିତ
ନୃତ୍ୟ ଛନ୍ଦ ଗୀତ ସଂଗୀତ ନିଧି
କୃପାବଳେ ଲଭେ ମାନସ ସିଦ୍ଧି
କବି କଲମରେ ଝରେ ଆଲେଖ୍ୟ
ଗଢିତୋଳି ଦିଏ ଶିଳ୍ପୀ କୋଣାର୍କ
ଆମ୍ଭ ପ୍ରତି ଥାଉ କୃପାକଟାକ୍ଷ
ଏତିକି ମାଗୁଛୁ ଅରଜ ରଖ
ପଙ୍କଜ ଚରଣେ ଥାଉ ଭକତି
ଦେବୀ ସରସ୍ୱତୀ କରୁଁ ପ୍ରଣତି ।

**ପହଣ୍ଡି, ବରଗଡ଼,**
**ମୋ–୯୪୩୭୫୨୨୪୫୫**

## ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ

### ଚଉବନ ଖଡ଼ିକାର

ରାଜ୍ୟ ଭିତରେ ଓଡିଶା
ଭାଷା ତାର ଓଡ଼ିଆ
ପୂଣ୍ୟ ମାଟିରେ ଜନ୍ମ ମୋର
ଓଡ଼ିଆ ଭାଷା ମୋର ମାଆ
ମାତୃ ଗର୍ଭରୁ ଜନ୍ମ ନେଇ
ପ୍ରଥମେ ଡାକିଥିଲି ମାଆ
ସତେ ଯେପରି ଆଗରୁ ଜାଣିଥିଲି
ଓଡ଼ିଆ ଭାଷାର ଅ, ଆ
ଓଡ଼ିଆ ଭାଷା କେଡ଼େ ମଧୁର
ପ୍ରତ୍ୟେକ ଓଡ଼ିଆକୁ ଜଣା
ଶିଶୁ ଠାରୁ ବୟସ୍କ କହନ୍ତି
ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ
କଳା ଓ ଭାସ୍କର୍ଯ୍ୟର ଭଣ୍ଡାର
ଓଡ଼ିଶା ମାଟି ମୋର
ପୁରୁଣା ନାମ ଅଟଇ ଉଡ୍ର, କଳିଙ୍ଗ, ଉତ୍କଳ
ଓଡ଼ିଶାର ଆରାଧ ଦେବତା
ମହାପ୍ରଭୁ ଜଗନ୍ନାଥ
ବିଶ୍ୱ ବ୍ରହ୍ମାଣ୍ଡରେ ପୂଜିତ
ପ୍ରତ୍ୟେକ ଓଡ଼ିଆଙ୍କ ପରିଚୟ
ସାରଳା ଦାସଙ୍କ ମହାଭାରତ
ଜଗନ୍ନାଥ ଦାସଙ୍କ ଭାଗବତ
ଏକାଙ୍କିକା,ପ୍ରବନ୍ଧ,କବିତା, ଗଳ୍ପ
ଓଡ଼ିଆରେ ଲେଖିଛନ୍ତି
କେତେ ମହାନବ୍ୟକ୍ତିତ୍ୱ
ଓଡ଼ିଆ ଭାଷାରେ କେତେ ଉପଭାଷା
ଶୁଣିବାକୁ ଲାଗଇ ବହୁତ ମଜା
ସମସ୍ତେ ଗୋଟିଏ ଭାଷା ବୁଝନ୍ତି
ମୂଳ ଭାଷା ଆମର ଓଡ଼ିଆ
ଭାରତରେ ବାଇଶ ଭାଷା
ଷଷ୍ଠ ତମ ଆମ ଓଡ଼ିଆ
ଗର୍ବରେ ସମସ୍ତେ କହନ୍ତି
ମୁଁ ଓଡ଼ିଆ ଭାରି ବଢିଆ

**ବୋଡ଼େନ, ଧର୍ମଗଡ, କଳାହାଣ୍ଡି**
**ମୋ– ୮୧୪୪୮୦୯୧୨୪**

## ଅଦଭୂତ ଏଇ ଶୀତ...

### ଲକ୍ଷ୍ମୀପ୍ରିୟା ପୃଷ୍ଟି

ଶୀତ ଗୋଟେ ସୁଖ ମନ୍ତ୍ର,ଉଚ୍ଚାରଣେ
ଅନୁରାଗ ପଡ଼େ ଯେ କୁଢ଼ାଇ
ସପନର ଆଖିପତା ଖୋଳୁଥାଏ
ନୀରବତା, ଆଙ୍କିବାକୁ କାହାଛବି
ପୁଲକର ଗୀତ ଗାଇ ଗାଇ ।
ଶୀତ ପୁଣ୍ୟର କାର୍ତ୍ତିକ ହବିଷ୍ୟ
ଚଉରା ମୂଳର ଚିତା
ଭଜନ କୀର୍ତ୍ତନ ସଙ୍ଗେ ହରିନାମ
ଭାକ୍ତିକ ଭାବସତ୍ତା
ସଭିଙ୍କୁ କିମିଆଁ କରେ
ପର୍ବ ପର୍ବାଣୀକୁ ପିଠା ମିଠା ସ୍ୱାଦ
ଅସୁମାରୀ ଖୁସି ଭରେ ।
ଶୋଭା ବିମଣ୍ଡିତ ଖଳାରେ ଏ ଶୀତ
ସମ୍ପଦର ସୁନା ଛାୟା
ସଞ୍ଜ ସଳିତାର ପ୍ରାର୍ଥନା ପୁଣି
ଦାନା ମୁଠାକର ମାୟା
ସ୍ୱପ୍ନ ଖଞ୍ଜେ ଅସୁମାରୀ
ସତେକି ଜିଣିଛି ଇନ୍ଦ୍ର ରାଇଜ
ଅବା କୁବେରର ପୁରୀ ।
ଅଦଭୂତ ଏଇ ଶୀତ
ଜହ୍ନିଫୁଲ ସଞ୍ଜେ କେବେ ଗାଏ ଗୀତ
କେବେ ଝରା ବଉଳର କୁହୁଳା ମନର
ଅସରନ୍ତି ଅବଶୋଷ ।

**ଅଧ୍ୟାପିକା, ଦଶରଥପୁର,**
**ଯାଜପୁର,ମୋ– ୭୩୭୭୩୧୮୭୮୯**



ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପୁରୀ ଲିଟରେଚର ଫେଷ୍ଟିଭାଲ ଉଦ୍‌ଘାଟିତ

ପୁରୀ,(ସବ୍ୟୁ): ପୁରୀ ସଂସ୍କୃତି ଭବନ ସଭାକକ୍ଷରେ ଅନାମ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଦୁଇ ଦିନିଆ ପ୍ରଥମ ପୁରୀ ଲିଟରେଚର ଫେଷ୍ଟିଭାଲ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ କବି ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଅଧିକାରୀ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଭାଷା ବିଜ୍ଞାନୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ଭାରତ ସରକାରଙ୍କ ପୂର୍ବତନ ମାନବ ସମ୍ବଳ ବିଭାଗ ସଚିବ ଡ. ସତ୍ୟ ମହାନ୍ତି, ଦିଲ୍ଲୀର କଷ୍ଟମସ ବିଭାଗର ଚିଫ୍‌କମିସନର ସମଞ୍ଜସ ଦାସ, କବି ତଥା ରାଜନେତା ଶଙ୍କର ପରିଡା, କବି ତଥା ଉତ୍ସବ ସଂଯୋଜକ ରଶ୍ମି ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଉତ୍ସବର ନିର୍ଦ୍ଦେଶକ ମନୁ ଦାଶ । ଏହି ଅବସରରେ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କ ଗଳ୍ପ ସଂକଳନ ଘାସଫୁଲ, ବିଶିଷ୍ଟ ନାଟ୍ୟକାର ବିଶ୍ୱଜିତ ଦାସଙ୍କ ନାଟକ ମୃଗୟା, ସୀତାକାନ୍ତ ମହାପାତ୍ରଙ୍କ କବିତା ସଂକଳନ କବିତା ସମଗ୍ର-୭, ଶଙ୍କର ପରିଡାଙ୍କ କବିତା ସଂକଳନ କବିତା କଣିକା, ଦେବୀ ପ୍ରସନ୍ନ ନନ୍ଦଙ୍କ ପୁସ୍ତକ ନାଗା ମଣିଷ ଓ ଅନୁପମ ପାତ୍ରଙ୍କ ଇଂରାଜି କବିତା ସଂକଳନ ଅମରାନଥାଇନ ପୁସ୍ତକ ଉନ୍ମୋଚିତ ହୋଇଥିଲା ।

ଉତ୍ସବର ବିଭିନ୍ନ ଅଧିବେଶନରେ ବହୁ କବି ଓ ଲେଖକ ଯୋଗ ଦେଇ ସାହିତ୍ୟ ଆଲୋଚନାରେ ଭାଗ ନେଇଥିଲେ । ଓଡିଆ ଭାଷା ସାମାଜିକ ପ୍ରତିବଦ୍ଧତାର ସ୍ୱର ନା ବୌଦ୍ଧିକ ବିଳାସ ଆଲୋଚନାରେ ସର୍ବଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଶଙ୍କର ପରିଡା , ଓ ବନୋଜ ତ୍ରିପାଠୀ ପ୍ରମୁଖ ଭାଗ ନେଇଥିଲେ । ନାଟକରେ ଜୀବନ ଶୀର୍ଷକ ଆଲୋଚନାରେ ନାଟ୍ୟକାର ସତ୍ୟ ମହାନ୍ତି , ସମଞ୍ଜସ ଦାସ ଓ ସତ୍ୟବ୍ରତ ରାଉତ ଅଂଶ ଗ୍ରହଣ କରି ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡିଆ ଗଳ୍ପ କେତେ ଓଡିଆ ଆଲୋଚନାରେ ନିଜର ମତ ରଖିଥିଲେ ଗାଳ୍ପିକ ପରେଶ ପଟ୍ଟନାୟକ, ଡ. ଲଳାଟେନ୍ଦୁ ସାହୁ ଓ ଅଜୟ ମହାପାତ୍ର । ଶ୍ରୀକ୍ଷେତ୍ର ଓ ସିନେମା ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ ଶଙ୍କର ତ୍ରିପାଠୀ, ସମରେନ୍ଦ୍ର ମହାପାତ୍ର ଓ ସ୍ୱସ୍ତିକ ଚୌଧୁରୀ । ଅପରାହ୍ନରେ ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

# ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍‌ସାଇନ୍ସ, ଭୁବନେଶ୍ୱରରେ ପୁରାତନ ଛାତ୍ରଛାତ୍ରୀ ସମ୍ମିଳନୀ

ଭୁବନେଶ୍ୱର,(ସବ୍ୟୁ): ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍‌ସାଇନ୍ସ ୧୦ ତାରିଖରେ ଏହାର ପ୍ରଥମ ଆଲୁମିନିମିଟ୍ ଆୟୋଜନ କରି ସମ୍ମାନିତ ସ୍ନାତକମାନଙ୍କୁ ସ୍ୱାଗତ କରିଥିଲା । ଏହି ମିଟକୁ ମୁଖ୍ୟଅତିଥି ଉଭିଦିକିସମର ସୁରକ୍ଷା ତଥା କୃଷକ ଅଧିକାର ପ୍ରାଧିକରଣ, କୃଷି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଚେୟାରମ୍ୟାନ ଆଇସିଏଆର ପୂର୍ବତନ ଡିଜି ଡ଼ଃ ତ୍ରିଲୋଚନ ମହାପାତ୍ର ଏବଂ ଭୁବନେଶ୍ୱର, ଇନଷ୍ଟିଚ୍ୟୁଟ୍ ଅଫ୍ଲାଇଫ୍‌ସାଇନ୍ସର ନିର୍ଦ୍ଦେଶକ ଡ଼ଃ ଦେବାଶିଷ ଦାସ, ଅନ୍ୟ ସମ୍ମାନିତ ଅତିଥି ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ । ବିଜ୍ଞାନ ସମ୍ବନ୍ଧୀୟ ଅଧିବେଶନରେ ମୁଖ୍ୟ ଅତିଥି ଡ଼ଃ ମହାପାତ୍ର, ଏକ ପ୍ରେରଣାଦାୟକ ମୁଖ୍ୟବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଆଲୁମିନିଙ୍କୁ ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ୍ ଅଫ୍



ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ଡ଼ଃ ଦେବାଶିଷ ଦାସ କହିଲେ ଏହି ପ୍ରଥମ ଆଲୁମିନି ମିଟ୍ମାଧମରେ ଆମର ଆଲୁମିନିଙ୍କୁ ଏକତ୍ରିତ କରି ତାଙ୍କର ଅନୁଭୂତି, ସଫଳତା ଏବଂ ଆକାଂକ୍ଷା ସମ୍ବନ୍ଧରେ ଜାଣିବା ଆମ ପାଇଁ ଏକ ଉତ୍ସାହଜନକ ସଫଳତା ଥିଲା ବିଭିନ୍ନ ବ୍ୟାଚ୍ ଏବଂ ଅଧ୍ୟୟନର ଆଲୁମିନିମାନେ ଆଇଏଲ୍‌ଏ କ୍ୟାମ୍ପସରେ ଏକତ୍ରିତ ହୋଇ ଯୋଗଦାନ କରିଥିଲେ ଓ ଅନୁଷ୍ଠାନରେ ଥିବା ସମୟକୁ ମନେପକାଇ ସ୍ନାତକୋତ୍ତର ପରଠାରୁ ସେମାନଙ୍କର ବୃତ୍ତିଗତ ଯାତ୍ରା ବିଷୟରେ କାହାଣୀ କହିଥିଲେ । ସମ୍ମାନିତ ଆଲୁମିନି ଏବଂ ଅଧାପିକା ମାନେ ବାୟୋଟେକ୍ନୋଲୋଜିର ଅଗ୍ରଗତିଠାରୁ ଆରମ୍ଭ କରି ବିଶ୍ୱର ସ୍ୱାସ୍ଥ୍ୟ ଆହ୍ୱାନର ମୁକାବିଲା ପାଇଁ ଅନୁସନ୍ଧାନର ଭୂମିକା ପର୍ଯ୍ୟନ୍ତ ବିଷୟ ଗୁଡିକ ଅନୁସନ୍ଧାନ କରିଥିଲେ । ଆଲୁମିନି ଆସୋସିଏସନକୁ ଆଗକୁ ନେବା ପାଇଁ ରଣନୀତି ଉପରେ ଏକପ୍ୟାନେଲ୍ ଆଲୋଚନା ଅନୁଷ୍ଠିତ ହୋଇଥିଲା ଏହି ମିଟ୍‌ଆଲୁମିନିଙ୍କୁ ପୂର୍ବତନ ସହପାଠୀମାନଙ୍କ ସହ ପୁଞ୍ଜି ସଂଯୋଗ, ନୂତନ ସଂଯୋଗ ଗଠନ ଏବଂ ଜୀବନ ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗର ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିଥିଲା ।






ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ହେଉଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ଓଳାଶୁଣୀ ମେଳାରେ ସେବାକାର୍ଯ୍ୟ

ବାଲିଚନ୍ଦ୍ରପୁର,(ସବ୍ୟୁ): ଓଳାଶୁଣୀ ଗୁମ୍ଫାଯାତ୍ରାରେ ପ୍ରତ୍ୟହ ସହସ୍ରାଧିକ ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଯୋଗଦେବା ସହିତ ମହାପୁରୁଷ ଅରକ୍ଷିତ ଦାସଙ୍କ ସମାଧି ଦର୍ଶନ କରୁଛନ୍ତି । ଗୁମ୍ଫା ଦଶମୀ ରାତ୍ରିରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁ ସନ୍ୟାସୀମାନେ ପାହାଡ଼ ଶୀର୍ଷକୁ ଆସି ମହାପୁରୁଷଙ୍କୁ ଦର୍ଶନ କରିଥିଲେ । ଏକାଦଶୀ ପ୍ରାତଃକାଳରୁ ଓଳାଶୁଣୀ ବଡ଼ଦାଣ୍ଡରେ ହଜାର ହଜାର ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା । ମେଳାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସେବାକାରୀମାନେ ସେବା ଓ ସହାୟତା ଯୋଗାଇ ଆସୁଛନ୍ତି । ଦୀର୍ଘବର୍ଷ ଧରି ସ୍ଥାନୀୟ ଶ୍ରୀ ସତ୍ୟସାଇ ସେବା ସମିତି ପଲାଇ ପକ୍ଷରୁ ସେଠାରେ ଜିଲ୍ଲାସ୍ତରୀୟ ସେବା ସାଧନା ଶିବିର ଆୟୋଜିତ ହୋଇଆସୁଛି । ଗୁମ୍ଫା ସାଇ ସଂଗଠନ ପକ୍ଷରୁ ଶିବିର ଖୋଲାଯାଇ ୪୦ରୁ ଊର୍ଦ୍ଧ୍ୱ ସେବାଦଳ ଭାଇଭଉଣୀ ସେବାକାର୍ଯ୍ୟ ସଂପନ୍ନ କରିଥିଲେ । ଶୁକ୍ରବାର ଦିନ ୧୨୦ଜଣ ନାରାୟଣଙ୍କୁ ଶୀତବସ୍ତ୍ର ଓ ଲୁଗା ବଣ୍ଟନ କରାଯାଇଥିଲା । ସକାଳ ଏବଂ ମଧ୍ୟାହ୍ନ ଭୋଜନ ପରିବେଷଣ କରାଯାଇଥିଲା । ବାଲିଚନ୍ଦ୍ରପୁର ସମିତି ପକ୍ଷରୁ ମଧ ନାରାୟଣ ସେବା କରାଯାଇଥିଲା।

ମହାବାହୁ ଟ୍ରଷ୍ଟ ସେବା ସଂଗଠନ ପକ୍ଷରୁ ଶିବପ୍ରସାଦ ସାମଲ ଓ ସ୍ୱେଚ୍ଛାସେବୀମାନେ ଓଳାଶୁଣୀରେ ସେବାକାର୍ଯ୍ୟ କରୁଛନ୍ତି । ସେହିଭଳି ଅରକ୍ଷିତ ସେବା ସଂଘର ସ୍ୱେଚ୍ଛାସେବୀ ସଦସ୍ୟମାନେ ଗୁମ୍ଫା ଏକାଦଶୀ ତିଥିରେ ମହାପ୍ରସାଦ ବଣ୍ଟନ କାର୍ଯ୍ୟ ସୂଚାରୁରୂପେ ପରିଚାଳନା କରିଥିଲେ । ସତ୍ୟସାଇ ସେବା ସମିତିର ସେବାଦଳ କର୍ମୀ ପ୍ରଶାନ୍ତ କୁମାର



ଦଶମୀ ଦିନଠାରୁ ଶନିବାର ପର୍ଯ୍ୟନ୍ତ ସତ୍ୟସାଇ ସେବାଦଳ ମଠ ପକ୍ଷରୁ ପ୍ରସ୍ତୁତି ମହାପ୍ରସାଦ ବିତରଣ, ବଡ଼ଦାଣ୍ଡ ସମେତ ଓଳାଶୁଣୀ ମନ୍ଦିର ପରିସର ସଫେଇ, ପରିବାକଟା, ବ୍ଲିଚିଂ ଦ୍ୱାରା ପରିସର ସଫେଇ, ପାନୀୟଜଳ ବଣ୍ଟନ, ଭକ୍ତମାନଙ୍କୁ ବିନା ମୂଲ୍ୟରେ ଚା' ବଣ୍ଟନ ଓ ନାରାୟଣ ସେବା କରାଯାଇଥିଲା । ୬ ଦିନ ଧରି ସାମଲ, ଆବାହକ ଦାମୋଦର ବାସୁଳାଇ, ଦାମୋଦର ଲେଙ୍କା, ସୁବୋଧ ସ୍ୱାଇଁ, ସଂଜୟ ମଲ୍ଲିକ, ଶାନ୍ତନୁ କୁମାର ସାମଲ, ପୂର୍ବତନ ଆବାହକ ସୁମନ୍ତ କୁମାର ଭୂୟାଁ, ସୁରେନ୍ଦ୍ର ସାମଲ, ଜ୍ଞାନେନ୍ଦ୍ର ତ୍ରିପାଠୀ, ଶଶିଭୂଷଣ ସାହୁ, ନବକିଶୋର ବାରିକ, ଶିବପ୍ରସାଦ ମଲିକ, ସୀତା ବେହେରା ପ୍ରମୁଖ ସେବାକାର୍ଯ୍ୟ ସଂପାଦନ କରିଥିଲେ ।

## ଘରେ ଘରେ ଶଙ୍ଖ, ପରିବାର ସମ୍ପର୍କ ପଦଯାତ୍ରା: ରୂପାଲିଙ୍କ ଆଶା ବିଜେଡି ଟିକେଟ୍

କଟକ, (ସବ୍ୟୁ): ବିଜେଡିର ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ପ୍ରାନ୍ତରେ କରାଯାଉଛି । ଏହି ଅବସରରେ ଚୌଦ୍ୱାର କଟକ ବିଜେଡିର ନାରୀନେତ୍ରୀ ରୂପାଲୀ ଲେଙ୍କା ନେତୃତ୍ୱରେ ବହୁ ସମର୍ଥକ ଶନିବାର ବିଭିନ୍ନ ସ୍ଥାନ ପରିକ୍ରମା କରିବା ସହ ୫୪ନଂ ୱାର୍ଡର ୱାର୍ଡବାସୀଙ୍କୁ ନବୀନ ବାବୁଙ୍କ ଜନହିତକର କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ । ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ଅଗ୍ରାଧିକାର ଦେବା ସହ ସ୍ୱାଲମ୍ବୀ କରିବାପାଇଁ ଅନେକ ଯୋଜନା କରୁଛନ୍ତି ତେଣୁ ଆଗାମୀ ନିର୍ବାଚନରେ ଚୌଦ୍ୱାର-କଟକରେ ମହିଳାଙ୍କୁ ପ୍ରାର୍ଥୀ କରିବା ଆଶାରେ ଦଳୀୟ ଟିକେଟ ପାଇ ରୂପାଲୀ ଲେଙ୍କା ନିର୍ବାଚନ ଲଢ଼ିବା ଆଶା ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି ।

# ସତ୍‌ସଙ୍ଗବିହାରର ଶ୍ରୀ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଆଜି

ଭୁବନେଶ୍ୱର, (ସବ୍ୟୁ): ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୬ତମ ଜନ୍ମ ବାର୍ଷିକୀ ଦିବସ ଏବଂ ଭୁବନେଶ୍ୱର ସତ୍‌ସଂଘ ବିହାର ଶ୍ରୀବିଗ୍ରହଙ୍କ ୨୯ତମ ପ୍ରତିଷ୍ଠା ମହୋତ୍ସବ ଅବସରରେ ରବିବାର ଭୁବନେଶ୍ୱର ମଞ୍ଚେଶ୍ୱର ରେଳୱେ ପ୍ରାଙ୍ଗଣରେ ଏକ ଭବ୍ୟ ଉତ୍ସବର ଆୟୋଜନ କରାଯାଇଛି । ଶ୍ରୀ ଶ୍ରୀ ଆଚାର୍ଯ୍ୟଦେବଙ୍କ ଆଶୀର୍ବାଦ ପୃଷ୍ଟ ଏହି ଉତ୍ସବ ସକାଳ ୧୦ଟାରୁ ଆରମ୍ଭ ହୋଇ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ ବେଦମାଙ୍ଗଳିକ, ସକାଳ ବିନତୀ ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପାଠ, ଭକ୍ତ ସଂଗୀତାଞ୍ଜଳୀ, ସଦାଲୋଚନା, ମାତୃସମ୍ମିଳନୀ ଓ ଶିଶୁଙ୍କ କାର୍ଯ୍ୟକ୍ରମ ସମେତ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ବିଶେଷ ଆକର୍ଷଣ ଭାବେ ହ୍ୱାଇଟବ୍ୟାଣ୍ଡ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଯେଉଁଥିରେ ଭାରତୀୟ ସଂସ୍କୃତିକୁ ବଜାୟ ରଖିବାର ଉଦ୍ଦେଶ୍ୟରେ ଧଳା ଧୋତି ପିନ୍ଧି ଗୀଟାର ମାଧ୍ୟମରେ ସଂଗୀତ ପରିବେଷଣ କରାଯିବ । ଉତ୍ସବ ଉପଲକ୍ଷେ ପ୍ରକାଶିତ ସ୍ମରଣୀକା ତର୍ପଣ ମଧ ଉନ୍ମୋଚିତ ହେବ । ଏହି କାର୍ଯ୍ୟକ୍ରମରେ ୧୦୦୦ରୁ ଅଧିକ ଲୋକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ସହ ଏକ ମେଡ଼ିକାଲ କନ୍‌ଫରେନ୍ସ ଅନୁଷ୍ଠିତ ହେବ । ଉତ୍ସବକୁ ସାରା ଭୁବନେଶ୍ୱରବାସୀଙ୍କୁ ନିମନ୍ତ୍ରଣ କରାଯାଇଛି । ଏଥିସହିତ ରାଜ୍ୟ ତଥା ରାଜ୍ୟ ବାହାରର ସତସଙ୍ଗୀମାନେ ଭାଗ ନେବେ । ଏହି ରାଜ୍ୟସ୍ତରୀୟ ଉତ୍ସବରେ ସମସ୍ତଙ୍କ ପାଇଁ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇଛି ।

# କଳିଙ୍ଗ ସାହିତ୍ୟ ମହୋତ୍ସବରେ କବିତା ପୁସ୍ତକ 'ମୁଁ ଶୂନ କହୁଛି' ଉନ୍ମୋଚିତ




ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମରେ ଚାଲିଥିବା ତିନିଦିନିଆ କଳିଙ୍ଗ ସାହିତ୍ୟ ମହୋତ୍ସବର ଉଦ୍‌ଘାଟନୀ ଦିବସରେ ପ୍ରଦୀପ ମହାପାତ୍ରଙ୍କ ଓଡିଆ କବିତା ସଂକଳନ 'ମୁଁ ଶୂନ କହୁଛି' ଉନ୍ମୋଚିତ ହୋଇଛି । ଏହି ପୁସ୍ତକକୁ ବିଶିଷ୍ଟ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ଦାସ ବେନହୁର ଓ ଓଡ଼ିଶାର ବିଶିଷ୍ଟ କବି, ଲେଖିକାଓ ଶିକ୍ଷାବିତ୍ ଚିନ୍ମୟୀ ପଣ୍ଡା 'ମଧୁବାବୁଙ୍କ ଓଡ଼ିଶା' ଶୀର୍ଷକ ଅଧିବେଶନରେ ଉନ୍ମୋଚନ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଓ ସାହିତ୍ୟପ୍ରେମୀମାନେ ଏକାଠି ହୋଇ କଳା, ସଂସ୍କୃତି ଓ ସାହିତ୍ୟର ଉତ୍ସବ ପାଳନକରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାର ବାସିନ୍ଦା ପ୍ରଦୀପ ବର୍ତ୍ତମାନ ଆମେରିକାର ବିଭର୍ଟନସ୍ଥିତ ଇଣ୍ଟେଲରେ ସିଷ୍ଟମଇନେବଲମେଣ୍ଟ ଦଳର ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ପ୍ରଦୀପ ମହାପାତ୍ରଙ୍କ ମାର୍ମିକ କବିତା ଦର୍ଶକଙ୍କମନକୁ ଆକର୍ଷିତ କରିଥିଲା, ଯେଉଁଥିରେ ତାଙ୍କ ଭାବପ୍ରବଣ ଆବେଗ ଓଗଭୀର ଜ୍ଞାନର ଝଲକ ଦେଖିବାକୁ ମିଳିଥିଲା । ଏହି ପୁସ୍ତକ ପ୍ରକାଶନ ପରେ ପ୍ରଦୀପ ମହାପାତ୍ରଙ୍କ କୃତି ନିଶ୍ଚିତ ଭାବରେ ସାହିତ୍ୟ ଜଗତରେ ଏକ ଛାପ ଛାଡ଼ିଛି, ଯାହାଏହାର ଗଭୀରତା ଏବଂ ଭାବପ୍ରବଣତା ଦ୍ୱାରା ପାଠକଙ୍କୁ ଆକର୍ଷିତ କରିବ ।



ବିଧାନସଭା ପରିସରରେ ସୁଜ୍ଞାନ କୁମାରୀ ଦେଓଙ୍କ ପାର୍ଥିବ ଶରୀରରେ ଶ୍ରଦ୍ଧାଞ୍ଜଳି

# ରିଲାଏନ୍ସ ଫାଉଣ୍ଡେସନ ୟୁଜି ଶିକ୍ଷାବୃତ୍ତି ୨୦୨୩-୨୪ ପାଇଁ ୫୦୦୦ ଛାତ୍ରଛାତ୍ରୀଙ୍କୁ ଚୟନ

ଭୁବନେଶ୍ୱର,(ସବ୍ୟୁ): ରିଲାଏନ୍ସ ଫାଉଣ୍ଡେସନ ଅଣ୍ଡରଗ୍ରାଜୁଏଟ୍ (ୟୁଜି) ଶିକ୍ଷାବୃତ୍ତି ୨୦୨୩-୨୪ ପାଇଁ ଦେଶବ୍ୟାପୀ ଆବେଦନ ମଧ୍ୟରୁ ୫ ହଜାର ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଏହି ଶିକ୍ଷାବୃତ୍ତିର ଫଳାଫଳ ଆଜି ପ୍ରକାଶ ପାଇଛି । ଉଚ୍ଚଶିକ୍ଷା ପାଇଁ ଭାରତର ଅନ୍ୟତମ ବୃହତ୍ତମ, ଅନ୍ତର୍ଭୁକ୍ତୀକରଣ ସମ୍ପନ୍ନ ଏବଂ ବିବିଧ ଶିକ୍ଷାବୃତ୍ତି କାର୍ଯ୍ୟକ୍ରମ ଭାବେ ପରିଚିତ ଏହି ଶିକ୍ଷାବୃତ୍ତିରେ ଅଣ୍ଡରଗ୍ରାଜୁଏଟ୍ (ୟୁଜି) ଛାତ୍ରଛାତ୍ରୀମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶିକ୍ଷାବୃତ୍ତି ପ୍ରଦାନ କରାଯିବ ଏବଂ ସେମାନେ ଏକ ଦୃଢ଼ ଆଲୁମିନି ନେଟ୍‌ୱର୍କର ଅଂଶ ହେବାର ସୁଯୋଗ ପାଇପାରିବେ । ରିଲାଏନ୍ସ ଫାଉଣ୍ଡେସନ ୟୁଜି ଶିକ୍ଷାବୃତ୍ତି ୨୦୨୩-୨୪ ପାଇଁ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୧୨୧ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଛାତ୍ରଛାତ୍ରୀ ନିଜ ଆବେଦନର ଫଳାଫଳ ରିଲାଏନ୍ସ ଫାଉଣ୍ଡେସନର ୱେବସାଇଟ www.reliancefoundation.org ରୁ ଜାଣିପାରିବେ ।

# ମାରେଙ୍ଗୋ ଏସିଆ ହସ୍ପିଟାଲ୍ସ ଓ କ୍ୟୁଏଆଇ ମଧ୍ୟରେ ସହଭାଗିତା

ଭୁବନେଶ୍ୱର,(ସବ୍ୟୁ): ଅହମ୍ମଦାବାଦସ୍ଥିତ ମାରେଙ୍ଗୋ ସିଆଇଏମ୍‌ଏସ୍ ହସ୍ପିଟାଲରେ ଷ୍ଟେଟ୍-ଅଫ୍-ଦ-ଆର୍ଟ 'ସେଣ୍ଟର ଅଫ ଏକ୍ସିଲେନ୍ସ ଇନ୍ କ୍ୱାଲିଟି ଆଣ୍ଡ ପେସେଣ୍ଟ ସେଫ୍ଟି ଇନ୍ ଷ୍ଟ୍ରୋକ୍ କେୟାର' ସ୍ଥାପନ କରିବା ପାଇଁ ମାରେଙ୍ଗୋ ଏସିଆ ହସ୍ପିଟାଲ୍ସ ଓ କ୍ୱାଲିଟି ଆଣ୍ଡ ଆକ୍ରିଡିଟେଶନ ଇନ୍‌ଷ୍ଟିଚ୍ୟୁଟ୍ (କ୍ୟୁଏଆଇ) ମଧ୍ୟରେ ସହଭାଗିତା ହୋଇଛି। ଏହି ସହଭାଗିତା ହୃଦଘାତ ଚିକିତ୍ସାକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ସହଭାଗିତା ପାଇଁ ମାରେଙ୍ଗୋ ଏସିଆ ହସ୍ପିଟାଲ୍ସର ପରିଚାଳନା ନିର୍ଦ୍ଦେଶକ ଓ ଗ୍ରୁପ୍ ସିଇଓ ଡଃ ରାଜୀବ ସିଂଘଲ ଏବଂ କ୍ୟୁଏଆଇର ସିଇଓ ଡଃ ବି କେ ରାଣାଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିର ପ୍ରାଥମିକ




ଲକ୍ଷ୍ୟ ହେଉଛି ଛୋଟ ଛୋଟ ହସ୍ପିଟାଲଗୁଡିକୁ ସଂଯୋଗ କରି ପ୍ରାଇମେରୀ ଷ୍ଟ୍ରୋକ୍ ସେଂଟରଗୁଡିକର ଏକ ନେଟ୍‌ୱର୍କ ସ୍ଥାପନ କରିବା । ଏହି ପଦକ୍ଷେପରେ ନର୍ସିଂ ହୋମ୍ ଓ କ୍ଲିନିକ୍‌ଗୁଡିକ ସହ ସହଭାଗିତା କରିବା , ସେଗୁଡିକୁ ପ୍ରାଥମିକ ହୃଦ୍‌ଘାତ ଯତ୍ନ ପରିଚାଳନା ପାଇଁ ଲୋକାଲ ହବ୍ ଭାବେ ଅବସ୍ଥାପିତ କରିବା ପାଇଁ ପ୍ରୋଗ୍ରାମରେ ସାମିଲ କରିବା ଏବଂ ମାରେଙ୍ଗୋ ସିଆଇଏମ୍‌ଏସ୍ ହସ୍ପିଟାଲ ଓ କ୍ୟୁଏଆଇ ସହ ସଂଯୋଗ କରିବା ଆଦି ସାମିଲ ରହିଛି। ଏହି ପ୍ରୟାସ ଉକ୍ତ ଷ୍ଟ୍ରୋକ୍ ସେଂଟରଗୁଡିକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ଦକ୍ଷତା ସହ ସଶକ୍ତ କରିବ ଏବଂ କ୍ଲିନିକ ଓ ନର୍ସିଂ ହୋମ୍‌ଗୁଡିକୁ ହୃଦଘାତ ରୋଗୀଙ୍କୁ ସଠିକ୍ ସମୟରେ, ଉପଯୁକ୍ତ ଚିକିତ୍ସା ପ୍ରଦାନ କରିବା ପାଇଁ ସକ୍ଷମ କରିବ। ଏହି ସହଭାଗିତା ମାଧ୍ୟମରେ ମାରେଙ୍ଗୋ ଅହମ୍ମଦାବାଦର କମ୍ୟୁନିଟି ହସପିଟାଲଗୁଡିକୁ ଏମ୍‌ସିଆଇଏମ୍‌ଏସ୍ ଓ କ୍ୟୁଏଆଇ ସହ ସହଯୋଗିତାରେ ଏଲ୍୧ ଓ ଏଲ୍୨ ଷ୍ଟ୍ରୋକ୍ ସେଂଟର୍‌ରେ ପରିଣତ ହେବା ପାଇଁ ପ୍ରଶିକ୍ଷଣ ଓ ବିଶେଷଜ୍ଞତା ପ୍ରଦାନ କରିବା ନିଦାନ ସମୟ ହ୍ରାସ କରିବା ପାଇଁ ଏହି ହସ୍ପିଟାଲଗୁଡିକୁ ଷ୍ଟ୍ରୋକ୍ ସଫ୍ଟୱେୟାର ଓ ଏଆଇ ହସ୍ପିଟାଲଗୁଡିକ ସହ ସଂଯୋଗ କରାଯିବ ।

## ଡିଜିଟାଲ ବୀମା ଯୁଗରେ ବୃଦ୍ଧି ପାଇଛି ଉପଭୋକ୍ତାଙ୍କ ଆତ୍ମବିଶ୍ୱାସ, ଭରସା

ଭୁବନେଶ୍ୱର,(ସବ୍ୟୁ): ବୀମା ଦ୍ୱନ୍ଦପୂର୍ଣ୍ଣ ମନେହୁଏ କାରଣ ଲୋକମାନେ ଏହାକୁ ପ୍ରାୟତଃ କିଣନ୍ତି ନାହିଁ । ଏଥିରେ ଦୀର୍ଘକାଳୀନ ପ୍ରତିଶ୍ରୁତି ଏବଂ ଅଧିକ ଅନ୍ତର୍ନିହିତ ରିସ୍କ ରହିଥାଏ । ଏସମ୍ପର୍କରେ ଫୋନପେ ଇନ୍ସ୍ୟୋରାନ୍ସ ବ୍ରୋକିଂ ସର୍ଭିସେସ ସିଇଓ ବିଶାଲ ଗୁପ୍ତା କହିଛନ୍ତି ଯେ, ଏହି ଜଟିଳତା ଯୋଗୁଁ ଦୁଇଟି ସାଧାରଣ ଭୟ ସୃଷ୍ଟି ହୁଏ

ଏ କ୍ଷେତ୍ରରେ ଡିଜିଟାଲ ପ୍ଲାଟଫର୍ମର ପରିବର୍ତ୍ତନଶୀଳ ଭୂମିକା ଉପରେ ଆଲୋକପାତ କରି ଶ୍ରୀ ବିଶାଲ ଗୁପ୍ତା କହିଛନ୍ତି ଯେ, ସର୍ବତ୍ର ବିସ୍ତାର ହୋଇଥିବା ଓ ୟୁଜରଙ୍କ ପାଇଁ ବିଶ୍ୱସନୀୟ ଫୋନପେ ଭଳି ପ୍ଲାଟଫର୍ମ, ଡିଜିଟାଲ କ୍ଷେତ୍ରରେ ବିଶ୍ୱାସ ମାଧ୍ୟମରେ ସବୁ ସମସ୍ୟାର ସମାଧାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

# ହାଇଦ୍ରାବାଦରେ ନୁଭୋକୋ ଭିସ୍ତାସର ନୂଆ କଙ୍କ୍ରିଟ୍ ପ୍ଲାଣ୍ଟ

ଭୁବନେଶ୍ୱର,(ସବ୍ୟୁ): ଭାରତର ୫ମ ସର୍ବବୃହତ୍ ସିମେଣ୍ଟ ଗ୍ରୁପ୍ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ହାଇଦ୍ରାବାଦରେ ନିଜର ନୂଆ ରେଡି-ମିକ୍ସ କଙ୍କ୍ରିଟ୍ ପ୍ଲାଣ୍ଟର ଉଦ୍‌ଘାଟନ କରିଛି। ଏହି ଅଞ୍ଚଳରେ କମ୍ପାନୀର ଏହା ୫ମ ପ୍ଲାଣ୍ଟ ଅଟେ ଯାହା ମେଡଚାଲଠାରେ ଅବସ୍ଥିତ। ମେଡଚାଲ ପ୍ଲାଣ୍ଟ୍‌ର ସ୍ଥାପନ କରି କମ୍ପାନୀ ନିଜର ଅଗ୍ରଣୀ ବଜାର ସ୍ଥିତିକୁ ମଜଭୁତ କରିଛି । ଏହି ପ୍ଲାଣ୍ଟର ରଣନୈତିକ ସ୍ଥାନ ତତ୍କାଳ ବଜାର ପହଞ୍ଚ ନିଶ୍ଚିତ କରୁଛି ଯାହାଫଳରେ ଟ୍ରାଫିକ ସମସ୍ୟା ଦୂର ହେବ ଏବଂ ପରିଚାଳନାଗତ ଉତ୍କର୍ଷତା ପାଇଁ ନୁଭୋକୋର ପ୍ରତିଶ୍ରୁତି ପୂରଣ ହେବ । ଉକ୍ତ ଅତ୍ୟାଧୁନିକ ପ୍ଲାଣ୍ଟ ଏକ ବିସ୍ତୃତ ଶୃଙ୍ଖଳାର ଗ୍ରାହକ ଆବଶ୍ୟକତା ପୂରଣ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ




ସୁସଜ୍ଜିତ ରହିଛି ଯାହା ଅଞ୍ଚଳରେ ବିଭିନ୍ନ ବିକାଶ ପ୍ରକଳ୍ପ ପାଇଁ ଶୀର୍ଷ ମାନର କଙ୍କ୍ରିଟ ସମାଧାନ ପ୍ରଦାନ କରୁଛି ।

# ହାତ ମିଳାଇଲେ ଶରିଫ-ଭୁଟ୍ଟୋ

ଇସଲାମାବାଦ: କୌଣସି ଦଳକୁ ପାକିସ୍ତାନରେ ସରକାର ଗଠନ ପାଇଁ ଆବଶ୍ୟକ ୧୩୩ ଆସନ ମିଳିବାର ସମ୍ଭାବନା ନାହିଁ । ଏପରି ସ୍ଥିତିରେ ମେଣ୍ଟ ସରକାର ଗଠନ ହେବ । ଇମ୍ରାନ ଖାନଙ୍କ ପାର୍ଟି କାଳେ ବାଜି ମାରିନେବ, ସେଥିପାଇଁ ଚୂଡ଼ାନ୍ତ ରେଜଲ୍ଟ ବାହାରିବା ପୂର୍ବରୁ ନବଜା ଶରିଫ ଓ ବିଲାୱଲ ଭୁଟ୍ଟୋ ହାତ ମିଳାଇଛନ୍ତି । ଉଭୟ ମିଳିତ ଭାବେ ପାକିସ୍ତାନରେ ସରକାର ଗଠନ



## ବଡ଼ ବୟାନ ଦେଲା ପାକିସ୍ତାନ ସେନା

କରିବେ ବୋଲି ଘୋଷଣା କରିଛନ୍ତ । କିନ୍ତୁ ଉଭୟ ଦଳକୁ କେତେ ଆସନ ମିଳୁଛି, ତାହା ହିଁ ସବୁଠାରୁ ବଡ଼ ପ୍ରଶ୍ନ ।ଏସବୁ ଭିତରେ ଇମ୍ରାନ ଖାନ ମଧ୍ୟ ନିର୍ବାଚନରେ ବିଜୟୀ ହୋଇଥିବା ଦାବି କରିଛନ୍ତି । ସେ ଏଆଇ ଭର୍ସନ ଦ୍ୱାରା ସୃଷ୍ଟି କରାଯାଇଥିବା ଭିଡିଓରେ ଦେଶବାସୀଙ୍କୁ ସମ୍ବୋଧନ କରି ବିଜୟ ପାଇଁ କୃତଜ୍ଞତା ଜଣାଇଛନ୍ତି । ଦୁଇ ପକ୍ଷ ବିଜୟୀ ନେଇ ଦାବି କରିବା ଓ ରେଜଲ୍ଟ ବାହାରିବାରେ ବିଳମ୍ବ ଯୋଗୁ ଦେଶରେ ଅସ୍ଥିରତା ଦେଖା ଯିବାର ଆଶଙ୍କା ପ୍ରକାଶ ପାଇଛି । ସେପଟେ ପାକିସ୍ତାନ ରାଜନୀତି ଓ ସରକାରକୁ ନିୟନ୍ତ୍ରଣ କରୁଥିବା ସେନାର ବୟାନ ସାମ୍ନାକୁ ଆସିଛି । ଆଇଏସ୍ପିଆର ପକ୍ଷରୁ ସେନା ମୁଖ୍ୟଙ୍କ ବୟାନ ଜାରି କରାଯାଇଛିଛ ଏଥିରେ ସେନା ମୁଖ୍ୟ କହିଛନ୍ତି ଯେ ପାକିସ୍ତାନରୁ ଅରାଜକତା ଓ ତୁଷ୍ଟୀକରଣ ରାଜନୀତିରୁ ଉପରକୁ ଯିବାକୁ ପଡ଼ିବ । ପାକିସ୍ତାନର ରାଜନୀତି ଉପରେ ସବୁବେଳେ ସେନାର ଦବଦବା ରହି ଆସିଛି ।୧୯୪୭ରେ ଭାରତ ଠାରୁ ଅଲଗା ହେବା ପରେ ପାକିସ୍ତାନକୁ ଅଧିକାଂଶ ସମୟ ଦେଶର ସେନା ମୁଖ୍ୟ ହିଁ ଚଳାଇ ଆସିଛନ୍ତି ।

ଏବେ ସେନା ମୁଖ୍ୟ ଜେନେରାଲ ସୟିଦ ଅସୀମ ମୁନିର କହିଛନ୍ତି, ଦେଶ ସ୍ଥିର ହାତରେ ରହିବା ଦରକାର । ଅରାଜକତା ଓ ତୁଷ୍ଟୀକରଣ ରାଜନୀତିରୁ ଉପରକୁ ଯିବା ପାଇଁ ଉପଯୁକ୍ତ ଉପଶମ ଆବଶ୍ୟକ । କାରଣ ଅସ୍ଥିରତା ଓ ତୁଷ୍ଟୀକରଣ ରାଜନୀତି କେବେ ହେଲେ ୨୫୦ ମିଲିୟନ ଲୋକଙ୍କ ବିକାଶ ପାଇଁ ଠିକ ନୁହେଁ ।ନିର୍ବାଚନ ଓ ଗଣତନ୍ତ୍ର ପାକିସ୍ତାନର ଲୋକଙ୍କ ସେବା ପାଇ । ନିର୍ବାଚନର ଅର୍ଥ କେବଳ ହାରିବା କିମ୍ବା ଜିତିବା ନୁହେ । ଏହା ଲୋକଙ୍କ ଜନାଦେଶକୁ ଜାଣିବା ପାଇଁ ଗୋଟିଏ ବ୍ୟବସ୍ଥା । ରାଜନୀତିକ ଦଳର ନେତୃବୃନ୍ଦ ଓ ସେମାନଙ୍କ କର୍ମୀମାନେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଲୋକଙ୍କ ସେବା ଓ ଉତ୍ତମ ନୀତି ପ୍ରଣୟନ କରନ୍ତୁ । ଗଣତନ୍ତ୍ରକୁ ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ସମ୍ଭବତଃ ଏହା ହିଁ ଉପଯୁକ୍ତ ମାଧ୍ୟମ । ପାକିସ୍ତାନର ଲୋକମାନେ ମିଳିତ ଭାବେ ସେମାନଙ୍କ ବିଶ୍ୱାସ ପାକିସ୍ତାନର ସମ୍ବିଧାନ ଉପରେ ଦେଖାଇଛନ୍ତି । ଏବେ ସବୁ ରାଜନୀତିକ ଦଳ ସମାନ କାମ ରାଜନୀତିକ ଶାଳୀନତା ଓ ଏକତା ସହ ପ୍ରଦାନ କରନ୍ତୁ ।

## ଇସିଙ୍କୁ ଇମ୍ରାନଙ୍କ ଦଳର ଚେତାବନୀ



ଲାହୋର : ଦୁଇ ଦିନ ପରେ ବି ପାକିସ୍ତାନରେ ଭୋଟ ଗଣତି ଜାରି ରହିଛି । ସେପଟେ ଇମ୍ରାନ ଖାନଙ୍କ ଦଳ ପାକିସ୍ତାନ ତେହରିକ-ଏ-ଇନସାଫ (ପିଟିଆଇ) ଶନିବାର (ଫେବୃଆରୀ ୧୦) ମଧ୍ୟରାତ୍ରି ସୁଦ୍ଧା ସମ୍ପୂର୍ଣ୍ଣ ଫଳାଫଳ ଘୋଷଣା କରିବାକୁ ନିର୍ବାଚନ କମିଶନଙ୍କୁ ଧମକ ଦେଇଛ । ଏପରି ହେଲେ ସାରା ଦେଶରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଗଣମାଧ୍ୟମକୁ ସମ୍ବୋଧିତ କରି ପିଟିଆଇ ମୁଖ୍ୟ ଗୌହର ଅଲ୍ଲୀ ଖାନ୍ ଦାବି କରିଛନ୍ତି ଯେ ପାକିସ୍ତାନ ନିର୍ବାଚନ ଆୟୋଗ ମଧ୍ୟରାତ୍ରି ସୁଦ୍ଧା ସମ୍ପୂର୍ଣ୍ଣ ଫଳାଫଳ ଘୋଷଣା କରନ୍ତୁ ନଚେତ ଯେଉଁ ଅଞ୍ଚଳରେ ଫଳାଫଳ ପ୍ରକାଶ ପାଇନାହିଁ ସେଠାରେ ବିରୋଧର ସମ୍ମୁଖୀନ ହୁଅନ୍ତୁ । ଠିକ୍ ସମୟରେ ଫଳାଫଳ ଘୋଷଣା କରିବାରେ ଇସିପି ନିଜର ସାମ୍ବିଧାନିକ ଭୂମିକା ନିର୍ବାହ କରିବାରେ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି । ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପାକିସ୍ତାନ ତେହରିକ-ଏ-ଇନସାଫ ପାର୍ଟି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ଗୁରୁବାର ହୋଇଥିବା ନିର୍ବାଚନରେ ନ୍ୟାସନାଲ ଆସେମ୍ବଲିରେ ୧୦୦ରୁ ଅଧିକ ଆସନରେ ବିଜୟୀ ହୋଇଛନ୍ତି । ତେବେ ଦୁଇ ଦିନ ବିତିଯାଇଥିଲେ ମଧ୍ୟ ଗଣତି ସରିନଥିବା ବେଳେ ଏପର୍ଯ୍ୟନ୍ତ ମିଳିଥିବା ଫଳାଫଳରୁ ଲାଗୁଛି ଦେଶରେ ମେଣ୍ଟ ସରକାର ଗଠନ ହେବ । କିନ୍ତୁ ଉଭୟ ପିଟିଆଇ ଓ ପିଏମଏଲ୍ ନିଜ ନିଜର ବିଜୟ ଘୋଷଣା କରିଛନ୍ତି ।

# ୫ ବର୍ଷରେ ୩ଆର୍‌କୁ ଗୁରୁତ୍ୱ ଦେଇଛି : ମୋଦି

ନୂଆଦିଲ୍ଲୀ : ଦେଶର ହିତ ପାଇଁ ୫ ବର୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ରିଫର୍ମ, ପରଫର୍ମ, ଟ୍ରାନ୍ସଫର୍ମକୁ ଦିଆଯାଇଛି ଗୁରୁତ୍ୱ । ଦ୍ରୁତ ଗତିରେ ପରିବର୍ତ୍ତନ ସହ ଦେଶ ଆଗକୁ ବଢୁଛି । ଆଜି ବଜେଟ ଅଧିବେଶନର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି କିଛି କହିଛନ୍ତି ।ସଂସଦର ବଜେଟ୍ ଅଧିବେଶନର ଶେଷ ଦିନରେ ଅଯୋଧ୍ୟାରେ ନିର୍ମିତ ଭବ୍ୟ ରାମ ମନ୍ଦିର ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଛି । ଏଥିରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ସପ୍ତଦଶ ଲୋକସଭା ଏକ ନୂଆ ମାନଦଣ୍ଡ ପ୍ରସ୍ତୁତ କରିପାରିଛି । ଆଜିର ଦିନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଜି ଦେଶ ଏକ ନୂଆ ଆତ୍ମବିଶ୍ୱାସ ଅନୁଭବ କରୁଛି । ଗତ ୪ ବର୍ଷରେ ସଂସ୍କାର, ପରିବର୍ତ୍ତନ ଏବଂ କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଜମ୍ମୁ ଓ କଶ୍ମୀରରୁ ୩୭୦ ହଟାଇବାରେ ସଫଳ ଆମେ ହୋଇଛୁ । ପ୍ରଥମେ ଜମ୍ମୁ କଶ୍ମୀରବାସୀ ସାମାଜିକ ନ୍ୟାୟରୁ ବଞ୍ଚିତ ଥିଲେ । ହେଲେ ଧାରା ୩୭୦ ହଟାଇ ଆମେ ଏହାକୁ ଦୂର କରିଛୁ । ୩ ତଲାକରୁ ମୁକ୍ତିର ନିଷ୍ପତ୍ତି ସପ୍ତଦଶ ଅଧିବେଶନରେ ହୋଇଛି । ଯୁବବର୍ଗଙ୍କ ପାଇଁ ଅନେକ ଐତିହାସିକ ଆଇନ ଅଣାଯାଇଛ । ପେପର ଲିକ୍ ରୋକିବାକୁ କଠୋର ଆଇନ ଅଣାଯାଇଛ । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଆଗାମୀ ୨୫ ବର୍ଷ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୨୫ ବର୍ଷରେ ବିକଶିତ ଭାରତ ଆମର ଲକ୍ଷ୍ୟ । ବିକଶିତ ଭାରତ ପାଇଁ ସମସ୍ତଙ୍କୁ ଏକଜୁଟ୍ ହେବାକୁ ହେବ । ଟ୍ରାନ୍ସଜେଣ୍ଡରଙ୍କୁ ଆମ ସରକାର ନୂଆ ପରିଚୟ ଦେଇଛନ୍ତି । ନିର୍ବାଚନ ଆଉ ଦୂର ନୁହେଁ, ଗଣତନ୍ତ୍ରର ଏହି ପରମ୍ପରା ବିଶ୍ୱକୁ ଚକିତ କରିଥାଏ । ମାନବ ଜାତି ଶତାବ୍ଦୀର ସବୁଠାରୁ ବଡ଼ ସଙ୍କଟର ସମ୍ମୁଖୀନ ହୋଇଛ । ମହାମାରୀ ସମୟରେ ଘରୁ ବାହାରିବା ଅତ୍ୟନ୍ତ କଷ୍ଟକର ଥିଲା । ଏପରି ସମୟରେ ମଧ୍ୟ ଦେଶର କାମ ବନ୍ଦ ହୋଇନଥିଲା, ଗୃହର ମର୍ଯ୍ୟାଦା ମଧ୍ୟ ବଜାୟ ରହିଥିଲା । ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ସମସ୍ତେ ନିଜ ଶକ୍ତି ବଳରେ ଦେଶକୁ ସଠିକ୍ ଦିଗ ଦେବାକୁ ଚେଷ୍ଟା କରିଥିଲେ । ଏହି ୫ ବର୍ଷରେ ଦେଶରେ ଅନେକ ସଂସ୍କାର ଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତ ।

## ୧୨ ମାମଲାରେ ଇମ୍ରାନ ଖାନଙ୍କୁ ମିଳିଲା ଜାମିନ

ଇସଲାମାବାଦ: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଓ ପୂର୍ବତନ ବୈଦେଶିକ ମନ୍ତ୍ରୀ ଶାହ ମେହମୁଦ କ୍ୟୁରେଶୀଙ୍କୁ ଆଜି ଆତଙ୍କବାଦ ନିରୋଧ କୋର୍ଟ ଜାମିନ ଦେଇଛନ୍ତି । ଗତବର୍ଷ ମେ' ମାସରେ ସେନାର ବିଭିନ୍ନ ପ୍ରତିଷ୍ଠାନ ଉପରେ ଆକ୍ରମଣ ହୋଇଥିଲା । ଏହା ସହ ଜଡ଼ିତ ୧୨ଟି ମାମଲାରେ ଇମ୍ରାନ ଓ କ୍ୟୁରେଶୀଙ୍କୁ ଜାମିନ ମିଳିଛି । ପାକିସ୍ତାନ ନିର୍ବାଚନରେ ଇମ୍ରାନ ଖାନଙ୍କ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ଭଲ ପ୍ରଦର୍ଶନ କରିବା ସହ ଜିତୁଥିବା ବେଳେ ଏପରି ଖବର ସାମ୍ନାକୁ ଆସିଛି । ଜାମିନ ମିଳିଥିଲେ ହେଁ ଇମ୍ରାନ ଖାନ ଏବେ ଜେଲରୁ ବାହାରି ପାରିବେ ନାହ । କାରଣ ଅନ୍ୟ ଦୁଇ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ ।ଗୋଟିଏ ମାମଲାରେ ୧୦ ବର୍ଷ ଓ ଆଉ ଗୋଟିଏ ମାମଲାରେ ତାଙ୍କୁ ୧୪ ବର୍ଷର ଜେଲଦଣ୍ଡ ମିଳିଛି । ମେ' ୯ରେ ପାକିସ୍ତାନରେ ପ୍ରବଳ ହିଂସା ଦେଖିବାକୁ ମିଳିଥିଲା । ଦେଶର ବିଭିନ୍ନ ସ୍ଥାନରେ ପିଟିଆଇ କର୍ମୀମାନେ ଭଙ୍ଗାରୁଜା କରିଥିଲେ । ଏଥିପାଇଁ ଇମ୍ରାନ ଖାନ ଓ ପିଟିଆଇ ଅନେକ ନେତାଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ କରାଯାଇଥିଲା । ଇସଲାବାଦରେ ପ୍ରଥମେ ରେଞ୍ଜର୍ସମାନେ ଇମ୍ରାନ ଖାନଙ୍କୁ ଗିରଫ କରିଥିଲେ । ଏହା ବିରୋଧରେ ପିଟିଆଇ କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ । ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ମାରପିଟ ହୋଇଥିଲା । ଏହି ସମୟରେ ୨୦ଟି ମିଲିଟାରୀ ପ୍ରତିଷ୍ଠାନ ଓ ସରକାରୀ ବଙ୍ଗଳାରେ ବିକ୍ଷୋଭକାରୀମାନେ ପଶି ପୋଡ଼ାଜଳା କରିଥିଲେ । ଏଥିପାଇଁ ସେନା ପକ୍ଷରୁ ପିଟିଆଇର ନେତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ।

# ଇଡି ରାଡାରରେ ସମୀର ୱାଙ୍ଖେଡେ

ମୁମ୍ବାଇ: ପୂର୍ବତନ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ନିର୍ଦ୍ଦେଶକ ସମୀର ୱାଙ୍ଖେଡେଙ୍କ ଅଡୁଆ ବଢ଼ିଛି । ସିବିଆଇ ପରେ ଏବେ ଇଡି ରାଡାରେ ୱାଙ୍ଖେଡେ ରହଛନ୍ତି । ଏନ୍ସିବିର ପୂର୍ବତନ ଜୋନାଲ ନିର୍ଦ୍ଦେଶକ ଓ ଆଇଆର୍‌ଏସ୍ ଅଧିକାରୀ ସମିର ୱାଙ୍ଖେଡେଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନୂଆ ମାମଲା ରୁଜୁ କରିଛି । ସିବିଆଇର ଏଫ୍‌ଆଇଆର୍ ଆଧାରରେ ପିଏମ୍‌ଏଲ୍‌ଏ ଆକ୍ଟ ଅନୁଯାୟୀ ଇଡି ତାଙ୍କ ବିରୋଧରେ ମାମଲା ରୁଜୁ କରିଛି । ୨୦୨୩ ମେ' ମାସରେ ସମୀର ୱାଙ୍ଖେଡେ ଓ ଅନ୍ୟ ୪ ଜଣଙ୍କ ବିରୋଧରେ ଡ୍ରଗ୍ସ ମାମଲାରେ ଅଭିନେତା ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ୍ ଖାନ୍‌ଙ୍କୁ ଫସାଇବା ପାଇଁ ୨୫ କୋଟି ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗରେ ସିବିଆଇ ଏଫ୍‌ଆଇଆର୍ ରୁଜୁ କରିଥିଲା । ପରେ ୧୮ କୋଟି ଟଙ୍କାରେ ଏହି ଡିଲ୍ ପୂରଣ ହୋଇଥିଲା । ପ୍ରଥମ କିସ୍ତି ରୂପେ ୱାଙ୍ଖେଡେ ୫୦ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା । କେବଳ ସେତିକି ନୁହେଁ ୱାଙ୍ଖେଡେଙ୍କ ପାଖରେ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ସିବିଆଇ ଗତବର୍ଷ ୨୯ ସ୍ଥାନରେ ରେଡ୍ ମଧ୍ୟ କରିଥିଲା ।



ଏବେ ଇଡି ସମୀରଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ କରିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର କହିବା ମୁତାବକ, ଇଡି ମୁମ୍ବାଇ ଏନ୍ସିବିର ପୂର୍ବତନ ଜୋନାଲ ଡାଇରେକ୍ଟର ସମୀର ୱାଙ୍ଖେଡେଙ୍କ ବିରୋଧରେ ଟଙ୍କା ହେରଫେର ମାମଲାର ଯାଞ୍ଚ ଆରମ୍ଭ ହୋଇଛି ।ସମୀର ୱାଙ୍ଖେଡେଙ୍କ ସମେତ ଏନ୍ସିବି ସହ ଜଡିତ ଅନ୍ୟ କିଛି ଲୋକଙ୍କୁ ଏହି ମାମଲାରେ ସମନ ଜାରି କରାଯାଇଛି । ଆସନ୍ତା ସପ୍ତାହରେ ପଚରାଉଚରା ପାଇଁ ମୁମ୍ବାଇ ଅଫିସରେ ହାଜର ହେବାକୁ କୁହାଯାଇଛ । ସେପଟେ ସମୀର ୱାଙ୍ଖେଡେ ଅଭିଯୋଗ କରିଛନ୍ତି ଯେ, ସେ ଦେଶଭକ୍ତ ହୋଇଥିବା ଯୋଗୁ ତାଙ୍କୁ ଦଣ୍ଡ ମିଳୁଛି । ଉଲ୍ଲେଖଯୋଗ୍ୟ,୨୦୨୧ରେ ସମୀର ୱାଙ୍ଖେଡେ କର୍ଡିଲିୟା କ୍ରୁଜରେ ଚଢାଉ କରିଥିଲେ । ତଥାକଥିତ ଡ୍ରଗ୍ସ ମାମଲାରେ ଅଭିନେତା ଶାହାରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖାନଙ୍କୁ ଗିରଫ କରିଥିଲେ ।

## କୃଷକଙ୍କ 'ଦିଲ୍ଲୀ ଚଲୋ' ଡାକରା

ନୂଆଦିଲ୍ଲୀ:ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କିଷାନ ମଜଦୁର ମୋର୍ଚ୍ଚା ସମେତ ୨୦୦ରୁ ଅଧିକ କୃଷକ ସଂଗଠନ ଫେବ୍ରୁଆରୀ ୧୩ରେ 'ଦିଲ୍ଲୀ ଚଲୋ' ଡାକରା ଦେଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ନେତୃତ୍ୱାଧୀନ ସରକାର ଫେବ୍ରୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୭ଟି ଜିଲ୍ଲାରେ ମୋବାଇଲ୍ ଇଣ୍ଟରନେଟ୍, ବଲ୍କ ଏସ୍‌ଏମ୍‌ଏସ୍ ଓ ସମସ୍ତ ଡଙ୍ଗଲ ସେବାକୁ ବନ୍ଦ କରି ଦେଇଛନ୍ତ । ଫସଲ ପାଇଁ ଏକ ସର୍ବନିମ୍ନ ସହାୟକ ଦର ସୁନିଶ୍ଚିତ କରିବାକୁ ଏକ ଆଇନର ବ୍ୟବସ୍ଥା କରିବା ସହିତ ଅନ୍ୟାନ୍ୟ ଦାବି ନେଇ କୃଷକମାନେ ଦିଲ୍ଲୀ ଚଲୋ ଡାକରା ଦେଇଥିବା ବେଳେ ହରିୟାଣା ସରକାର ଅମ୍ବାଲା, କୁରୁକ୍ଷେତ୍ର, କୈଥଲ,ଜିନ୍ଦ, ହିସାର, ଫତେହାବାଦ ଓ ସିରସା ଜିଲ୍ଲାରେ ମୋବାଇଲ୍ ଇଣ୍ଟରନେଟ୍, ବଲ୍କ ଏସ୍‌ଏମ୍‌ଏସ୍ ଓ ସମସ୍ତ ଡଙ୍ଗଲ ସେବାକୁ ବନ୍ଦ କରି ଦେଇଛନ୍ତି । ଆସନ୍ତାକାଲି ଅର୍ଥାତ୍ ଫେବ୍ରୁଆରୀ ୧୧ ତାରିଖ ସକାଳ ୬ଟାରୁ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ଓ ଫେବ୍ରୁଆରୀ ୧୩ ତାରିଖ ରାତି ୧୧ଟା ୬୯ ପର୍ଯ୍ୟନ୍ତ ବଳବତ୍ତର ରହିବ ।ଏହା ସହିତ ପଞ୍ଜାବ ଓ ହରିୟାଣା ମଧ୍ୟରେ ଅମ୍ବାଲା, ଜିନ୍ଦ ଓ ଫତେହାବାଦ ସୀମାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି ରାଜ୍ୟ ସରକାର । ହରିୟାଣା ପୁଲିସ ପକ୍ଷରୁ ଅମ୍ବାଲାରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଉ । ଅମ୍ବାଲା ନିକଟସ୍ଥ ଶମ୍ଭୁ ସୀମାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଜିନ୍ଦ୍ ଓ ଫତେହାବାଦ ଜିଲ୍ଲାରେ ଅନୁରୂପ ସୁରକ୍ଷା ବ୍ୟବସ୍ଥା କରାଯାଇଛି ଚଣ୍ଡିଗଡ଼ରୁ ଦିଲ୍ଲୀ ଯାଉଥିବା ଲୋକଙ୍କୁ ବିକଳ୍ପ ରାସ୍ତାରେ ଯିବାକୁ କହିଛି ପୁଲିସ୍ । ଆଇନ ଶୃଙ୍ଖଳା ସ୍ଥିତିକୁ ବଜାୟ ରଖିବାକୁ ରାଜ୍ୟରେ ୫୦ କମ୍ପାନୀ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳକୁ ମୁତୟନ କରାଯାଇଛି । କୃଷକମାନେ ଅମ୍ବାଲା-ଶମ୍ଭୁ ସୀମା, ଖାନାଉରୀ-ଜିନ୍ଦ ଓ ଡବୱାଲୀ ସୀମାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାକୁ ଯୋଜନା କରିଛନ୍ତି ।

## ଚଳନ୍ତା କାର୍ ସହ ପିଟି ହେଲା ବିମାନ, ଜଳିଗଲେ ଯାତ୍ରୀ

ଫ୍ଲୋରିଡା: ଗତ ଶୁକ୍ରବାର ଦିନ ଦକ୍ଷିଣ-ପଶ୍ଚିମ ଫ୍ଲୋରିଡାର ଇଣ୍ଟରଷ୍ଟେଟ୍ ୭୦ ଜାତୀୟ ରାଜପଥରେ ହଠାତ୍ ଏକ ପ୍ରାଇଭେଟ୍ ବିମାନ ଭୟଙ୍କର ଭାବେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନଟି ଜରୁରୀ ଅବତରଣ କରୁଥିବା ବେଳେ ଚଳନ୍ତ କାର୍ ସହ ଧକ୍କା ହୋଇଥିଲା । ଫଳରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ଏଥିରେ ଦୁଇ ଜଣ ଯାତ୍ରୀ ଘଟଣାସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ । ସୂଚନା ମୁତାବକ, ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନଟି ବମ୍ବାର୍ଡିୟର୍ ଚ୍ୟାଲେଞ୍ଜର ୬୦୦ ସିରିଜର ଥିଲା । ଏହା କଲମ୍ବସ, ଓହିଓରୁ ଓହିଓ ଷ୍ଟେଟ୍ ୟୁନିଭର୍ସିଟିରୁ ନେପ୍ଲସ ଯାଉଥିଲା । ବିମାନରେ ପାଇଲଟଙ୍କୁ ମିଶାଇ ୫ ଜଣ ଯାତ୍ରୀ ଥିଲେ । ଦୁର୍ଘଟଣାରେ ୨ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଅଛନ୍ତି । ସେମାନଙ୍କ ଚିକିତ୍ସା ଚାଲିଛି । ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି । ଭାଇରାଲ ଭିଡିଓରେ ବିମାନଟି ହୁ ହୁ ହୋଇ ଜଳୁ ଉଠୁଥିବା ଦେଖିବାକୁ ମିଳିଛି । ଘଟଣା ବିଷୟରେ ନେପଲ୍ସ ବିମାନବନ୍ଦର କହିଛି, 'ବିମାନ ନେପଲ୍ସ ମ୍ୟୁନିସିପାଲିଟି ବିମାନବନ୍ଦରରେ ଅବତରଣ କରିବାର ପ୍ରାୟ ୨ ମିନିଟ୍ ପୂର୍ବରୁ ପାଇଲଟ୍ ରେଡିଓ ମାଧ୍ୟମରେ ଏୟାର ଟ୍ରାଫିକ୍ ନିୟନ୍ତ୍ରଣକୁ ବିପଦ ଥିବା ନେଇ ସୂଚନା ଦେଇଥିଲେ । ବିମାନର ଉଭୟ ଇଞ୍ଜିନ ଖରାପ ଯାଇଛି ବୋଲି ପାଇଲଟ୍ କହିଥିଲେ । ଏହି ସମୟରେ ସେ ଜରୁରୀ ଅବତରଣ ପାଇଁ ଅନୁରୋଧ କରିଥିଲେ । କେବଳ ସେତିକି ନୁହେଁ ବିମାନଟିକୁ ରନ୍‌ୱେ ଯାଏଁ ମଧ୍ୟ ନେଇ ଯାଇପାରିବା କଷ୍ଟକର ବୋଲି ସୂଚନା ଦେଇଥିଲେ ପାଇଲଟ୍‌ଛ ଏହାପରେ ତୁରନ୍ତ ଏୟାର ଟ୍ରାଫିକ୍ ନିୟନ୍ତ୍ରକ ବିମାନଟିକୁ ରାଜପଥରେ ଅବତରଣ କରିବାକୁ ଅନୁମତି ଦେଇଥିଲେ । ତେବେ ବିମାନଟି ନିରାପଦ ଭାବେ ଲ୍ୟାଣ୍ଡିଂ କରିବାକୁ ପାଇଲଟ୍ ଚେଷ୍ଟା କରିଥିଲେ ମଧ୍ୟ ସେ ବିଫଳ ହୋଇଥିଲେ ।ଏହି ଘଟଣା ପରେ ଜାତୀୟ ରାଜପଥ ପୂରା ବ୍ଲକ ହୋଇଯାଇଥିଲା । ଯାତାୟତରେ ବାଧା ଉପୁଯିବା ସହ ଟ୍ରାଫିକ ସମସ୍ୟ ସୃଷ୍ଟି ହୋଇଥିଲା । ଅଗ୍ନିଶମ ବାହିନୀ ସମେତ ପୁଲିସ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲା । ପ୍ରଭାବିତ ଅଞ୍ଚଳରେ ଶୀଘ୍ର ଯାତାୟାତ ଲାଗି ଲେନକୁ ଖୁବଶୀଘ୍ର ଖୋଲିବା ଲାଗି ସେ ଏଫଏଏ ସହିତ ମିଶି କାର୍ଯ୍ୟ କରୁଥିବା କଲିୟର କାଉଣ୍ଟି ସରିଫ୍ କାର୍ଯ୍ୟାଳୟ ସୂଚନା ଦେଇଛି ।

# ଜେଡିୟୁ ଭୋଜିରୁ ବିଧାୟକ ଗାଏବ୍

ପାଟନା: ବିହାରରେ ପୁଣିଥରେ ଆରମ୍ଭ ହୋଇଯାଇଛି ରାଜନୈତିକ ହଲଚଲ । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆସନ୍ତା ୧୨ ତାରିଖରେ ଶକ୍ତି ପରୀକ୍ଷା ଦେବେ । ତେବେ ଏହା ପୂର୍ବରୁ ଉଭୟ ଏନଡିଏ ଏବଂ ଗ୍ରାଣ୍ଡ ଆଲାଇନ୍ସ ନିଜ ନିଜ ବିଧାୟକଙ୍କୁ ଏକଜୁଟ ରଖିବା ପାଇଁ ଉଦ୍ୟମ କରୁଛନ୍ତ । ଏହାରି ଭିତରେ ଜେଡିୟୁ ପକ୍ଷରୁ କରାଯାଇଥିବା ଏକ ଭୋଜିରୁ ବିଧାୟକମାନେ ଗାଏବ ଥିବା ସୂଚନା ମିଳିଛି । ଫ୍ଲୋର ଟେଷ୍ଟର ଦିନକ ପୂର୍ବରୁ ପୂର୍ବତନ ମନ୍ତ୍ରୀ ଶ୍ରବଣ କୁମାରଙ୍କ ବାସଭବନରେ ଜେଡିୟୁ ଦ୍ୱାରା ଏକ ଭୋଜିର ଆୟୋଜନ କରାଯାଇଥିଲା, ଯେଉଁଥିରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଜେଡିୟୁ ବିଧାୟକମାନେ ଉପସ୍ଥିତ ଥିଲେ । ତେବେ ସମସ୍ତ ବିଧାୟକ ଏହି ଭୋଜିରେ ଉପସ୍ଥିତ ନଥିଲେ ।



ଜେଡିୟୁର ୬ ଜଣ ଜେଡିୟୁ ବିଧାୟକ ଏହି ଭୋଜିକୁ ଆସିନଥିଲେ । ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଯାଇଛି । ଜେଡିୟୁକୁ ଘୋଡା ବେପାର ଭୟ ଘାରିବାରେ ଲାଗିଛି ।

ସେପଟେ ୬ ଜଣ ବିଧାୟକଙ୍କୁ ଭୋଜିରେ ଉପସ୍ଥିତ ନଥିବା ଦେଖି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଗି ଯାଇଛନ୍ତି । କୁହାଯାଉଛି ଯେ କିଛି ବିଧାୟକ ଅସୁସ୍ଥ ହୋଇପଡିଥିବା ବେଳେ ଆଉ କିଛି ବ୍ୟକ୍ତିଗତ କାରଣରୁ ଭୋଜିରେ ସାମିଲ ହୋଇପାରି ନାହାଁନ୍ତି ।

ଅନ୍ୟପକ୍ଷରେ, ବିଧାୟକମାନଙ୍କୁ ଏକଜୁଟ ରଖିବା ପାଇଁ ଆରଜେଡି ମଧ୍ୟ ଅପରାହ୍ନ ୩ଟାରେ ରାବ୍ରି ଦେବୀଙ୍କ ବାସଭବନରେ ନିଜର ବିଧାୟକଙ୍କୁ ଡାକିଥିଲା । ସେପଟେ କଂଗ୍ରେସ ଘୋଡା ବେପାର ଭୟରେ ପୂବରୁ ନିଜ ବିଧାୟକମାନଙ୍କୁ ହାଇଦ୍ରାବାଦ ପଠାଇ ସାରିଛି । ଜେଡିୟୁ ସଭାପତି ଉମେଶ ସିଂହ କୁଶୱା କହିଛନ୍ତି ଯେ ଫେବ୍ରୁଆରୀ ୧୨ରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଶକ୍ତି ପରୀକ୍ଷା ହେବ । ବିରୋଧୀଙ୍କୁ ବୁଝିବାକୁ ହେବ ଯେ ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ସରକାର ଗଠନ ହୋଇସରିଛି । ସେମାନେ ଆମର ନେତା ଏବଂ ଆମ ଦଳ ସହ ସିଧାସଳଖ ଲଢେଇ କରିପାରିବେ ନାହିଁ । ଆମେ ସମସ୍ତେ ଏନଡିଏ ସହିତ ଅଛୁ । ଉଲ୍ଲେଖଯୋଗ୍ୟ, ଜାନୁଆରୀ ୨୮ ତାରିଖରେ ନୀତୀଶ କୁମାର ଆରଜେଡି ଠାରୁ ଅଲଗା ହୋଇ ଏନ୍‌ଡିଏ ସହ ମିଶି ବିହାରରେ ସରକାର ଗଠନ କରିଛନ୍ତ । ବିହାରରେ ବିଜେପି ସହିତ ନୂତନ ସରକାର ଗଠନ କରିବା ପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଫେବ୍ରୁଆରୀ ୧୨ରେ ଫ୍ଲୋର ଟେଷ୍ଟରେ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାକୁ ପଡିବ । ବର୍ତ୍ତମାନ ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ବିଜେପିର ୭୮ ବିଧାୟକ ଅଛନ୍ତି । ଏନ୍‌ଡିଏ ସହ ମେଣ୍ଟ କରିଥିବା ନୀତୀଶ କୁମାରଙ୍କ ଜେଡିୟୁ ପାଖରେ ୪୫, ହିନ୍ଦୁସ୍ତାନ ଆୱାମ ମୋର୍ଚ୍ଚା ପାଖରେ ୪ ଓ ଜଣେ ସ୍ୱାଧୀନ ବିଧାୟକ ଅଛନ୍ତିଛ ସଂଖ୍ୟାଗରିଷ୍ଠତା ପାଇଁ ୧୨୨ ଜଣ ବିଧାୟକଙ୍କ ସମର୍ଥନ ଲୋଡା । ଏଭଳି ସ୍ଥିତିରେ ୧୨୮ ବିଧାୟକଙ୍କ ସମର୍ଥନ ସହ ନୀତୀଶ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାରେ କୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ ନାହିଁ ବୋଲି କୁହାଯାଉଛି ।

# ମୋଦିଙ୍କ ଯୋଗୁ ସମ୍ଭବ ହେଲା ରାମ ମନ୍ଦିର : ଶାହ

ନୂଆଦିଲ୍ଲୀ : ଜାନୁଆରୀ ୨୨ ଥିଲା ସାରା ଦେଶ ପାଇଁ ଏକ ଐତିହାସିକ ଦିନ । ୧୦ ହଜାର ବର୍ଷ ଯାଏଁ ଏହି ଦିନଟି ଇତିହାସରେ ସ୍ୱର୍ଣ୍ଣ ଅକ୍ଷରେ ଲିପିବଦ୍ଧ ରହିବ । ଏହି ଦିନ ଏକ ଲମ୍ବା ସଂଘର୍ଷର ବିଜୟ ହୋଇଛ । ଏହି ଦିନ ହିଁ ସମସ୍ତ ରାମ ଭକ୍ତଙ୍କ ଆଶା ଓ ଆକାଂକ୍ଷା ପୂରଣ ହୋଇଥିଲା । ଯେଉଁମାନେ ରାମ ବିନା ଭାରତକୁ କଳ୍ପନା କରନ୍ତି ସେମାନେ ଭାରତ କ'ଣ ଜାଣନ୍ତି ନାହିଁ । ରାମ ମନ୍ଦିର ଐତିହାସିକ ନିର୍ମାଣ ଏବଂ ରାମଲଲାର ପ୍ରାଣ ପ୍ରତିଷ୍ଠା ଉପରେ ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ ଆଗତ ବେଳେ ଏଭଳି କିଛି କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ । ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିନା ନେତୃତ୍ୱ ରାମ ମନ୍ଦିର ନିର୍ମାଣ ସମ୍ଭବ ନଥିଲା । ୧୫୨୮ରୁ ଆରମ୍ଭ ହୋଇଥିବା ଏକ ଆନ୍ଦୋଳନ ଶେଷରେ ୨୦୨୪ ଜାନୁଆରୀ ୨୨ ତାରିଖରେ ସମାପ୍ତ ହୋଇଛି । ୧୫୨୮ ପରଠାରୁ ପ୍ରତ୍ୟେକ ପିଢ଼ି ଏହି ଆନ୍ଦୋଳନର ପ୍ରତ୍ୟେକ ରୂପ ଦେଖିଛନ୍ତି । ଏହି ପ୍ରୟାସ ଦୀର୍ଘଦିନ ଧରି ଅଟକି ରହିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଏହି ସ୍ୱପ୍ନ ପୂରଣ ହୋଇଛି । ଆମେ କେବଳ ପ୍ରତିଶ୍ରୁତି ଦେଉଥିବା ବିରୋଧୀ ଅଭିଯୋଗ କରୁଛନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ ଯାହା କୁହନ୍ତି, ତାହା କାମରେ କରି ଦେଖାନ୍ତ । ଆଜି ଦେଶ ତା'ର ପ୍ରମାଣ ପାଇଛି । ରାମ କୌଣସି ବ୍ୟକ୍ତି ନୁହନ୍ତି ସେ କୋଟି କୋଟି ଲୋକଙ୍କ ଆଦର୍ଶ । ରାମ ରାଜ୍ୟ କୌଣସି ଗୋଟିଏ ଧର୍ମର ନୁହେଁ । ରାମଙ୍କ ରାଜ୍ୟ କିପରି ହେବା ଉଚିତ ତାହା ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ ପାଲଟିଛି । ରାମ ଦେଶର ପ୍ରତ୍ୟେକ କୋଣ ଅନୁକୋଣରେ ଅଛନ୍ତ । ରାମ କେବଳ ଆମର ନୁହେଁ, ରାମ ଆମ ସମସ୍ତଙ୍କର ଅଟନ୍ତି ବୋଲି କହିଛନ୍ତି ଶାହ ।



ରାମ ଲଲାଙ୍କ ପ୍ରାଣ ପ୍ରତିଷ୍ଠା ଦିନ ପ୍ରଧାନମନ୍ତ୍ରୀ ୧୧ ଦିନ ଉପବାସ ରଖିଥିଲେ । ସାଧୁ ସନ୍ଥଙ୍କ ପରାମର୍ଶରେ ସେ ଏହି ଉପବାସ କରିଥିଲେ, ଯାହା ସମଗ୍ର ବିଶ୍ୱ ପାଇଁ ଉଦାହରଣ । ଏହି ୧୧ ଦିନରେ ପ୍ରଧାନମନ୍ତ୍ରୀ ମୋଦି ଦେଶର ବିଭିନ୍ନ ମନ୍ଦିର ପରିଦର୍ଶନ କରିଥିଲେ । ଯେତେବେଳେ ସମର୍ପଣର ସମୟ ଆସିଲା, ପ୍ରଧାନମନ୍ତ୍ରୀ ମୋଦି କୌଣସି ରାଜନୈତିକ ସ୍ଲୋଗାନ ଦେଇନ ଥିଲେ । ବରଂ ରାମ ଭଜନ ମାଧ୍ୟମରେ ଦେଶରେ ଏକ ଭକ୍ତି ଆନ୍ଦୋଳନ ସୃଷ୍ଟି କରିଥିଲେ ବୋଲି ଲୋକସଭାରେ ଶାହ କହିଛନ୍ତି ।

## ତେଜସ୍ୱୀଙ୍କ ଘରେ ରହିବେ ଆରଜେଡ଼ି ବିଧାୟକ

ପଟନା : ବିହାରରେ ଏନଡିଏ ସରକାରର ଆସ୍ଥା ଭୋଟ ଫେବ୍ରୁଆରି ୧୨ରେ ହେବାକୁ ଯାଉଛି । ଏହା ପୂର୍ବରୁ ରାଜଧାନୀ ପାଟନାରେ ଉଷ୍ମତା ତୀବ୍ର ହୋଇଛି । ଅନ୍ୟପକ୍ଷରେ ଆରଜେଡି ଓ ବାମପନ୍ଥୀ ବିଧାୟକମାନେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ବାସଭବନକୁ ଯାଉଥିବା ଦେଖିବାକୁ ମିଳିଛ । ଏହି ସମସ୍ତ ବିଧାୟକ ଆସନ୍ତା ଦୁଇ ଦିନ ଏଠାରେ ରହିବେ ଏବଂ ସେମାନଙ୍କ ରହଣି ପାଇଁ ମଧ୍ୟ ବ୍ୟବସ୍ଥା କରାଯାଉଛି ବୋଲି କୁହାଯାଉଛି । ତେଜସ୍ୱୀଙ୍କ ବାସଭବନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଗଣମାଧ୍ୟମ କର୍ମୀଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି । ସମସ୍ତ ବିଧାୟକମାନଙ୍କୁ ବାହାରକୁ ଯିବାକୁ ଅନୁମତି ଦିଆଯାଉନାହିଁ । ପୁରୁଷ ବିଧାୟକ ଓ ମହିଳା ବିଧାୟକଙ୍କ ପାଇଁ ଅଲଗା ଅଲଗା ରହିବାର ବ୍ୟବସ୍ଥା କରାଯାଇଛି । ତେଜସ୍ୱୀ ଯାଦବଙ୍କ ବାସଭବନରେ ଖାଇବା ପିଇବା ଠାରୁ ଆରମ୍ଭ କରି ସମସ୍ତ ବ୍ୟବସ୍ଥା କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଆରଜେଡି ବିଧାୟକ ଦଳ ବୈଠକ ପରେ ତେଜସ୍ୱୀ ଯାଦବ ସମସ୍ତ ବିଧାୟକ ଏବଂ ତାଙ୍କ ଦଳର ବିଧାନ ପରିଷଦର ସମସ୍ତ ସଦସ୍ୟଙ୍କୁ ଘରୁ ପୋଷାକ ଆଣିବାକୁ କହିଛନ୍ତି । ସୋମବାର ସକାଳ ପର୍ଯ୍ୟନ୍ତ ଆରଜେଡିର ସମସ୍ତ ବିଧାୟକ ଏବଂ ବିଧାନ ପରିଷଦର ସମସ୍ତ ସଦସ୍ୟ ତେଜସ୍ୱୀ ଯାଦବଙ୍କ ସହ ୫ ଦେଶ ରତ୍ନ ମାର୍ଗରେ ଥିବା ବାସଭବନରେ ରହିବେ ବୋଲି ସୂଚନା ମିଳିଛି ।



# ଏଫଆଇଏଚ୍ ପ୍ରୋ ଲିଗ୍ ହକି : ସ୍ପେନକୁ ଧରାଶାୟୀ କଲା ଭାରତ

ଭୁବନେଶ୍ୱର,୧୦।୨(ସବ୍ୟୁ): କଳିଙ୍ଗରେ ଏଫଆଇଏଚ୍ ପ୍ରୋ ଲିଗ୍ ହକି(ପୁରୁଷ)ଭୁବନେଶ୍ୱର ଲେଗ୍ ବିଗୁଲ ବାଜିଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଆୟୋଜକ ଭାରତ ୪-୧ଗୋଲରେ ସ୍ପେନକୁ ହରାଇ ଜମାଣିଆ ଅଭିଯାନ ଆରମ୍ଭ କରିଥିବା ବେଳେ ନେଦରଲାଣ୍ଡସ୍ ୫-୧ ଗୋଲରେ ଆୟରଲାଣ୍ଡକୁ ହରାଇଛି ।



ଅଧିନାୟକ ହରମନପ୍ରୀତ ସିଂ ଓ ଲଳିତ କୁମାର ଉପାଧ୍ୟାୟ ଗୋଲ ସ୍କୋର କରି ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ମ୍ୟାଚର ୭ମ ମିନିଟରେ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ସ୍କୋରର ସୁଯୋଗ ହାସଲ କରିଥିଲା ଭାରତ । ଅଧିନାୟକ ହରମନପ୍ରୀତ ସିଂ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାରୁ ଭାରତ ପ୍ରଥମ କ୍ୱାର୍ଟରରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପୁଣି ୨୦ତମ ମିନିଟରେ ଭାରତ ପେନାଲ୍ଟି ଷ୍ଟ୍ରୋକ୍ ପାଇଥିଲା। ଏହାକୁ ଗୋଲରେ ପରିଣତ କରିଥିଲେ ହରମନପ୍ରୀତ । ୨୪ତମ ମିନିଟରେ ଯୁଗରାଗ ଗୋଲ କରିବାରୁ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ୍ ୩-୦ଅଗ୍ରଣୀ ରହିଥିଲା। ୩୪ତମ ମିନିଟରେ ସ୍ପେନର ମାର୍କ ମିରାଲେସ୍ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। କିନ୍ତୁ ୫୦ତମ ମିନିଟରେ ଲଳିତ ଉପାଧ୍ୟାୟ ଫିଲ୍ଡ ଗୋଲ ଦେବାରୁ ଭାରତ ୪-୧ ଗୋଲ ବ୍ୟବଧାନରେ ବାଜିମାତ କରିଥିଲା। ରବିବାର ଭାରତ ଓ ନେଦରଲାଣ୍ଡସ୍ ମଧ୍ୟରେ ମୁକାବିଲା ହେବ ।

ପ୍ରଥମ ମ୍ୟାଚରେ ନେଦରଲାଣ୍ଡସ ଦଳ ୫-୧ ଗୋଲରେ ଆୟରଲାଣ୍ଡକୁ ହରାଇଥିଲା । ଏହି ମ୍ୟାଚରେ ୧୨ତମ ମିନିଟରେ ତେଜିପ୍ ହୋଏଡମାର୍କର, ୨୧ତମ ମିନିଟରେ ଜୋରିଟ୍ କ୍ରୋନ୍, ୩୫ତମ ମିନିଟରେ ଜିପ୍ ଜନସେନ୍, ୫୨ତମ ମିନିଟରେ ଜିପ୍ ଜନସେନ୍ ଓ ୫୩ତମ ମିନିଟରେ ଭାନ୍ ହେଇଜନିନ୍‌ଜେନ୍ ଷ୍ଟେଇଜିନ୍ ଗୋଲ କରିଥିବା ବେଳେ ଆୟରଲାଣ୍ଡ ପକ୍ଷରୁ ୩୬ତମ ମିନିଟରେ ଲି କୋଇ ଏକମାତ୍ର ଗୋଲ ପରିଶୋଧ କରିଥିଲେ।

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୨(ସବ୍ୟୁ): କଳିଙ୍ଗ ଷ୍ଟାଡିୟମରେ ଏଫଆଇଏଚ୍ ପ୍ରୋ ଲିଗର ପୁରୁଷ ବର୍ଗ ମ୍ୟାଚ୍ ବିଗୁଲ ବାଜିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତ-ସ୍ପେନ୍ ମ୍ୟାଚ୍ ସମୟରେ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଷ୍ଟାଡିୟମରେ ଦେଖି ଦର୍ଶକ ବି ଉତ୍ସାହିତ ହୋଇପଡିଥିଲେ।




କଳିଙ୍ଗକୁ ପୁଣି ଅନ୍ତର୍ଜାତୀୟ ହକି ଫେରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଥିଲେ। ପୁଣି ଥରେ ହକି ଖେଳ ଓ ଖେଳାଳିଙ୍କୁ କଳିଙ୍ଗରେ ସ୍ୱାଗତ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ୨୦୨୩ ହକି ବିଶ୍ୱକପ୍‌ର ବିପୁଳ ସଫଳତା ପରେ ହକି ସଫଳତାର ଶିଖର ଛୁଇଁଛି । ତେଣୁ ଏଫଆଇଏଚ୍ ପ୍ରୋ ଲିଗରେ ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ।

କଳିଙ୍ଗରେ ଏଫଆଇଏଚ୍ ପ୍ରୋ ଲିଗ୍ ଭୁବନେଶ୍ୱର ଲେଗ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଏଠାରେ ଘରୋଇ ଭାରତୀୟ ଦଳ ନେଦରଲାଣ୍ଡସ୍, ସ୍ପେନ୍, ଅଷ୍ଟ୍ରେଲିଆ ଓ ଆୟରଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳିବ । ପୁଣି ଏହି ୫ଟି ଯାକ ଦଳ ରାଉରକେଲା ଗସ୍ତ କରି ୧୯ରୁ ୨୫ ତାରିଖ ମଧ୍ୟରେ ପରସ୍ପରକୁ ଭେଟିବେ ।

## ରଘୁନାଥ ପ୍ରିମିୟର କ୍ରିକେଟ
# ଅନଟେଡ୍ ୱାରିୟର ବିଜେତା

ଖୋର୍ଦ୍ଧା,୧୦।୨(ସବ୍ୟୁ):ସ୍ଥାନୀୟ ମହାବୀର ଖେଳ ପଡିଆ ଅଚ୍ୟୁତପୁରରେ ଅନୁଷ୍ଠିତ ରଘୁନାଥ ପ୍ରିମିୟର ଲିଗ କ୍ରିକେଟରେ ଅନଟେଡ୍ ୱାରିୟର୍ସ ଚାମ୍ପିଅନ ହୋଇଛି । ଫାଇନାଲ ମ୍ୟାଚ ଅନଟେଡ୍ ୱାରୀୟର୍ସ ଓ ଡ଼ାଇନାମେଟିକ ୱାରୀୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିତି ଅନଟେଡ୍ ୱାରୀୟର୍ସ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୦୯ ୱିକେଟ ହରାଇ ୧୧୬ରନ ସଂଗ୍ରହ କରିଥିଲା । ଜବାବରେ ଡ଼ାଇନାମେଟିକ ଦଳ ୧୦ଓଭରରେ ୭ୱିକେଟ ହରାଇ ୮୮ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା । ଚଳିତବର୍ଷର ବିଜେତା ଅନଟେଡ୍ ୱାରୀୟର୍ସ ହୋଇପାରିଛି । କାମଦେବ ପ୍ରଧାନ ଓ ଅଜୟ ଜେନା ଖେଳ ପରିଚାଳନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଖେଳ ଦ୍ୱାରା ଭାଇଚାରା ଭାବ ସୃଷ୍ଟି ହେବା ସହ ଶରୀର ସୁସ୍ଥ ରହିଥାଏ ବୋଲି ମତ ବ୍ୟକ୍ତ କରିବାସହ ଖେଳ, ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ବିଶିଷ୍ଟ ଅତିଥିଭାବେ ଯୋଗ ଦେଇଥିଲେ ଅମୀୟ ସିଂ, ମହାଦେବ ମହାପାତ୍ର, ମାନସ ପେଣ୍ଟେଇ, ଦେବଜ୍ୟୋତି ନାୟକ, ସଚିନ ଜଗଦେବ ଏବଂ ଅଭିନାଶ ସ୍ୱାଇଁ । ଉଭୟ ବିଜେତା ଓ ଉପବିଜେତା ଦଳକୁ ଅନୁଷ୍ଠାନ ପକ୍ଷରୁ ଟ୍ରଫିସହ ନଗଦ ଅର୍ଥ ରାଶି ପ୍ରଦାନ କରା ଯାଇଥିଲା ।



## ବରିଷ୍ଠ ୪୦ ବର୍ଗରେ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କରଞ୍ଜିଆ,୧୦୨ (ସବ୍ୟୁ) : ସ୍ଥାନୀୟଷ୍ଟାଡିୟମ ଠାରେ ମର୍ଣିଙ୍ଗ ଷ୍ଟାର ଓ ସ୍ପୋଟିଓ କ୍ଲବ ଆନୁକୁଲ୍ୟରେ ବୁଧବାର ଠାରୁ ବରିଷ୍ଠ ୪୦ ବର୍ଷରୁ ଉର୍ଦ୍ଧ୍ ବର୍ଗର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି।ଏହାର ଉଦଘାଟନୀ ଉତ୍ସବର ନିମନ୍ତ୍ରିତ ଅତିଥି ଭାବେ ପାଞ୍ଚପୀଢ଼ ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର,କରଞ୍ଜିଆ ଥାନା ଭାରପ୍ରାପ୍ତ ପୋଲିସ ଅଧିକାରୀ ନିରଜ ମଲ୍ଲିକ ଓ ପୂର୍ତନ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ସୁଚନ୍ଦ୍ର ମହାଳିକ ଉପସ୍ଥିତ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ପ୍ରଥମ ଖେଳ ସ୍ପୋଟିଓ କ୍ଲବ ଓ ଏମକେକେଆର ମଣ୍ଡୁଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।ଛମଣ୍ଡୁଆ ଦଳ ଟସ୍ ଜିଣି ସ୍ପୋଟିଓ ଦଳକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା।ସ୍ପୋଟିଓ ଦଳ ବ୍ୟାଟିଂ କରି ୫ ୱିକେଟ ବିନିମୟରେ ୭୨ ରନ୍ କରିଥିଲା।ପ୍ରତି ଉତ୍ତରରେ ମଣ୍ଡୁଆ ଦଳ ୩ ୱିକେଟ ବିନିମୟରେ ୭୩ ରନ୍ କରି ୭ ୱିକେଟ ରେ ବିଜୟୀ ହୋଇଥିଲା। ସେହିପରି ଗୁରୁବାର ଦିନ ଖେଳ ମର୍ଣିଙ୍ଗ ଷ୍ଟାର ଓ ସୋନୀ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମର୍ଣିଙ୍ଗ ଷ୍ଟାର ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନେଇ ୱିକେଟ ବିନିମୟରେ ରନ୍ କରିଥିବା ବେଳେ ସୋନୀ ଇଲେଭେନ ଦଳ ରନ୍ କରି ବିଜୟୀ ହୋଇଥିଲା

## ଖୋର୍ଦ୍ଧା ରୋଡ଼ ରେଲୱେ ସ୍କୁଲ୍‌ର ବାର୍ଷିକ କ୍ରୀଡା




ଜଟଣୀ,୧୦।୨(ସବ୍ୟୁ): ପୂର୍ବତଟ ରେଳ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ଼ର ବାର୍ଷିକ କ୍ରୀଡା ଆୟୋଜିତ ହେଇଯାଇଛି । ତିନି ଦିନ ଧରି ରେଳ ବିଦ୍ୟାଳୟର ପ୍ରାଥମିକ ଏବଂ ମାଧ୍ୟମିକ ବିଭାଗର ପିଲାମାନଙ୍କ ପାଇଁ ବିଭିନ୍ନ କ୍ରୀଡା ଆୟୋଜନ କରାଯାଇଥିଲା ।

କ୍ରୀଡା ସମ୍ମିଳନୀର ଉଦଯାପନୀ ସମାରୋହରେ ଅଂଶଗ୍ରହଣ କରି, ଆର୍‌ଏନଏ ପରିଡ଼ା, ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ସମସ୍ତ ଶିଶୁମାନଙ୍କୁ ସେମାନଙ୍କର ସୁସ୍ଥ ଅଂଶଗ୍ରହଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି । କ୍ରୀଡା ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ମଧ୍ୟରେ ଦଳୀୟ ମନୋଭାବ ସୃଷ୍ଟି କରିବା ଏବଂ ସେମାନଙ୍କୁ ଜୀବନରେ ନୂତନ ଆହ୍ୱାନର ସମ୍ମୁଖୀନ ହେବାକୁ ସକ୍ଷମ କରିବା ବୋଲି ସେ କହିଛନ୍ତି । ଆର୍‌ଏନଏ ପରିଡ଼ା, ସମସ୍ତ ବିଜେତାଙ୍କୁ ପୁରସ୍କାର ବିତରଣ କରିଛନ୍ତି ।

ବିଭିନ୍ନ ବୟସ ବର୍ଗର ପିଲାମାନଙ୍କ ପାଇଁ ଆୟୋଜିତ ବିଭିନ୍ନ କ୍ରୀଡ଼ାରେ ମୋଟ ୪୭୫ ଜଣ ପିଲା ଅଂଶଗ୍ରହଣ କରିଥିଲେ । ୧୦ ଜଣ ଛାତ୍ର ବିଭିନ୍ନ ଖେଳରେ ଚାମ୍ପିଅନ୍ ଘୋଷିତ ହୋଇଥିଲେ ଏବଂ ବ୍ଲୁ ହାଉସ, ଚାମ୍ପିଅନ୍ ହୋଇଥିଲେ ।

ପୂର୍ବ ତଟ ରେଳ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମିସ୍ ସବିତା କୁମାରୀ, କ୍ରୀଡ଼ା ସଚିବ ଏସ୍.ସି ବେହେରା ଏବଂ ଶାରୀରିକ ଶିକ୍ଷା ଶିକ୍ଷକ (ପିଇଟି) ଅମ୍ଳାନ ଜ୍ୟୋତି ମହାନ୍ତିଙ୍କ ନେତୃତ୍ୱରେ କ୍ରୀଡ଼ା ସମ୍ମିଳନୀ ଆୟୋଜିତ ହୋଇଥିଲା।

# ଶେଷ ୩ ଟେଷ୍ଟ ବି ଖେଳିବେନି ବିରାଟ

ନୂଆଦିଲ୍ଲୀ,୧୦।୨(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଶେଷ ୩ ଟେଷ୍ଟ ମ୍ୟାଚ୍ ପାଇଁ ଭାରତୀୟ ଦଳ ଘୋଷଣା କରିଛି ବିସିସିଆଇ । ୧୭ ଜଣିଆ ଦଳରେ ବିରାଟ କୋହଲି ନାହାଁନ୍ତି । ଏହାର ଅର୍ଥ ପ୍ରଥମ ୨ ଟେଷ୍ଟ ଭଳି ଶେଷ ୩ ଟେଷ୍ଟରେ ମଧ୍ୟରେ ଖେଳିବେ ନାହିଁ ବିରାଟ ।

ଇଂଲଣ୍ଡ ଟେଷ୍ଟ ପୂର୍ବରୁ ବ୍ୟକ୍ତିଗତ କାରଣ ପାଇଁ ବିରାଟ ଛୁଟି ନେଇଥିଲେ । ପ୍ରଥମ ୨ ଟେଷ୍ଟରେ ସେ ଉପଲବ୍ଧ ହେବେ ନାହିଁ ବୋଲି କହିଥିଲେ । ଏବେ ଏହି ଅନୁପସ୍ଥିତ ଅବଧି ବୃଦ୍ଧ ପାଇଛି । ବିରାଟ ନିଜ ଆଡୁ ହିଁ ବ୍ୟକ୍ତିଗତ କାରଣ ପାଇଁ ବାକି ୩ ଟେଷ୍ଟ ମଧ୍ୟ ଖେଳିବେ ନାହିଁ ବୋଲି କହିଥିଲେ । ବିସିସିଆଇ ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇଛି ।




ସେହିପରି ଆହତ ସମସ୍ୟା ଯୋଗୁ ଶ୍ରେୟସ ଆୟର ମଧ୍ୟ ଇଂଲଣ୍ଡ ବିପକ୍ଷ ସିରିଜରୁ ବାଦ ପଡ଼ିଛନ୍ତି । କେଏଲ ରାହୁଲ ଓ ରବୀନ୍ଦ୍ର ଜାଡେଜା ଆହତ କାରଣରୁ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଖେଳି ନଥିଲେ । ୧୭ ଜଣିଆ ଦଳରେ ଉଭୟଙ୍କ ନାଁ ରହିଛି । କିନ୍ତୁ ଉଭୟ ମ୍ୟାଚ୍ ଖେଳିବେ କି ନାହିଁ, ତାହା ସେମାନଙ୍କର ଫିଟନେସ ଉପରେ ନିର୍ଭର କରିବ ।

ପ୍ରଥମ ଦୁଇ ଟେଷ୍ଟ ମ୍ୟାଚ ପାଇଁ ଘୋଷଣା ହୋଇଥିବା ଦଳରେ ଆଭେଶ ଖାନ ରହିଥିଲେ । କିନ୍ତୁ ବାକି ୩ ଟେଷ୍ଟରୁ ତାଙ୍କୁ ବାଦ ଦିଆଯାଇଛି । ତାଙ୍କ ବଦଳରେ ଦ୍ୱିତୀୟ ଟେଷ୍ଟ ବେଳେ ଦଳରୁ ରିଲିଜ ହୋଇଥିବା ମହମ୍ମଦ ସିରାଜ ଫେରିଛନ୍ତି ।

ଯୁବ ସ୍ପିନର ସୌରଭ କୁମାରଙ୍କୁ ମ୍ୟାଚ୍ ଖେଳିବାକୁ ସୁଯୋଗ ମିଳି ନଥିଲା । ଏବେ ସେ ବାକି ୩ ଟେଷ୍ଟରୁ ମଧ୍ୟ ବାଦ ପଡ଼ିଛନ୍ତି । ତାଙ୍କ ବଦଳରେ ଦ୍ରୁତ ବୋଲର ଆକାଶ ଦୀପଙ୍କୁ ସାମିଲ କରାଯାଇଛି ।

ସର୍ଫରାଜ ଖାନ, ରଜତ ପଟିଦାର ଓ ୱାଶିଂଟନ ସୁନ୍ଦର ନିଜ ନିଜର ସ୍ଥାନ ବଜାୟୀ ରଖିଛନ୍ତି । ବିରାଟ ଓ ଶ୍ରେୟସ ନଥିବାରୁ ସର୍ଫରାଜ ୧୫ ତାରିଖରୁ ଆରମ୍ଭ ହେଉଥିବା ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ଭାରତ ପାଇଁ ଡେବ୍ୟୁ କରିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ବିଶାଖାପଟନମ ଟେଷ୍ଟରେ ଦମଦାର ବୋଲିଂ କରି ଭାରତକୁ ବିଜୟୀ କରିଥିବା ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ମିଳିନାହିଁ । ସେ ବାକି ୩ ଟେଷ୍ଟ ପାଇଁ ଘୋଷଣା ହୋଇଥିବା ଦଳରେ ରହିଛନ୍ତି ।

ଭାରତୀୟ ଦଳ : ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ଶୁଭମନ ଗିଲ, କେଏଲ ରାହୁଲ, କେଏସ ଭରତ(ୱିକେଟ କିପର),ଧ୍ରୁବ ଜୁରେଲ (ୱିକେଟ), ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ମୁକେଶ କୁମାର, ଯଶପ୍ରୀତ ବୁମରା (ଉପ ଅଧିନାୟକ), ରଜତ ପଟିଦାର, ସର୍ଫରାଜ ଖାନ, ୱାଶିଂଟନ ସୁନ୍ଦର ଓ ଆକାଶ ଦୀପ ।

# ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡା : କିଟ୍‌ର ବାଜିମାତ୍

ଭୁବନେଶ୍ୱର,୧୦।୨(ସବ୍ୟୁ): ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡାରେ କିଟ୍‌ର ଜମାଣିଆ ପ୍ରଦର୍ଶନ ଦେଖିବାକୁ ମିଳିଛି। କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କିଟ୍ ପ୍ରତିଯୋଗୀ ୭ଟି ଚାମ୍ପିଅନ ଓ ଗୋଟିଏରେ ରନର୍ସଅପ ହୋଇଛନ୍ତି । ଭଲିବଲ, ଖୋଖୋ, ବାସ୍କେଟବଲ,



କବାଡି, ହକି, କ୍ରିକେଟ୍, ଫୁଟବଲ ତଥା ଇନଡୋର କ୍ରୀଡା ବ୍ୟାଡମିଣ୍ଟନ, ଟେବୁଲ ଟେନିସ୍, ଚେସ୍, କ୍ୟାରମ୍ ଓ ୱାର୍ଡ ଗେମ୍ସ ଖେଳାଯାଉଛି। ୬ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆଗାମୀ ୧୩ ତାରିଖରେ ଶେଷ ହେବ । ଏହି ପ୍ରତିଯୋଗିତାରେ ୩୭ଟି ବିଶ୍ୱବିଦ୍ୟାଳୟ (ଉଭୟ ସରକାରୀ ଓ ବେସରକାରୀ)ଅଂଶଗ୍ରହଣ କରିଛନ୍ତି ।

ବର୍ତ୍ତମାନ ସୁଦ୍ଧା କିଟ୍ ଚେସ୍ ପୁରୁଷ ଖେଳାଳି ଫକିରା ମାଝି, ମହିଳାରେ ପ୍ରତ୍ୟାଶା ପ୍ରିୟଦର୍ଶନୀ ଚାମ୍ପିଅନ ହୋଇଛନ୍ତି । ବ୍ୟାଡମିଣ୍ଟନର ପୁରୁଷ ସିଙ୍ଗଲ୍ସରେ ଅରଭ ଦାସ ଉପବିଜେତା ହୋଇଥିବା ବେଳେ ମହିଳା ସିଙ୍ଗଲ୍ସରେ ଶ୍ରୁତି ସ୍ୱାଇଁ, ଡବଲ୍ସରେ ଅନୁଜା ଦାସମହାପାତ୍ର ଓ ହର୍ସିତା ରାଉତ ଚାମ୍ପିଅନ ହୋଇଛନ୍ତି । ଖୋଖୋ ପୁରୁଷରେ କିଟ୍ ଚାମ୍ପିଅନ ହୋଇଥିବା ବେଳେ ରେଭେନ୍ସା ରନର୍ସଅପ ହୋଇଛି। ଭଲିବଲ ପୁରୁଷରେ କିଟ୍ ବିଜେତା ତଥା ଉତ୍କଳ ଉପବିଜେତା ହୋଇଛି । ମହିଳାରେ କିଟ୍ ଚାମ୍ପିଅନ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଉପବିଜେତା ହୋଇଛି।






# ରଣଜୀ ଟ୍ରଫି : ପୁଣି ଡ୍ରିମ୍ସରେ ଓଡ଼ିଶା ଘାଇଲା

ଭୁବନେଶ୍ୱର,୧୦।୨(ସବ୍ୟୁ): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ପ୍ରତିଯୋଗିତା ରଣଜୀ ଟ୍ରଫିର ୬ଷ୍ଠ ପର୍ଯ୍ୟାୟ ମୁକାବିଲାରେ ଘରୋଇ ଓଡ଼ିଶା ଦଳ ନୈରାଶ୍ୟଜନକ ପ୍ରଦର୍ଶନ ଦେଖାଇଛି। କଟକ ଟାଙ୍ଗୀ ସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଉତ୍ତରାଖଣ୍ଡ ଦଳ ଉଭୟ ବ୍ୟାଟ୍ ଓ ବଲରେ କମାଲ କରିଛି । ପ୍ରଥମେ ଉତ୍ତରାଖଣ୍ଡ ବ୍ୟାଟିଂ କରି ୩୪୨ରନ୍‌ର ବଡ ସ୍କୋର କରିଥିଲା। ପରେ ପରେ ଉତ୍ତରାଖଣ୍ଡ ବୋଲର ଘାତକ ବୋଲିଂ କରି ଓଡ଼ିଶାକୁ ୪୧.୨ ଓଭର ସୁଦ୍ଧା ୧୨୩/୬ରନ୍‌ର ଅଟକାଇ ରଖିଛନ୍ତି । ପୁଣି ଥରରେ ଓଡ଼ିଶା ବ୍ୟାଟର ଚରମ ବିଫଳାର ଶିକାର ହୋଇଛନ୍ତି । ଦଳର ନିର୍ଭର ଯୋଗ୍ୟ ବ୍ୟାଟର ଶୁଭ୍ରାଂଶୁ ସେନାପତି ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ସାନ୍ତନୁ ମିଶ୍ର ଫେଲ ମାରିବାରୁ ଓଡ଼ିଶା ଫଲୋଅନ ଟାଳିବାକୁ ସଂଘର୍ଷ କରୁଛି। ଦ୍ୱିତୀୟ ଦିବସ ଷ୍ଟମ୍ପସ୍ ଅପସାରଣ ବେଳକୁ ଓଡ଼ିଶା ୬ ୱିକେଟ୍ ହରାଇ ୧୨୩ରନ୍ କରିବା ସହ ୨୧୯ରନ୍ ପଛରେ ରହିଛି । ପ୍ରୟାସ ସିଂ ୮ରନ୍ କରି ଅପରାଜିତ ଥିଲେ ।





ଦ୍ୱିତୀୟ ଦିନ ଉତ୍ତରାଖଣ୍ଡ ଦଳ ୨୩୨/୩ରୁ ପାଳି ଆରମ୍ଭ କରି ଦଳୀୟ ସ୍କୋରରେ ଆଉ ୧୧୦ରନ୍ ଯୋଡିବାକୁ ସମର୍ଥ ହୋଇଥିଲା । ଶତକୀୟ (୧୦୧) ଇନିଂସ୍ ଖେଳି ଅପରାଜିତ ଥିବା ବୈଭବ ଭଟ୍ଟ ୧୧୫ରନ୍ କରି ବିପ୍ଳବ ସାମନ୍ତରାୟଙ୍କ ଶିକାର ହୋଇଥିଲେ। ପରେ ପରେ ସ୍ୱପ୍ନିଳ ସିଂ ୩୭ରନ୍, ଆଦିତ୍ୟ ତାରେ ୧୭, ଅଖିଲ ରାୱତ ୫୦ରନ୍ କରିବାରୁ ଉତ୍ତରାଖଣ୍ଡ ୧୩୧.୩ ଓଭରରେ ୩୪୨ରନ୍ କରି ଅଲଆଉଟ୍ ହୋଇଥିଲା । ଓଡ଼ିଶାର ସୁନୀଲ ରାଉଳ ଓ ହର୍ଷିତ ରାଠୋର ୩ଟି ଲେଖାଏଁ ତଥା ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବିପ୍ଳବ ସାମନ୍ତରାୟ ଓ ପ୍ରୟାସ ସିଂ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

ଉତ୍ତରାଖଣ୍ଡ ପାଳି ଶେଷ ହେବା ପରେ ଓଡ଼ିଶା ଦଳ ଦ୍ୱିତୀୟ ତଥା ତୃତୀୟ ଅଧିବେଶନ ଖେଳିଥିଲା। ବ୍ୟାଟିଂ ଫ୍ରେଣ୍ଡଲି ଭଳି ପ୍ରତିୟମାନ ହେଉଥିବା ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ବ୍ୟାଟର ସମ୍ପୂର୍ଣ୍ଣରୂପେ ଫସି ଯାଇଛନ୍ତି । ପୁଣି ଥରେ ଓପନିଂ ଯୋଡି ଫେଲ ମାରିଛି। ଅଧିନାୟକ ସାନ୍ତନୁ ମିଶ୍ର ଓ ଆଶୀର୍ବାଦ ସ୍ୱାଇଁ ପାଳି ଆରମ୍ଭ କରିଥିବା ବେଳେ ସାନ୍ତନୁ ୫ରନ କରି ନେଗୀଙ୍କ ଶିକାର ହୋଇଥିଲେ । କିନ୍ତୁ ଓପନିଂ ସ୍ଲଟରେ ୱିକେଟ ରକ୍ଷକ ଆଶୀର୍ବାଦ ମୈଦାନକୁ ଓହ୍ଲାଇବା ସହ ୫୪ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି । ତାଙ୍କ ବ୍ୟତୀତ ଗୋବିନ୍ଦ ପୋଦାର ୩୨ରନ କରିଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରି ନଥିଲେ । ୩/୪ ନମ୍ବର ସ୍ଥାନରେ ପଡିଆକୁ ଓହ୍ଲାଉଥିବା ସନ୍ଦୀପ ପଟ୍ଟନାୟକଙ୍କୁ ଆଜି ନାଇଟ୍ ୱାଚର ଭାବେ ରଖାଯାଇଛି। ତୃତୀୟ ଦିନ ସେ ପଡିଆକୁ ଓହ୍ଲାଇବେ । ଡ୍ରିମ୍ସରେ ସନ୍ଦୀପ ଜମ୍ମୁ-କାଶ୍ମୀର ଓ ହିମାଚଳପ୍ରଦେଶ ବିପକ୍ଷରେ ଶତକ ମାରିଥିଲେ। ତେଣୁ ଉତ୍ତରାଖଣ୍ଡ ବିପକ୍ଷରେ ମଧ୍ୟ ତାଙ୍କ ଠାରୁ ଶତକୀୟ ଇନିଂସ୍ ଆଶା ରଖିଛି ଦଳ । ବୋଲିଂରେ ଉତ୍ତରାଖଣ୍ଡର ଦୀପକ ଧପୋଲା ଓ ଅଭୟ ନେଗୀ ୨ଟି ଲେଖାଏଁ ତଥା ସ୍ୱପ୍ନିଳ ସିଂ ଓ ମୟଙ୍କ ମିଶ୍ରା ପ୍ରତ୍ୟେକ ଗୋଟିଏ କରି ୱିକେଟ୍ ସଫଳତା ପାଇଛନ୍ତି ।


## ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।



Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor-Satakadi Hota, ମୁଖ୍ୟ ସମ୍ପାଦକ : ସାତକଡ଼ି ହୋତା